

‘ବଟ୍‌ୱାରା ୧୯୪୭’ ପାଇଁ ୬୦ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-49 ♦WEDNESDAY ♦12 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୪୯ ♦ବୁଧବାର ♦୧୨ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଇରାନ ଭୟରେ ଲୁଚିଲେ ଟ୍ରମ୍ପ





■ ୱାଶିଂଟନ, ୧୧।୮ (ଏଜେନ୍ସି): ଇରାନର ଧମକ ପରେ ସୁରକ୍ଷା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ମାସ ତୁର୍କୀରୁ ବ୍ରିଟେନକୁ ଗୁପ୍ତ ଯାତ୍ରା କରିଥିବା ଜଣାପଡ଼ିଛି। ଏକ ଗୁପ୍ତ ସାମରିକ ବିମାନରେ ସେ ଏହି ଯାତ୍ରା କରିଥିବା ତଥ୍ୟ ଉଜାଗର ହୋଇଛି। ତାଙ୍କ ସୁରକ୍ଷା ପାଇଁ ଆମେରିକା ପ୍ରଶାସନ ପକ୍ଷରୁ ସରକାରୀ ବିମାନ ଏୟାରଫୋର୍ସ ୱାନକୁ କେବଳ ଲୋକଙ୍କୁ ଭ୍ରମିତ କରିବା ପାଇଁ ବ୍ୟବହାର କରାଯାଇଥିଲା। ରିପୋର୍ଟ ଅନୁସାରେ, ଜୁଲାଇ ୮ରେ ନାଟୋ ସମ୍ମିଳନୀରେ ଯୋଗ ଦେବା ପାଇଁ ଟ୍ରମ୍ପ ତୁର୍କୀର ରାଜଧାନୀ ଆଙ୍କାରାରେ ଥିଲେ। ସେଠାରୁ ବ୍ରିଟେନ ଅଭିମୁଖେ ଯାତ୍ରା କରିବା ସମୟରେ ସେ କ୍ୟାମେରା ସମ୍ମୁଖରେ ପୁରୁଣା ଏୟାରଫୋର୍ସ ୱାନ ବିମାନରେ ଚଢୁଥିବାର ଦେଖାଯାଇଥିଲା। କିନ୍ତୁ ବିମାନ ଭିତରକୁ ଯିବା ପରେ ତାଙ୍କୁ ଗୁପ୍ତ ଭାବେ ଏକ ଖାଦ୍ୟ ଓ ସାମଗ୍ରୀ ଯୋଗାଣ ଗାଡ଼ି ସାହାଯ୍ୟରେ ଅନ୍ୟ ଏକ ଛୋଟ ସାମରିକ ବିମାନ ସି-୩୨ଏକୁ ସ୍ଥାନାନ୍ତର କରାଯାଇଥିଲା। ୱାଶିଂଟନ ପୋଷ୍ଟ ଦ୍ୱାରା ପ୍ରସାରିତ ଏକ ଭିଡିଓରେ ଏହି

## ଏ-ୱାନରୁ ଓହ୍ଲାଇ ଟ୍ରକରେ ବସିଲେ

## ସାମରିକ ବିମାନରେ ବ୍ରିଟେନ ଗଲେ

ଖାଦ୍ୟ ଯୋଗାଣ ଗାଡ଼ିଟି ଏୟାରଫୋର୍ସ ୱାନରୁ ବାହାରି ଛୋଟ ବିମାନ ଆଡ଼କୁ ଯାଉଥିବା ଦେଖିବାକୁ ମିଳିଛି। ଏହି ଅପରେସନକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଥିଲା। ଏପରିକି ଏୟାରଫୋର୍ସ ୱାନରେ ଥିବା ସାମ୍ବାଦିକ ଏବଂ କିଛି ହ୍ୱାଇଟ ହାଉସ କର୍ମଚାରୀ ମଧ୍ୟ ଜାଣିପାରିନଥିଲେ ଯେ ଟ୍ରମ୍ପ ସେମାନଙ୍କ ସହ ନାହାଁନ୍ତି। ସୁରକ୍ଷା ଦୃଷ୍ଟିରୁ ସାମ୍ବାଦିକମାନଙ୍କୁ ବିମାନର ଝରକା ପରଦା ବନ୍ଦ ରଖିବାକୁ କୁହାଯାଇଥିଲା। ଏପରି ସାଧାରଣତଃ ଯୁଦ୍ଧ କ୍ଷେତ୍ରରେ କରାଯାଇଥାଏ। ସି-୩୨ଏ ବିମାନଟି ଟ୍ରମ୍ପଙ୍କୁ ନେଇ ବ୍ରିଟେନର ଆର୍‌ଏଏଫ୍ ମିଲଡେନହଲ ଏୟାରବେସରେ ପହଞ୍ଚିବାର କିଛି ସମୟ ପରେ ସାମ୍ବାଦିକମାନଙ୍କୁ ଧରି ଏୟାରଫୋର୍ସ ୱାନ ସେଠାରେ ପହଞ୍ଚିଥିଲା।

ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ପାକିସ୍ତାନ ଗସ୍ତ ସମୟରେ ମଧ୍ୟ ଏହିପରି କୌଶଳ ପ୍ରୟୋଗ ହୋଇଥିଲା।

### ଶାସକ-ବିରୋଧୀଙ୍କ ମୁହାଁମୁହିଁ ପ୍ରତିବାଦ

## ସଂସଦ ପରିସର ପାଲଟିଲା ଯନ୍ତରମନ୍ତର




■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ସଂସଦର ଚଳିତ ମୌସୁମୀ ଅଧିବେଶନ ସରିବାକୁ ଆଉ ମାତ୍ର ଦୁଇ ଦିନ ବାକିଥିବା ବେଳେ ସରକାରଙ୍କ ଜିଦ୍ ଓ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଅଚଳାବସ୍ଥା ଜାରି ରହିଛି। ତେବେ ଏହାକୁ ଦୂର କରିବା ଲାଗି ଶେଷ ମୁହୂର୍ତ୍ତରେ ସରକାର ଆଗେଇ ଆସିଥିବା ବେଳେ ଦିଲ୍ଲୀରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଆଲୋଚନା ପାଇଁ କିଛି ସର୍ତ୍ତ ରଖିଛନ୍ତି। କିନ୍ତୁ ବିରୋଧୀ ଦଳ ବିନା ସର୍ତ୍ତରେ ଆଲୋଚନା କରିବାକୁ ଜିଦରେ ଅଟଳ ରହିଥିବାରୁ ବର୍ତ୍ତମାନ ସୁଦ୍ଧା ସମାଧାନର କୌଣସି ବାଟ ଫିଟିପାରି ନାହିଁ।

### ପୁଲିସ ବର୍ବରତା, ରାମ ମନ୍ଦିର ଆଲୋଚନା ପାଇଁ ସରକାରଙ୍କ ସର୍ତ୍ତକୁ ବିରୋଧୀଙ୍କ ପ୍ରତ୍ୟାଖ୍ୟାନ

### ଲୋକସଭାରେ କେରଳମ୍, ରାଜ୍ୟସଭାରେ ଟ୍ରିବୁନାଲ ବିଲ୍ ପାରିତ


ସଂସଦ ଭିତରେ ହଟ୍ଟଗୋଳ ଜାରି ରହିଥିବା ବେଳେ ସଂସଦ ପରିସରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସଂସଦର ବାହାରେ ବିରୋଧୀ ଦଳର ସାଂସଦ ଏବଂ ଶାସକ ଏନଡିଏର ସାଂସଦମାନେ ମୁହାଁମୁହିଁ ହୋଇଛନ୍ତି। ମାତ୍ର କିଛି ମିଟର ଦୂରତାରେ ପରସ୍ପର ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସୁରକ୍ଷା କର୍ମୀମାନେ ପରସ୍ପରର ହାତ ▶ପୃଷ୍ଠା-୭

# ସୁପ୍ରିମ୍‌କୋର୍ଟରେ ‘ଡିଜି’ ବିବାଦ

## କନିଷ୍ଠ ଅଧିକାରୀଙ୍କ ସମ୍ଭାବ୍ୟ ନିଯୁକ୍ତି ଆଶଙ୍କାରେ ଜନସ୍ୱାର୍ଥ ମାମଲା; ଶୁଣାଣି ଆଜି

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୮ (ସମିସ): ଓଡ଼ିଶାର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଡିଜିପି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଙ୍ଘନ ହେଉଥିବା ଓ ଜଣେ କନିଷ୍ଠ ଅଧିକାରୀଙ୍କ ନାମକୁ ଡିଜିପି ପଦ ପାଇଁ ସୁପାରିସକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀ ପିନାକପାଣି ମହାନ୍ତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ମାମଲାର ଜରୁରୀ ଶୁଣାଣି ନିମନ୍ତେ ଆବେଦନ କରିଛନ୍ତି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ଆସନ୍ତାକାଲି ଏହାର ଜରୁରୀ ଶୁଣାଣି କରିବେ ବୋଲି ସୂଚନା ମିଳିଛି।

ବିଭିନ୍ନ ରାଜ୍ୟରେ ଡ଼ିଜି ନିଯୁକ୍ତି ସମୟରେ ସୁପ୍ରିମକୋର୍ଟଙ୍କ କେନ୍ଦ୍ର ସରକାର ବନାମ ପ୍ରକାଶ ସିଂହ ମାମଲାର ରାୟକୁ ଆଧାର ରୂପେ ଗ୍ରହଣ କରାଯାଇଥାଏ। ରାଜ୍ୟରେ ପୁଲିସ ମୁଖ୍ୟ ମନୋନୟନରେ ରାଜନୈତିକ ପ୍ରଭାବ ହ୍ରାସ କରି ଯୋଗ୍ୟତା, ବରିଷ୍ଠତା, ସେବା ରେକର୍ଡ ଓ ଅଭିଜ୍ଞତାକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ। ଜଣେ ଅଧିକାରୀଙ୍କ ନାମକୁ ବିଚାର ଯୋଗ୍ୟ କରାଯିବା ନିମନ୍ତେ ଆକସ୍ମିକ ପଦୋନ୍ନତି ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଡିଜିପି ଚୟନ ଏକ ସ୍ୱଚ୍ଛ ଓ ବସ୍ତୁନିଷ୍ଠ ପ୍ରକ୍ରିୟାରେ ହେବା ଅଧିକାରୀଙ୍କର ଅତିକମରେ ୨୫ ବର୍ଷର କ୍ରମାଗତ ସେବାର ଅଭିଜ୍ଞତା ଥିବା ଆବଶ୍ୟକ। ସେହିପରି ଅବସର ଅବଧି ୬ ମାସରୁ ଊର୍ଦ୍ଧ୍ୱ ରହିଥିବା ଜରୁରୀ। ଏହାବ୍ୟତୀତ ସେବା ରେକର୍ଡ, ଦକ୍ଷତା, ପୁଲିସିଂରେ



### ଆବେଦନକାରୀଙ୍କ ପକ୍ଷରୁ ଲଢୁଛନ୍ତି ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍

### ଜରୁରୀ ଶୁଣାଣି କରିବେ ମୁଖ୍ୟ ବିଚାରପତିଙ୍କ ସହ ତିନି ଜଣିଆ ଖଣ୍ଡପୀଠ

### ଆସନ୍ତା ୧୩ ତାରିଖରେ ବସିବ ୟୁପିଏସ୍‌ସିର ଡ଼ିଜି ମନୋନୟନ ବୈଠକ

### କିଏ ବହନ କରିବ ବରିଷ୍ଠ ଓକିଲ ଚିଦାମ୍ବରମ୍‌ଙ୍କ ଓକିଲାତି ବାବଦ ଫି

ଏହି ବ୍ୟବସ୍ଥା ଆଧାରରେ ୟୁପିଏସ୍‌ସି ଏକ ପ୍ୟାନେଲ ପ୍ରସ୍ତୁତ କରିଥାଏ ଓ ରାଜ୍ୟ ସରକାର ସେହି ପ୍ୟାନେଲରୁ ଡ଼ିଜିଙ୍କୁ ନିଯୁକ୍ତି ଦେଇଥାଆନ୍ତି। ମାତ୍ର ଓଡ଼ିଶାରେ ଡିଜିପି ଚୟନରେ ଯୋଗ୍ୟତା ଓ ନିରପେକ୍ଷତା ମାନଦଣ୍ଡକୁ ଉପେକ୍ଷା କରି ଉଚିତ ଓ ସରକାର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ପୁଲିସ ପ୍ରଶାସନର ଉଚ୍ଚ ପଦରେ ଅବସ୍ଥାପିତ କରିବା ପାଇଁ ନିୟମକୁ ଉଲ୍ଲଙ୍ଘନ କରିପାରିବେ ନାହିଁ ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଛନ୍ତି।

ସାଧାରଣତଃ ଡିଜି ପଦ ପାଇଁ ସମ୍ପୃକ୍ତ ପୁଲି ଅଭିଜ୍ଞତା ଓ ବରିଷ୍ଠତା ମଧ୍ୟ ବିଚାରକୁ ନିଆଯାଏ। ଓଡ଼ିଶା ଡିଜିପି ନିଯୁକ୍ତି ପାଇଁ ରାଜ୍ୟ ସରକାର ଏପ୍ରିଲ୍‌ରେ ୟୁପିଏସ୍‌ସିକୁ କିଛି ଅଧିକାରୀଙ୍କ ନାମ ପଠାଇଥିଲେ। ପରେ ଏହି ପ୍ୟାନେଲ୍‌କୁ ପ୍ରତ୍ୟାହାର କରାଯାଇଥିଲା ଓ ମେ’ରେ ପୁଣି ୧୧ ▶ପୃଷ୍ଠା-୭

## ଜାପାନରୁ ଫେରିବ କି ନେତାଜୀଙ୍କ ଚିତାଭସ୍ମ !



### କେନ୍ଦ୍ର ସରକାରଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଚିତାଭସ୍ମ ଜାପାନରୁ ଭାରତକୁ ଫେରାଇ ଆଣିବା ପ୍ରସଙ୍ଗରେ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ନୋଟିସ୍ ଜାରି କରିଛନ୍ତି। ନେତାଜୀଙ୍କ କନ୍ୟା ଅନିତା ବି ପାଫ୍‌ଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ରର ପ୍ରତିକ୍ରିୟା ମାଗିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି କୋର୍ଟରେ ହାଜର ହୋଇ ଯୁକ୍ତି ରଖିଥିଲେ। ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା ନେତାଜୀଙ୍କ ପାର୍ଥିବ ଅବଶେଷ ବା ଚିତାଭସ୍ମକୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଏହି ପିଟିସନରେ ନିର୍ଦ୍ଦେଶ ଦେବାକୁ ▶ପୃଷ୍ଠା-୭

**ଆଜି ସୃଷ୍ଟି ହେବ ଆଉ ଏକ ଲଘୁଚାପ**

## ୧୫ ପର୍ଯ୍ୟନ୍ତ ବର୍ଷା



■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଥିବା ବେଳେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି। ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ବାଂଲାଦେଶ-ପଶ୍ଚିମବଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ବୁଧବାର ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ତେବେ ଏହା ଆଗକୁ କେତେ ଘନୀଭୂତ ସେନେଇ ପାଣିପାଗ ବିଭାଗ କୌଣସି ସ୍ପଷ୍ଟ କରି ନ ଥିଲେ ମଧ୍ୟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆକଳନ କରାଯାଇଛି।

ଲଘୁଚାପ ଯୋଗୁଁ ବୁଧବାରଠାରୁ ବର୍ଷାର ପ୍ରଭାବ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି। ବର୍ଷାର ପ୍ରଭାବ ଉତ୍ତର ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଗୁଡିକରେ ସବୁଠୁ ଅଧିକ ରହିବ। ଏହାସହ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ବୁଧବାର ଅନୁଗୁଳ ଓ କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ ▶ପୃଷ୍ଠା-୭

**ଧାନ ରୋଇବା ବେଳେ ଅଘଟଣ**

## ବଜ୍ରପାତରେ ୪ ମହିଳା ମୃତ

■ ରାଉରକେଲା /ବଣାଇଁଗଡ଼, ୧୧।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଓ ବାଲିଶଙ୍କର ଅଞ୍ଚଳରେ ବଜ୍ରପାତ ଘଟି ୪ ଜଣ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ୬ ମହିଳା ଗୁରୁତର ହୋଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷାରେ ଧାନ ତଳି ରୋଉଥିବାବେଳେ ବଜ୍ରପାତ ଯୋଗୁଁ ଏପରି ଦୁଃଖଦ ଘଟଣା ଘଟିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଜିଲ୍ଲାର ବାଲିଶଙ୍କରା ଥାନା ଅଧୀନ ଚାନ୍ଦିନିମାଳ ଗାଁରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ କିଛି ମହିଳା ଶ୍ରମିକ ଆସି ଏକ ଧାନ ବିଲରେ ଧାନ ତଳି ରୋଉଥିଲେ। ଏହି ସମୟରେ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ଘଟିଥିଲେ। ଏହି ବଜ୍ରପାତରେ ୨ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ମୃତକ ଦ୍ୱୟ ହେଲେ ସୁଶୀଳା ତିର୍କୀ (୭୦), ଚମ୍ପା ତିର୍କୀ(୪୯)। ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଘର ଛତିଶଗଡ଼ର ଯଶପୁର ଜିଲ୍ଲା ଅଧୀନ ତୁମଲା ଗ୍ରାମରେ ବୋଲି ଜଣାପଡ଼ିଛି। ଆହତ ୫ ଜଣଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ ଏନ୍‌ଟିପିସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ଆହତ ୪ ଜଣଙ୍କୁ ସୁନ୍ଦରଗଡ଼ ଜିଲ୍ଲା ସରକାରୀ ହସ୍ପିଟାଲରେ ଭର୍ତ୍ତି ▶ପୃଷ୍ଠା-୭

## ଯୁବକଙ୍କ ମୃତ୍ୟୁ, ୨ ଆହତ

■ ରାସଗୋବିନ୍ଦପୁର, ୧୧।୮ (ସମିସ): ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତ ଯୁବକ କାପୋଇ ଗ୍ରାମର ହିନ୍ଦୁ ମୁର୍ମୁଙ୍କ ପୁଅ ଶିବଶଙ୍କର ମୁର୍ମୁ (୩୫)। ଶିବଶଙ୍କର ବିଲରେ କାମ ସାରି ମଙ୍ଗଳବାର ଦିନ ପ୍ରାୟ ୨ଟା ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିବଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ▶ପୃଷ୍ଠା-୭

**ସମବାୟ ଭିତ୍ତିଭୂମି**

## ଦେଶରେ ଓଡ଼ିଶା ତଳଆଡୁ ଆଗୁଆ

### ୫ ବର୍ଷରେ ଏନ୍‌ସିଡିସି ବାଣ୍ଟିଛି ୩୯ ୬୭ ୬୦ କୋଟି

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟରେ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ନେଇ ରାଜ୍ୟ ସରକାର ଯୁକ୍ତି ବାଢୁଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ସହଯୋଗରେ ଚାଷୀ, ମହିଳା ଏବଂ ସାଧାରଣ ଉଦ୍ୟୋଗୀମାନେ ବିଶେଷ ଭାବରେ ଉପକୃତ ହେଉଥିବା ନେଇ ଦାବି କରାଯାଉଛି। ମାତ୍ର କେନ୍ଦ୍ର ସରକାରଙ୍କ ତଥ୍ୟ ହେଉଛି ଭିନ୍ନ। ଗତ ୫ ବର୍ଷରେ କେନ୍ଦ୍ର ସରକାରଙ୍କ କେନ୍ଦ୍ର ସମବାୟ ଉନ୍ନୟନ ନିଗମ(ଏନସିଡିସି) ଦେଶବ୍ୟାପୀ ଋଣ ଓ ଅନୁଦାନ ବାବଦରେ ରାଜ୍ୟମାନଙ୍କୁ ମୋଟ ୩ ଲକ୍ଷ ୯୬ ହଜାର ୭୬୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। ଏଥିରେ ସିଂହଭାଗ ଅର୍ଥ ଋଣ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଆଉ କିଛି ଅର୍ଥ ଭିତ୍ତିଭୂମି ବିକାଶ ପାଇଁ ବ୍ୟବହାର କରାଯାଉଛି। ସମବାୟ କ୍ଷେତ୍ରର ଉନ୍ନତି ପାଇଁ ଏହି ସହାୟତା ଉଦ୍ଦିଷ୍ଟ ଥିଲା ବେଳେ ଏଥିରୁ ଓଡ଼ିଶାକୁ ମାତ୍ର ୨୩ କୋଟି ୩୬ ଲକ୍ଷ ଟଙ୍କା ମିଳିଛି। ଯାହା ମୋଟ ଅନୁଦାନର ୦.୦୦୫ ପ୍ରତିଶତ ଅଟେ। ରାଜ୍ୟର ଦୁର୍ବଳ ସମବାୟ ଭିତ୍ତିଭୂମି କାରଣରୁ ଓଡ଼ିଶାକୁ ଅତ୍ୟନ୍ତ ନଗଣ୍ୟ ପରିମାଣର ସହାୟତା ମିଳୁଥିବା ନେଇ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### ଓଡ଼ିଶା ଭାଗରେ ପଡ଼ିଛି ମାତ୍ର ୨୩ କୋଟି ଟଙ୍କା

### ଗତବର୍ଷ ଫିସେରୀ, ମାର୍କେଟିଂ କ୍ଷେତ୍ରରେ ମିଳିନି ଟଙ୍କାଏ

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫-୨୬ରେ ଏନସିଡିସି ପକ୍ଷରୁ ମୋଟ ୧ ଲକ୍ଷ ୨୭ ହଜାର ୫୯୫ କୋଟି ଟଙ୍କାର ବାର୍ଷିକ ଆର୍ଥିକ ସହାୟତା ଋଣ ତଥା ଅନୁଦାନ ବାବଦରେ ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ଏଥିର ଓଡ଼ିଶାର ଭାଗ ମାତ୍ର ୭ କୋଟି ୩ ଲକ୍ଷ ଟଙ୍କା ▶ପୃଷ୍ଠା-୭

# ପୋଲାଭରମ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ନାହାନ୍ତି ଓଡ଼ିଶାର ପ୍ରଭାବିତ

## ଅନ୍ଧାରରେ ମାଲକାନଗିରିର ହଜାର ହଜାର ଆଦିବାସୀଙ୍କ ଭାଗ୍ୟ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୧।୮ (ସମିସ): ଆନ୍ଧ୍ରର ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବ। ଅନେକ ଜନବସତି ପାଣି ଭିତରେ ହଜିଯିବ, ହଜାର ହଜାର ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବ। ଏ ପ୍ରସଙ୍ଗରେ ବାରମ୍ବାର କେନ୍ଦ୍ର ନିକଟରେ ଆପତ୍ତି କରିଛି ଓଡ଼ିଶା; ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରିଛି। ମାଲକାନଗିରି ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି କରିବାକୁ ଖୋଦ ସୁପ୍ରିମକୋର୍ଟ ଦେଇଥିବା ପରାମର୍ଶକୁ ଆନ୍ଧ୍ର ସରକାର ଖାତିର କରି ନାହାନ୍ତି। ଏହା ସତ୍ତ୍ୱେ ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ହାତ ଖୋଲି ଅନୁଦାନ ଢ଼ାଳି ଦେଇଛନ୍ତି। ପ୍ରକଳ୍ପର ୩୦୪୩୬.୯୫ କୋଟି ସଂଶୋଧିତ ବ୍ୟୟ ଅଟକଳକୁ ଗତବର୍ଷ କେନ୍ଦ୍ର ସରକାର ମଞ୍ଜୁରି ଦେବା ସହ ୫୫୧୨.୪ କୋଟି ଅନୁଦାନ

### ୫ ବର୍ଷରେ ୧୨,୬୨୦ କୋଟି ଅନୁଦାନ ଦେଇଛି କେନ୍ଦ୍ର

### ୩୦୪୩୭ କୋଟିର ସଂଶୋଧିତ ଅଟକଳକୁ ଅନୁମୋଦନ




ଦେଇଛନ୍ତି। ଯାହାକୁ ନେଇ ମାଲକାନଗିରି ଜିଲ୍ଲାର ପ୍ରଭାବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯେଉଁ ପ୍ରକଳ୍ପ ପାଇଁ ଓଡ଼ିଶା ଚିନ୍ତାପ୍ରକଟ କରିଛି, ଯେଉଁ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଥିଲେ ହେଁ ଏହାର ପ୍ରଭାବ ଆକଳନ କରାଯାଉ ନାହିଁ। ଏପରିକି ପ୍ରକଳ୍ପ କ୍ଷତିଗ୍ରସ୍ତଙ୍କ ମଧ୍ୟରେ କେବଳ ଆନ୍ଧ୍ରର ଜନସାଧାରଣ ସ୍ଥାନ ପାଇବା ମାଲକାନଗିରି ଜିଲ୍ଲାର ପ୍ରଭାବିତଙ୍କ ପ୍ରତି ଅନ୍ୟାୟ କରାଯାଇଛି।

ତେଲୁଗୁ ଦେଶମ ପାର୍ଟି ସାଂସଦ ଆର୍ କୃଷ୍ଣାୟାଙ୍କ ପ୍ରଶ୍ନରେ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ସଂସଦରେ କହିଛନ୍ତି ଯେ ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨୦୨୧-୨୨ରେ ୧,୮୯୮.୮୦ କୋଟି ଟଙ୍କା, ୨୦୨୨-୨୩ରେ ୧,୬୭୧.୨୩ କୋଟି ଟଙ୍କା, ୨୦୨୩-୨୪ରେ ୭୨୭.୮୮ କୋଟି ଟଙ୍କା, ୨୦୨୪-୨୫ରେ ୫,୫୧୨.୪୦ କୋଟି ଟଙ୍କା ଏବଂ ୨୦୨୫-୨୬ରେ ୨,୮୧୦.୨୨ କୋଟି ଟଙ୍କା ଦିଆଯାଇଛି। ଏହା ସହ ପୋଲାଭରମ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୩୦,୪୩୬.୯୫ କୋଟି ଟଙ୍କାର ସଂଶୋଧିତ ଖର୍ଚ୍ଚ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପରମୁଖ୍ୟ ନିର୍ମାଣ କାମ ମଧ୍ୟ ଦ୍ରୁତ ଗତିରେ ଆଗେଇଛି। ସ୍ପିଲ୍‌ୱେର ମାଟି ▶ପୃଷ୍ଠା-୭

# କଶ୍ମୀରରେ ୪ ସନ୍ଦିଗ୍ଧ ଆତଙ୍କବାଦୀ; ବ୍ୟାପକ ସର୍ଚ୍ଚ ଅପରେସନ ଆରମ୍ଭ

ଡୋଡା/ଶ୍ରୀନଗର, ୧୧।୮ (ଏଜେନ୍ସି): ଜାମ୍ମୁ-କାଶ୍ମୀରର ଡୋଡା ଜିଲ୍ଲାରେ ୪ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ପାହାଡ଼ ଚଢୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଏହାପରେ ସେନା ଓ ସୁରକ୍ଷା ବାହିନୀ ପକ୍ଷରୁ ବଡ଼ ଧରଣର ଅପରେସନ ଆରମ୍ଭ କରାଯାଇଛି। ସୂଚନା ଅନୁସାରେ, ଡୋଡା ଜିଲ୍ଲାର ରାମତୁଣ୍ଡ ଶିଖର ନିକଟରେ ଏହି ସନ୍ଦିଗ୍ଧମାନଙ୍କୁ ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳଟି ଉର୍ଦ୍ଧ୍ୱମପୁର ଜିଲ୍ଲାର ସିଓଜ ଧାର୍ ବେଲ୍ଟ ସହିତ ଲାଗିରହିଛି। ଏହି ଦୁର୍ଗମ, ଘଞ୍ଚ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳକୁ ଆତଙ୍କବାଦୀମାନେ ପ୍ରାୟତଃ ଗୋପନୀୟ ଭାବେ ଯାତାୟାତ କରିବା ପାଇଁ କିମ୍ବା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରନ୍ତି। ଗତ ସୋମବାର ଅପରାହ୍ଣରେ କିଛି ସ୍ଥାନୀୟ ବାସିନ୍ଦା ଏହି ସନ୍ଦିଗ୍ଧମାନଙ୍କ ଗତିବିଧି ଦେଖିବାକୁ ପାଇଥିଲେ। ସେମାନେ ଭିଡିଓ କରି ସୁରକ୍ଷା ବାହିନୀକୁ ସତର୍କ କରାଇଥିଲେ। ଖବର ପାଇ ସେନା, ପୁଲିସ ଏବଂ ସିଆରପିଏଫ ପକ୍ଷରୁ ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ମଙ୍ଗଳବାର ସକାଳେ ଉର୍ଦ୍ଧ୍ୱମପୁରରୁ ଅତିରିକ୍ତ ସୁରକ୍ଷା ବାହିନୀ ପଠାଯାଇ ଘଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ପ୍ରାଥମିକ ତଥ୍ୟ ଅନୁଯାୟୀ, ଏହି ଆତଙ୍କବାଦୀ ଗୋଷ୍ଠୀରେ ତିନିଜଣ ବିଦେଶୀ ଏବଂ ଜଣେ ସ୍ଥାନୀୟ ଆତଙ୍କବାଦୀ ଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ କୌଣସି ସିଧାସଳଖ ଗୁଳିବିନିମୟ ବା ସଂଘର୍ଷ ହୋଇନାହିଁ।



# ତାମିଲନାଡୁକୁ ପ୍ରତିଦିନ ୧୨୦୦୦ କ୍ୟୁସେକ୍ କାବେରୀ ଜଳ ଛାଡିବାକୁ କର୍ଣ୍ଣାଟକକୁ ନିର୍ଦ୍ଦେଶ

ବେଙ୍ଗାଲୁରୁ, ୧୧।୮ (ଏଜେନ୍ସି): କାବେରୀ ନଦୀ ଜଳ ବଣ୍ଟନକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗିରହିଛି। ଆଜି କାବେରୀ ଜଳ ନିୟାମକ ସମିତି (ସିଡବ୍ଲ୍ୟୁଆର୍‌ସି) ଅଗଷ୍ଟ ୧୨ରୁ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ତାମିଲନାଡୁକୁ ପ୍ରତିଦିନ ୧୨, ୦୦୦ କ୍ୟୁସେକ୍ ଜଳ ଛାଡିବା ପାଇଁ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାବେରୀ ଅବବାହିକାରେ ଥିବା ଜଳଭଣ୍ଡାରଗୁଡିକର ଜଳସ୍ତର, ପ୍ରବାହ ଏବଂ ଆଗାମୀ ପାଣିପାଗ ସୂଚନାକୁ ସମୀକ୍ଷା କରିବା ପରେ ସମିତି ଏହି ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, କର୍ଣ୍ଣାଟକ ବର୍ତ୍ତମାନ ଗୁରୁତର ଜଳାଭାବର ସମ୍ମୁଖୀନ ହେଉଛି। କାବେରୀ ନଦୀର ଜଳଭଣ୍ଡାରଗୁଡିକରେ ବର୍ତ୍ତମାନ ୭୭.୭୪୬ ଟିଏମସି ଫୁଟ୍ ଜଳ ଗଚ୍ଛିତ ଅଛି। ଏହା ଗତ ୩୦ ବର୍ଷର ହାରାହାରି ଜଳସ୍ତର ତୁଳନାରେ ୪୭ ପ୍ରତିଶତ କମ୍। ଏହି କାରଣରୁ କର୍ଣ୍ଣାଟକ ସରକାର ଜଳ ସଂରକ୍ଷଣର ଆବଶ୍ୟକତା ଦର୍ଶାଇ ଜଳ ଛାଡିବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଅନ୍ୟପଟେ, ତାମିଲନାଡୁ ଅଗଷ୍ଟ ୩୧ ସୁଦ୍ଧା ସମୁଦାୟ ୩୬.୪୭୨ ଟିଏମସି ଫୁଟ୍ ଜଳ ଦାବି କରିଥିଲା। ଏଥିରେ ପୂର୍ବରୁ ବାକି ଥିବା ୨୧.୩୫୭ ଟିଏମସି ଫୁଟ୍ ଏବଂ ବର୍ତ୍ତମାନର ଆନୁପାତିକ ଅଂଶ ୧୫.୨୭୮ ଟିଏମସି ଫୁଟ୍ ସାମିଲ ଥିଲା। ପୂର୍ବରୁ ଜୁଲାଇ ୨୮ରେ ସିଡବ୍ଲ୍ୟୁଆର୍‌ସି ଦୈନିକ ୩, ୫୦୦ କ୍ୟୁସେକ୍ ଜଳ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କର୍ଣ୍ଣାଟକ ଏହାର ବିରୋଧ କରିଥିଲା। ପାଣିପାଗର ଅନିଶ୍ଚିତତା ଏବଂ ଜଳଭଣ୍ଡାରରେ କମୁଥିବା ଜଳସ୍ତର ଯୋଗୁଁ ଉଭୟ ରାଜ୍ୟ ମଧ୍ୟରେ ଏହି ଜଳ ବିବାଦ ଆଗାମୀ ଦିନରେ ଅଧିକ ଜଟିଳ ହେବାର ସମ୍ଭାବନା ରହିଛି।



# ହାତରେ ତ୍ରିରଙ୍ଗା ଧରି ମହାକାଶରୁ ଭାରତକୁ ସ୍ୱାଧୀନତା ଦିବସର ଶୁଭେଚ୍ଛା



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଭାରତର ୮୦ତମ ସ୍ୱାଧୀନତା ଦିବସ ପୂର୍ବରୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ରୁଷୀୟ ମହାକାଶଚାରୀ ସ୍ୱତନ୍ତ୍ର ବାର୍ତ୍ତା ପଠାଇଛନ୍ତି। ରୁଷର ମହାକାଶ ଗବେଷଣା ସଂସ୍ଥା 'ରୋସକୋସମୋସ'ର ମହାକାଶଚାରୀମାନେ ହାତରେ ଭାରତୀୟ ତ୍ରିରଙ୍ଗା ଧରି ଭାରତବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଦୁଇ ଦେଶ ମଧ୍ୟରେ ଥିବା ଦୀର୍ଘ ଦଶନ୍ଧିର ମହାକାଶ ସହଯୋଗକୁ ମନେ ପକାଇଛନ୍ତି। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ମହାକାଶଚାରୀ ପ୍ୟୋଟର ଦୁବ୍ରୋଭ ଭାରତବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ସ୍ୱାଧୀନତା ଦିବସର ଅଭିନନ୍ଦନ ଜଣାଇଛନ୍ତି। ସେ ମହାକାଶ ବିଜ୍ଞାନ କ୍ଷେତ୍ରରେ ମସ୍କୋ ଏବଂ ନୂଆଦିଲ୍ଲୀ ମଧ୍ୟରେ ଥିବା ସମ୍ପର୍କକୁ ଦୁଇ ଦେଶର ବନ୍ଧୁତାର ଏକ ମୁଖ୍ୟ ସ୍ତମ୍ଭ ଭାବେ ବର୍ଣ୍ଣନା କରିଛନ୍ତି। ଏହି ସନ୍ଦେଶରେ ମହାକାଶଚାରୀମାନେ ମାନବ ମହାକାଶ ଯାତ୍ରାର ପ୍ରଥମ ଅଧ୍ୟାୟର ସ୍ମୃତିଚାରଣ କରିଛନ୍ତି। ଚଳିତ ବର୍ଷ ସୋଭିଏତ୍ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ପ୍ରଥମ ମହାକାଶ ଯାତ୍ରାର ୬୫ ବର୍ଷପୂର୍ତ୍ତି ପାଳନ କରାଯାଉଛି। ୧୯୬୧ ମସିହାରେ ଗାଗାରିନ୍ ଭାରତ ଗସ୍ତ କରିଥିଲେ। ମହାକାଶରୁ ଭାରତ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଏଠାରେ ରହୁଥିବା ବନ୍ଧୁମାନଙ୍କ ପାଇଁ ପୃଥିବୀପୃଷ୍ଠରେ ଏହି ଦେଶ ଅଧିକ ସୁନ୍ଦର ବୋଲି ଗାଗାରିନ୍ କହିଥିଲେ। ସେହି କଥାକୁ ରୁଷୀୟ ମହାକାଶଚାରୀମାନେ ମନେ ପକାଇଛନ୍ତି। ମହାକାଶଚାରୀମାନେ କହିଛନ୍ତି ଯେ, ୧୯୭୫ ମସିହାରେ ସୋଭିଏତ୍ ସଂଘ ସହାୟତାରେ ଭାରତର ପ୍ରଥମ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ଉତ୍କ୍ଷେପଣ କରାଯାଇଥିଲା। ଏହାର ପ୍ରାୟ ଏକ ଦଶନ୍ଧି ପରେ ୧୯୮୪ ମସିହାରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ସୋଭିଏତ୍ ମହାକାଶଯାନ ସୋୟୁଜ୍ ଟି-୧୧ ଯୋଗେ ମହାକାଶ ଯାତ୍ରା କରିଥିଲେ। ଏହି ବନ୍ଧୁତା ଏବେ 'ଗଗନଯାନ' ମିଶନ ମାଧ୍ୟମରେ ଏକ ନୂତନ ଯୁଗରେ ପଦାର୍ପଣ କରିବ। ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ ଗଗନଯାନ ପାଇଁ ଭାରତୀୟ ମହାକାଶଚାରୀମାନେ ରୁଷର ୟୁରି ଗାଗାରିନ୍ ମହାକାଶଚାରୀ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ଗ୍ରହଣ କରିଛନ୍ତି। ଏହି ଅବସରରେ ରୋସକୋସମୋସ ଏବଂ ଇସ୍ରୋ ଦ୍ୱାରା ମିଳିତ ଭାବେ ଆୟୋଜିତ ଏକ ପ୍ରତିଯୋଗିତାର ବିଜେତାମାନଙ୍କ କୃତିକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ମହାକାଶଚାରୀ ଆନ୍ଦ୍ରେ ଫେଡିୟାଭ ଭାରତୀୟ ପତାକା ଧରି 'ଭାରତ-ରୁଷ ବନ୍ଧୁତା ଅମର ରହୁ' ବୋଲି କହିବା ସହ ଭାରତର ଉତ୍ତରୋତ୍ତର ସଫଳତା କାମନା କରିଥିଲେ।

## ନିଶା ପରୀକ୍ଷାରେ ଧରାପଡ଼ିଲେ

# ମାରିଜୁଆନା ସେବନ କରିଥିଲେ ପାଇଲଟ୍



**ଓଡ଼ିଶା ଆକାଶରେ ଉଡୁଥିଲା ଏୟାର ଇଣ୍ଡିଆ ବିମାନ ୩୦୦ ଫୁଟ୍ ତଳକୁ ଖସିଆସିଥିଲା, ୧୭ ଆହତ**

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୨୩୭୯ରେ ଅଗଷ୍ଟ ୪ରେ ଘଟିଥିବା ବିପଜ୍ଜନକ ଦୁର୍ଘଟଣାକୁ ନେଇ ତଥ୍ୟ ସାମ୍ନାକୁ ଆସିଛି। ଦ୍ୱିତୀୟ ଥର ପାଇଁ କରାଯାଇଥିବା ଡ୍ରଗ୍ ଟେଷ୍ଟରେ ବିମାନର ପାଇଲଟ୍-ଇନ୍-କମାଣ୍ଡ ପଜିଟିଭ୍ ଆସିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପାଇଲଟ୍ ଜଣକ ମାରିଜୁଆନା ବା ନିଶା ଦ୍ରବ୍ୟ ସେବନ କରିଥିଲେ। ଏହି ଘଟଣା ବିମାନ ଚଳାଚଳ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରିପୋର୍ଟ ଅନୁଯାୟୀ, ବିମାନଟି ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ଓଡ଼ିଶା ଉପର ଦେଇ ଉଡ଼ିଥିଲା। ଭୁବନେଶ୍ୱର ଆକାଶ ମାର୍ଗରେ ହିଁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସି ଆସିଥିଲା। ଏହି ସମୟରେ ବିମାନରେ ଭୀଷଣ କମ୍ପନ ସୃଷ୍ଟି ହୋଇଥିଲା। ଏହାଯୋଗୁଁ ୨୦ ଜଣ ଯାତ୍ରୀ ଏବଂ ୪ ଜଣ କ୍ରୁ ସଦସ୍ୟଙ୍କ ସମେତ ମୋଟ ୨୪ ଜଣ ଆହତ ହୋଇଥିଲେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏହି ଘଟଣାର ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ଅନୁଯାୟୀ, ବିମାନର ହାଇଡ୍ରୋଲିକ୍ ସିଷ୍ଟମ ତିନିଥର ବିଫଳ ହୋଇଥିଲା ଏବଂ ଅଟୋ-ପାଇଲଟ୍ ସିଷ୍ଟମ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା। ଏହାପରେ କୋ-ପାଇଲଟ୍ ବିମାନର ନିୟନ୍ତ୍ରଣ ନିଜ ହାତକୁ ନେଇ ଏହାକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। କିନ୍ତୁ ଘଟଣା ପରେ ହୋଇଥିବା ପରୀକ୍ଷାରେ ପାଇଲଟଙ୍କ ଶରୀରରେ ନିଶାଦ୍ରବ୍ୟ ମିଳିଛି। ଫଳସ୍ୱରୂପ, ଉଭୟ ପାଇଲଟଙ୍କୁ କାର୍ଯ୍ୟରୁ ବାଦ୍ ଦିଆଯାଇଛି। ଏୟାରବସ୍ ଏ୩୨୦ ବିମାନଟି ଫ୍ରାନ୍ସର ବିଇଏ କମ୍ପାନୀ ଦ୍ୱାରା ନିର୍ମିତ। ତେଣୁ ଫ୍ରାନ୍ସର ବିଶେଷଜ୍ଞ ଦଳ ଏବଂ ଏୟାରବସ୍ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଭାରତରେ ପହଞ୍ଚି ତଦନ୍ତରେ ସହାୟତା କରୁଛନ୍ତି। ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନଙ୍କୁ ଏହି ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ସମନ କରାଯାଇଛି। ଘଟଣାର ସମସ୍ତ ଦିଗ ନେଇ ବିଶେଷଜ୍ଞ ଦଳ ସହିତ ଆଲୋଚନା ହୋଇଛି। ଆଲୋଚନାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ, ବେସାମରିକ ବିମାନ ଚଳାଚଳ ସଚିବ ଏବଂ ଡିଜିସିଏର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବିମାନଟି ଏତେ ବଡ଼ ଦୁର୍ଘଟଣା ପରେ ମଧ୍ୟ କାହିଁକି ନିକଟସ୍ଥ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ ନକରି ସିଧା ଦିଲ୍ଲୀ ଯାଇଥିଲା, ସେ ନେଇ ମଧ୍ୟ ଅନୁସନ୍ଧାନ ଜାରି ରହିଛି। ତେବେ ଏୟାର ଇଣ୍ଡିଆ କହିଛି ଯେ ଦୁର୍ଘଟଣାର ତଦନ୍ତ ଜାରି ରହିଥିବାରୁ କୌଣସି ଚରମ ସିଦ୍ଧାନ୍ତ ଉପରେ ମନ୍ତବ୍ୟ ଦେଇପାରିବ ନାହିଁ।

# ଯୁଦ୍ଧ ପାଇଁ ଇରାନକୁ କ୍ଷତିପୂରଣ ମାଗିଲେ ଟ୍ରମ୍ପ

ୱାସିଂଟନ, ୧୧।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ରକ୍ତପାତ ଏବଂ ଜୀବନହାନି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଧାସଳଖ ଇରାନକୁ ଦାୟୀ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ଇରାନ ଠାରୁ କ୍ଷତିପୂରଣ ଦାବି କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ବିଗତ ୫୦ ବର୍ଷ ମଧ୍ୟରେ ଇରାନ ଦ୍ୱାରା ହତ୍ୟାର ଶିକାର ହୋଇଥିବା ଶହ ଶହ ନିର୍ଦ୍ଦୋଷ ପ୍ରତିବାଦକାରୀଙ୍କ ପରିବାରକୁ କ୍ଷତିପୂରଣ ମିଳିବା ଆବଶ୍ୟକ। ଏହା ବ୍ୟତୀତ ଗତ ୫ ମାସର ସଂଘର୍ଷରେ ଲେବାନନ, ସିରିଆ, ୟେମେନ ଏବଂ ଗାଜାରେ ପ୍ରାଣ ହରାଇଥିବା ପ୍ରାୟ ୫୨, ୦୦୦ ଲୋକଙ୍କ ମୃତ୍ୟୁ ପାଇଁ ସେ ଇରାନର ଶାସନକଳକୁ ଦାୟୀ କରିଛନ୍ତି। ସୂଚନାଯୋଗ୍ୟ, ହର୍ମୁଜ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଇରାନ ପକ୍ଷରୁ ଏକ ସର୍ତ୍ତ ରଖାଯାଇଥିଲା। ଏହି ସଂଘର୍ଷରେ ହୋଇଥିବା କ୍ଷତି ପାଇଁ ୱାସିଂଟନ ଅର୍ଥ ପ୍ରଦାନ କରୁ ବୋଲି ତେହେରାନ ଦାବି କରିଥିଲା। କିନ୍ତୁ କ୍ଷତିପୂରଣ ଦେବା ବଦଳରେ ଟ୍ରମ୍ପ ଓଲଟା ଇରାନ ଉପରେ କ୍ଷତିପୂରଣର ବୋଝ ଲଦିଛନ୍ତି। ଏହା ମଧ୍ୟରେ ଇସ୍ରାଏଲର ଏକ ରିପୋର୍ଟ ପରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏହି ଖବରକୁ ଖଣ୍ଡନ କରି ଖାମେନେଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ଅନ୍ୟପକ୍ଷରେ, ପଶ୍ଚିମ ଏସିଆର ଏହି ଅସ୍ଥିରତା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୭.୮୧ ଡଲାରରେ ପହଞ୍ଚିଛି। ଟ୍ରମ୍ପଙ୍କ ଏହି ନୂଆ ଆଭିମୁଖ୍ୟ ପରେ ପରିସ୍ଥିତିରେ ସୁଧାର ଆଶା କମ୍ ଦେଖାଦେଇଛି।





# ସିରିଆର ପୂର୍ବତନ ଶାସକଙ୍କୁ ମୃତ୍ୟୁଦଣ୍ଡାଦେଶ

ଦାମାସ୍କସ, ୧୧।୮ (ଏଜେନ୍ସି): ସିରିଆର ରାଜଧାନୀ ଦାମାସ୍କସର ଏକ କୋର୍ଟ ଦେଶର ପୂର୍ବତନ ଏକଛତ୍ରବାଦୀ ଶାସକ ବଶର ଅଲ୍-ଅସଦଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଦେଶର ଗୃହଯୁଦ୍ଧ ସମୟରେ ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ ଅପରାଧ ପାଇଁ ତାଙ୍କୁ ଏହି ଦଣ୍ଡାଦେଶ ଦିଆଯାଇଛି। ୨୦୨୪ ଡିସେମ୍ବରରେ ଅସଦ ସରକାରର ପତନ ହେବା ପରେ ଅହମ୍ମଦ ଅଲ-ସାରାଙ୍କ ନେତୃତ୍ୱରେ ଏକ ନୂତନ ସରକାର ଶାସନ ଭାର ଗ୍ରହଣ କରିଥିଲେ। ବିଦ୍ରୋହୀମାନେ ଦାମାସ୍କସ ନିକଟତର ହେବା ପରେ ଅସଦ ନିଜ ପରିବାର ସହ ମସ୍କୋକୁ ପଳାୟନ କରି ଆଶ୍ରୟ ନେଇଛନ୍ତି। ତାଙ୍କର ଅନୁପସ୍ଥିତିରେ ଅଦାଲତ ଏହି ଶୁଣାଣି କରିଛନ୍ତି। ଅସଦଙ୍କ ଶାସନ କାଳରେ ସାଧାରଣ ନାଗରିକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା, ନିର୍ଯାତନା, ବେଆଇନ ଗିରଫଦାରୀ ଏବଂ ସାଧାରଣ ଅଞ୍ଚଳ ଉପରେ ଆକ୍ରମଣ ଭଳି ଅନେକ ଗୁରୁତର ଅଭିଯୋଗ ରହିଛି। ଏହା ବ୍ୟତୀତ, ତାଙ୍କ ସରକାର ବିରୋଧରେ ୨୦୧୩ରେ ଘୁଟା ଅଞ୍ଚଳରେ ସାରିନ୍ ଗ୍ୟାସ ଭଳି ରାସାୟନିକ ଅସ୍ତ୍ର ବ୍ୟବହାର କରିଥିବା ଅଭିଯୋଗକୁ ମଧ୍ୟ ଜାତିସଂଘ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରମାଣିତ କରାଯାଇଛି। ଅଦାଲତ ଅସଦଙ୍କ ସମ୍ପର୍କୀୟ ଭାଇ ତଥା ପୂର୍ବତନ ସୁରକ୍ଷା ନିର୍ଦ୍ଦେଶକ ଆତିଫ ନଜିବଙ୍କୁ ମଧ୍ୟ ଯୋଜନାବଦ୍ଧ ହତ୍ୟା ଓ ନିର୍ଯାତନା ପାଇଁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ନଜିବଙ୍କୁ ପ୍ରତ୍ୟକ୍ଷ ଭାବେ କୋର୍ଟରେ ହାଜର କରାଯାଇ ଏହି ଦଣ୍ଡାଦେଶ ଦିଆଯାଇଛି। ୨୦୦୦ରେ ପିତା ହାଫେଜ ଅଲ-ଅସଦଙ୍କ ମୃତ୍ୟୁ ପରେ ବଶର ଅଲ୍-ଅସଦ କ୍ଷମତାକୁ ଆସିଥିଲେ। ଦୀର୍ଘ ୨୪ ବର୍ଷ ଧରି ସେ ଦେଶରେ ଏକଛତ୍ରବାଦୀ ଶାସନ ଚଳାଇଥିଲେ। ୨୦୧୧ରେ ଆରମ୍ଭ ହୋଇଥିବା ଗଣତାନ୍ତ୍ରିକ ବିକ୍ଷୋଭକୁ ଦମନ କରିବା ପାଇଁ ସେ ସାମରିକ ବଳ ପ୍ରୟୋଗ କରିଥିଲେ। ଏହା ପରବର୍ତ୍ତୀ ସମୟରେ ଭୟଙ୍କର ଗୃହଯୁଦ୍ଧର ରୂପ ନେଇଥିଲା। ଏହି ସଂଘର୍ଷରେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିବା ସହ କୋଟି କୋଟି ଲୋକ ନିଜ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଥିଲେ। ସମ୍ପ୍ରତି ସିରିଆର ନୂତନ ପ୍ରଶାସନ ପୂର୍ବତନ ଶାସନକାଳର ଅଧିକାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଅସଦ ବର୍ତ୍ତମାନ ଦେଶ ବାହାରେ ରହିଛନ୍ତି। ତଥାପି ଏହି ରାୟକୁ ସିରିଆର ନ୍ୟାୟିକ ବ୍ୟବସ୍ଥାରେ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି।

## ପଶ୍ଚିମବଙ୍ଗ ଭୋଟର ତାଲିକା ସଂଶୋଧନ ମାମଲା

# ନିର୍ବାଚନ କମିସନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକା ସଂଶୋଧନ ସମୟରେ ବହୁ ସଂଖ୍ୟକ ଭୋଟରଙ୍କ ନାମ କଟାଯାଇଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ କମିଶନଙ୍କ ଠାରୁ ବିସ୍ତୃତ ତଥ୍ୟ ମାଗିଛନ୍ତି। କୋର୍ଟ ଚେତାବନୀ ଦେଇଛନ୍ତି ଯେ, ମାମଲାଗୁଡ଼ିକ ଯେଉଁଭଳି ଭାବେ ଧୀର ଗତିରେ ପରିଚାଳିତ ହେଉଛି, ସେଥିରେ ସମାଧାନ ହେବା ପୂର୍ବରୁ ଆଗାମୀ ନିର୍ବାଚନ ଆସିଯିବ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍) ସମ୍ପର୍କିତ ବହୁ ସଂଖ୍ୟକ ମାମଲା ଆପିଲେଟ୍ ଟ୍ରିବ୍ୟୁନାଲରେ ପଡ଼ି ରହିଥିବାରୁ ଏହାର ଶୀଘ୍ର ସମାଧାନ ପାଇଁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଭୋଟର ତାଲିକାରୁ ନାମ କଟାଯିବା ବିରୋଧରେ ଦାଖଲ ଅପିଲ ଗୁଡ଼ିକର ତଥ୍ୟ ମାଗିଛନ୍ତି। ଏହାସହ ତନ୍ମଧ୍ୟରୁ କେତୋଟିର ଫଇସଲା ହୋଇଛି ଏବଂ କେତୋଟି ମାମଲା ଏବେ ମଧ୍ୟ ପଡ଼ି ରହିଛି, ଆପିଲେଟ୍ ଟ୍ରିବ୍ୟୁନାଲ ଏହି ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କୋର୍ଟ ତଥ୍ୟ ତଲବ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ଅଧୀନରେ ପ୍ରସ୍ତୁତ ଚିଠା ଭୋଟର ତାଲିକାରୁ ପ୍ରାୟ ୫୮.୨ ଲକ୍ଷ ନାମ କଟାଯାଇଛି। ପୂର୍ବରୁ ରାଜ୍ୟରେ ୭.୬୬ କୋଟି ପଞ୍ଜିକୃତ ଭୋଟର ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୭.୦୮ କୋଟିକୁ ହ୍ରାସ ପାଇଛି।

# ମୁଁ କେବଳ ଆପଣଙ୍କ ଚାପରେ ଅଛି



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ରାଜ୍ୟସଭାରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡଗେଙ୍କ ଦ୍ୱାରା ଉଠାଯାଇଥିବା ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ପ୍ରସଙ୍ଗକୁ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ ଅଗ୍ରାହ୍ୟ କରିଦେବା ପରେ ଗୃହରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟସଭା ଅଧ୍ୟକ୍ଷ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟ ସମ୍ପର୍କିତ ବିଷୟଗୁଡ଼ିକୁ ସଂସଦରେ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଖାଡଗେ ରାମ ମନ୍ଦିର ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ। ଏହାର ଜବାବରେ ଅଧ୍ୟକ୍ଷ କହିଥିଲେ ଯେ ସେ ଶାସକ ଦଳକୁ ମଧ୍ୟ ଝାଡ଼ଖଣ୍ଡ ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯାଇନାହିଁ। କାରଣ ତାହା ମଧ୍ୟ ଏକ ରାଜ୍ୟ ସମ୍ପର୍କିତ ବିଷୟ।

ସୂଚନାଯୋଗ୍ୟ, ରାଞ୍ଚିରେ ସରକାରୀ ଚାକିରି ପରୀକ୍ଷାରେ ସ୍ୱଚ୍ଛତା ଦାବି କରି ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଲାଠିଚାଳନା କରିଥିବା ଘଟଣାକୁ ଶାସକ ଦଳ ଉଠାଇବାକୁ ଚାହୁଁଥିଲେ। ଅଧ୍ୟକ୍ଷ ଓ ଖାଡଗେଙ୍କ ମଧ୍ୟରେ ଯୁକ୍ତିତର୍କ ଗୃହରେ ହଟ୍ଟଗୋଳ ହୋଇଥିଲା। ଏହି ସମୟରେ ମଲ୍ଲିକାର୍ଜୁନ ଖାଡଗେ ଅଭିଯୋଗ କରିଥିଲେ ଯେ, ଅଧ୍ୟକ୍ଷ ସର୍ବଦା ସରକାରଙ୍କ ଚାପରେ ରହୁଛନ୍ତି। ଏହାର ଜବାବ ଦେଇ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ କହିଥିଲେ, 'ଖାଡଗେ ଜୀ, ଦୟାକରି ନିଜ ଆସନ ଗ୍ରହଣ କରନ୍ତୁ। ମୁଁ କେବଳ ଆପଣଙ୍କ ଚାପରେ ଅଛି। ସେମାନେ (ଶାସକ ଦଳ) ମୋ ଉପରେ କେବେ ଚାପ ପକାନ୍ତି ନାହିଁ, କିନ୍ତୁ ଆପଣ ସବୁବେଳେ ମୋ ଉପରେ ଚାପ ପକାଉଛନ୍ତି'। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିରୋଧୀ ଦଳକୁ ଅନେକ ଥର ସୁଯୋଗ ଦିଆଯାଇଛି, କିନ୍ତୁ ପ୍ରତିଦିନ ସମାନ ପ୍ରସଙ୍ଗ ଉଠାଇ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ଗୃହ ମୁଲତବୀ ବିରୋଧୀ ଦଳର ସଦସ୍ୟମାନଙ୍କ ନିରନ୍ତର ନାରାବାଜି ଏବଂ ହଟ୍ଟଗୋଳ ଯୋଗୁଁ ଗୃହର କାର୍ଯ୍ୟ ସ୍ୱାଭାବିକ ହୋଇପାରିନଥିଲା।

# ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାରୀର ପୁଅଙ୍କୁ ନିର୍ବାଚନ ଟିକଟ

ଅମୃତସର, ୧୧।୮ (ଏଜେନ୍ସି): ପଞ୍ଜାବ ବିଧାନସଭା ନିର୍ବାଚନ ୨୦୨୭ ପାଇଁ ରାଜନୈତିକ ଉଷ୍ମତା ମଧ୍ୟରେ ଶିରୋମଣି ଅକାଳୀ ଦଳ (ୱାରିସ ପଞ୍ଜାବ ଦେ) ଏହାର ପ୍ରଥମ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଦଳ କେହର ସିଂଙ୍କ ପୁଅ ସତୱନ୍ତ ସିଂଙ୍କୁ ବାସି ପଠାନା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିଛି। କେହର ସିଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପ୍ରାଣଦଣ୍ଡ ପାଇଥିଲେ। ସୂଚନାଯୋଗ୍ୟ, 'ୱାରିସ ପଞ୍ଜାବ ଦେ'ର ନେତୃତ୍ୱ ଖଲିସ୍ତାନୀ ସମର୍ଥକ ଅମୃତପାଲ ସିଂ ନେଉଛନ୍ତି। ସେ ବର୍ତ୍ତମାନ ଜାତୀୟ ସୁରକ୍ଷା ଆଇନ ଅଧୀନରେ ଜେଲରେ ଅଛନ୍ତି। ସେ ୨୦୨୪ ଲୋକସଭା ନିର୍ବାଚନରେ ଜେଲରୁ ଥାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ତାଙ୍କ ପିତା ତରସେମ ସିଂ ବର୍ତ୍ତମାନ ଦଳର ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରୁଛନ୍ତି। ଅମୃତସରରେ ସାମ୍ବାଦିକ ସମ୍ମିଳନୀରେ ତରସେମ ସିଂ ଏହି ପ୍ରାର୍ଥୀପତ୍ର ଘୋଷଣା କରିଛନ୍ତି। ଏହି ସମୟରେ ଫରିଦକୋଟ ସାଂସଦ ସରବଜିତ ସିଂ ଖାଲସା ମଧ୍ୟ ଉପସ୍ଥିତ ଥିଲେ। ସରବଜିତ ସିଂ ହେଉଛନ୍ତି ଇନ୍ଦିରା ଗାନ୍ଧୀଙ୍କୁ ଗୁଳି କରିଥିବା ଦୁଇ ସୁରକ୍ଷାକର୍ମୀଙ୍କ ମଧ୍ୟରୁ ଜଣେ ବେଅନ୍ତ ସିଂଙ୍କ ପୁଅ। ସତୱନ୍ତଙ୍କ ରାଜନୈତିକ ଅଭିଜ୍ଞତା ବିଷୟରେ କୌଣସି ସୂଚନା ମିଳିନାହିଁ। ତେବେ ଦଳ ତାଙ୍କୁ ପ୍ରାର୍ଥୀ କରି ଶିଖ୍ ସମ୍ପ୍ରଦାୟ ଓ ଧାର୍ମିକ ପ୍ରସଙ୍ଗ ବା 'ପନ୍ଥିକ' ରାଜନୀତିକୁ ଗୁରୁତ୍ୱ ଦେବାକୁ ଚାହିଁଛି।

# ହିମାଚଳରେ ୧୫୭ ମୃତ, ୨୫୭ ନିଖୋଜ

ସିମଲା, ୧୧।୮ (ଏଜେନ୍ସି): ହିମାଚଳ ପ୍ରଦେଶରେ ମୌସୁମୀ ବର୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ଏକ ମାସରେ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ରାଜ୍ୟରେ ପ୍ରାୟ ୧୫୭ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ଜରୁରୀକାଳୀନ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଜୁନ୍ ୩୦ ରୁ ଅଗଷ୍ଟ ୯ ମଧ୍ୟରେ ୬୮ ଜଣ ଭୂସ୍ଖଳନ ଓ ଆକସ୍ମିକ ବନ୍ୟା ଯୋଗୁଁ ପ୍ରାଣ ହରାଇଥିବା ବେଳେ ୮୯ ଜଣ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଏବେ ମଧ୍ୟ ପ୍ରାୟ ୨୫୭ ଜଣ ଲୋକ ନିଖୋଜ ଅଛନ୍ତି। ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ୯୦୦ଟି ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ହାରାହାରି ୮୮୬ କୋଟି ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ଯାତାୟାତ କ୍ଷେତ୍ରରେ ମଧ୍ୟ ଗୁରୁତର ବାଧା ସୃଷ୍ଟି ହୋଇଛି। ମାଣ୍ଡି-କୁଲୁ ଜାତୀୟ ରାଜପଥ ସମେତ ସମୁଦାୟ ୨୫୯ଟି ରାସ୍ତା ବନ୍ଦ ରହିଛି। ମାଣ୍ଡି ଜିଲ୍ଲାରେ ସର୍ବାଧିକ ୧୨୦ଟି ରାସ୍ତା ଅବରୋଧ ହୋଇଛି। କୁଲୁ ଏବଂ ମାଣ୍ଡି ଜିଲ୍ଲାରେ ବିଦ୍ୟୁତ୍ ଏବଂ ଜଳ ଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ରାଜ୍ୟରେ ପ୍ରାୟ ୧୬୧ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଥିବା ବେଳେ ମାଣ୍ଡିରେ ସର୍ବାଧିକ ୭୭ଟି ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ୫୪ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରଭାବିତ ହୋଇଛି। ପଡ଼ୋଶୀ ଉତ୍ତରାଖଣ୍ଡ ରାଜ୍ୟରେ ମଧ୍ୟ ବନ୍ୟାରେ ଏକ ପୋଲ ଭାସିଯାଇଛି। ସିମଲା ପାଣିପାଗ ବିଭାଗ ପକ୍ଷରୁ କାଙ୍ଗଡ଼ା, ମାଣ୍ଡି, ହାମିରପୁର, ସିମଲା ଏବଂ ସିରମୌର ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।



**ମୌସୁମୀ ତାଣ୍ଡବ; ଭୂସ୍ଖଳନରେ ୨୬୦ରୁ ଅଧିକ ରାସ୍ତା ବନ୍ଦ**

## 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାର ମାର୍ଗଦର୍ଶିକା ଜାରି

# ପରୀକ୍ଷା ଫି' ଦେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୧।୮(ସମିସ): ନିୟମିତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଧାରିତ ଫି' ଦେବାକୁ ପଡ଼ିବ ନାହିଁ। ନାମଲେଖା ଓ ପୁନଃ ନାମଲେଖା ସମୟରେ ନିଆଯାଉଥିବା ଆଡମିଶନ୍ ଫି', ଡେଭଲପମେଣ୍ଟ ଫି' ସମେତ ଅନ୍ୟାନ୍ୟ ଫି' ସରକାର ବହନ କରିବ। ମାତ୍ର ପରୀକ୍ଷା ଫି' କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ତେଣୁ ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଫି' ଦେବାକୁ ପଡ଼ିବ। କେଜିରୁ ପିଜି ମାଗଣା ଶିକ୍ଷା ସମ୍ପର୍କରେ ସରକାର ଘୋଷଣା କରିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ଜ୍ଞାନଦୋୟ-ଶିକ୍ଷାରୁ ସମୃଦ୍ଧି' ସମ୍ପର୍କିତ ବିସ୍ତୃତ ମାର୍ଗଦର୍ଶିକା ବା ଏସ୍ଓପିରୁ ଏହା ସ୍ପଷ୍ଟ ହୋଇଛି।

ମାର୍ଗଦର୍ଶିକାରେ ଆହୁରି କୁହାଯାଇଛି ଯେ ନାମଲେଖା ଫି' ବ୍ୟତୀତ ଛାତ୍ରଛାତ୍ରୀଙ୍କ ଠାରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଅନ୍ୟାନ୍ୟ ଫି' ଆଦାୟ କରିପାରିବେ। ସେମିନାର ଫି', ଏକ୍ସକରସନ୍ ଫି', ଶୈକ୍ଷିକ ଭ୍ରମଣ ଫି', ଆଲୁମିନି ଆସୋସିଏସନ୍ ଫି' ପରି କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଟଙ୍କା ଆଦାୟ କରିବାକୁ ଉଚ୍ଚଶିକ୍ଷା ବିଭାଗ ଅନୁମତି ଦେଇଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଏହି ଯୋଜନାରେ କଡ଼ାକଡ଼ି ଲାଗୁ କରିବାକୁ ଯୋଜନା ରହିଛି। ଏହି ଯୋଜନାରେ ଲାଭାନ୍ୱିତ ହେବା ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ବିଶେଷ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଅନୁମତି ଦେଲେ ଏହାକୁ କମ୍ କରାଯାଇପାରେ। ମାତ୍ର ୬୫ ପ୍ରତିଶତରୁ ଉପସ୍ଥାନ କମିଲେ ତାହାକୁ ଗ୍ରହଣ କରାଯିବ ନାହିଁ। ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଅନୁଧ୍ୟାନ କରି ଶିକ୍ଷାନୁଷ୍ଠାନକୁ ଆର୍ଥିକ ଅନୁଦାନ ମିଳିବ। ଯେଉଁ ପିଲାଙ୍କ ଉପସ୍ଥାନ ୬୫ ପ୍ରତିଶତରୁ କମ୍ ରହିବ ବା ଏହି ଯୋଜନା ପାଇଁ ଯୋଗ୍ୟ ହେବେନାହିଁ, ସେମାନଙ୍କ ପାଇଁ କୌଣସି ଫି' ସରକାର ପ୍ରଦାନ କରିବେ ନାହିଁ। କିନ୍ତୁ ଏହି ପିଲାଙ୍କ ନାମଲେଖା ଓ ଅନ୍ୟାନ୍ୟ ବାବଦକୁ ଅର୍ଥ କିପରି ଭରଣା ହେବ, ସେ ନେଇ ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇ ନାହିଁ। ଯଦି ଉପସ୍ଥାନ ହେଉ ନଥିବା ପିଲାଙ୍କ ଠାରୁ ଫି' ନିଆଯାଏ, ତାହେଲେ କିପରି ଓ କେବେ ନିଆଯିବ ସେ ସମ୍ପର୍କରେ କୌଣସି ଉଲ୍ଲେଖ କରାଯାଇ ନାହିଁ।

- ୭୫% ଉପସ୍ଥାନ ବାଧ୍ୟତାମୂଳକ, ବିଶେଷ ପରିସ୍ଥିତିରେ ୬୫% ଗ୍ରହଣୀୟ
- ପିଲାଙ୍କ ଉପସ୍ଥାନ କମିଲେ କିଏ ଦେବ ଫି'; ସ୍ପଷ୍ଟୀକରଣରେ ଅସ୍ପଷ୍ଟ
- ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଫି' ରେଗୁଲେସନ୍ କମିଟି

ନାମଲେଖା ଫି' ମଧ୍ୟ କୌଣସି ଶିକ୍ଷାନୁଷ୍ଠାନ ମନଇଚ୍ଛା ବଢ଼ାଇ ପାରିବେ ନାହିଁ। ୨୦୨୬-୨୭ ଶିକ୍ଷାବର୍ଷରେ ନାମଲେଖା ପାଇଁ ପୂର୍ବରୁ ସାମସ୍ ୱେବସାଇଟ୍‌ରେ ନିର୍ଦ୍ଧାରିତ ଫି' ଅନୁସାରେ ସରକାର ଅନୁଦାନ ଦେବେ। ସେହିପରି ୨୦୨୫-୨୬ ଶିକ୍ଷାବର୍ଷ ଅର୍ଥାତ୍ ପୂର୍ବ ବର୍ଷରେ ଧାର୍ଯ୍ୟ ହୋଇଥିବା ପୁନଃ ନାମଲେଖା ଫି' ଅନୁଯାୟୀ ଚଳିତବର୍ଷ ଅନୁଦାନ ଦିଆଯିବ। ଏହାକୁ କୌଣସି ଶିକ୍ଷାନୁଷ୍ଠାନ ପରିବର୍ତ୍ତନ କରିପାରିବେ ନାହିଁ। ଏହି ଫି' ବୃଦ୍ଧି ପାଇଁ ରାଜ୍ୟ ସ୍ତରରେ ଏକ କମିଟି ଗଠନ କରାଯିବ। ରାଜ୍ୟ ସ୍ତରୀୟ ଫି' ରେଗୁଲେସନ୍ କମିଟିରେ ଉଚ୍ଚଶିକ୍ଷା ବିଭାଗର ସଚିବ ଅଧ୍ୟକ୍ଷ ଭାବେ ରହିବେ। ସେହିପରି ଅର୍ଥ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗ, ଗଣଶିକ୍ଷା ବିଭାଗରୁ ଜଣେ ଲେଖାଏଁ ସଦସ୍ୟ କମିଟିରେ ରହିବେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଦୁଇ ଜଣ ସଦସ୍ୟଙ୍କ ସହିତ ଦୁଇଜଣ ଲେଖାଏଁ କୁଳପତି, ସରକାରୀ କଲେଜ ଅଧ୍ୟକ୍ଷ, ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷ ଓ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ରହିବେ ବୋଲି କୁହାଯାଇଛି। ଅନୁରୂପ ଭାବେ ପୂର୍ବ ଘୋଷଣା ଅନୁଯାୟୀ କଲେଜଗୁଡ଼ିକୁ ପ୍ରଥମେ ୧୦ ପ୍ରତିଶତ ଏବଂ ପରେ ୧୫ ପ୍ରତିଶତ ଅନୁଦାନ ଦିଆଯିବ। ଏହା ପରେ ପ୍ରତି ୩ ମାସରେ ୨୫ ପ୍ରତିଶତ ଲେଖାଏଁ ଟଙ୍କା ଶିକ୍ଷାନୁଷ୍ଠାନ କୁ ପ୍ରଦାନ କରାଯିବ।

■ ମାଗଣା ଶିକ୍ଷାକୁ ଅଭିଭାବକ ମହାସଂଘର ପ୍ରଶ୍ନ

## ଛାତ୍ରବୃତ୍ତି ଜାରି ରହିବ ନା ବନ୍ଦ ହେବ; ସ୍ପଷ୍ଟୀକରଣ ଦିଅନ୍ତୁ ସରକାର

ଭୁବନେଶ୍ୱର, ୧୧।୮(ସମିସ): ରାଜ୍ୟ ସରକାରଙ୍କ "କେଜିରୁ ପିଜି ମାଗଣା ଶିକ୍ଷା' ଘୋଷଣାକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପ୍ରଶ୍ନ ଉଠାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଅନୁଧ୍ୟାନ କରି ମହାସଂଘ କହିଛି ଯେ, ଯୋଜନାଟି ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ନୁହେଁ, ବରଂ କେବଳ କିଛି ଆଡମିଶନ୍ ସମ୍ବନ୍ଧୀୟ ଫି'ରେ ସୀମିତ ରହିଛି। ଛାତ୍ରଛାତ୍ରୀଙ୍କ ଠାରୁ ସରକାର ପରୀକ୍ଷା ଫି' ନେବେ। ଏଥିସହ ଆଫିଲିଏସନ୍ ସମ୍ବନ୍ଧୀୟ ଫି', ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରେସନ୍ ଚାର୍ଜ ଓ ଅନ୍ୟାନ୍ୟ ଆଇନଗତ ଦେୟ ସରକାର ବହନ କରିବେ କି ନାହିଁ, ସେନେଇ ସ୍ପଷ୍ଟତା ନାହିଁ। ସେହିପରି ସେମିନାର ଫି', ଏକ୍ସକର୍ସନ୍ ଫି', ଷ୍ଟଡି ଟୁର୍ ଫି', ଆଲୁମିନି ଆସୋସିଏସନ୍ ଫି' ଭଳି ବିଭିନ୍ନ କାର୍ଯ୍ୟକଳାପ ସମ୍ବନ୍ଧୀୟ ଦେୟ ଆଦାୟ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁମତି ଦିଆଯାଇଛି। ଏହା ଅଭିଭାବକଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରିବ। ଅପରପକ୍ଷରେ ଛାତ୍ରବୃତ୍ତିକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଥିବା ମହାସଂଘ ଅଭିଯୋଗ କରିବା ସହ "ଡୁପ୍ଲିକେଟ୍ ଫାଇନାନ୍ସିଆଲ୍ ଆସିଷ୍ଟାନ୍ସ' ସମ୍ବନ୍ଧୀୟ ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ କରିଛି। ଜଣେ ଛାତ୍ର ଏକାଧିକ ସରକାରୀ ଯୋଜନାରୁ ଆର୍ଥିକ ସହାୟତା ପାଇପାରିବେ ନାହିଁ ବୋଲି ନିର୍ଦ୍ଦେଶାବଳୀରେ ଥିବାରୁ ପୂର୍ବରୁ ଚାଲୁଥିବା ରାଜ୍ୟ ଓ କେନ୍ଦ୍ର ଛାତ୍ରବୃତ୍ତିର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଚାଲୁଥିବା ସମସ୍ତ ଛାତ୍ରବୃତ୍ତି ଜାରି ରହିବ କି ହ୍ରାସ ବା ବନ୍ଦ ହେବ, ସେନେଇ ସରକାର ତୁରନ୍ତ ଲିଖିତ ସ୍ପଷ୍ଟୀକରଣ ଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଯାଇଛି। ଏଥିସହ ପରୀକ୍ଷା ଫି' ଓ ଆବଶ୍ୟକ ଆଫିଲିଏସନ୍/ ରେଜିଷ୍ଟ୍ରେସନ୍ ବାବଦ ଫି' କୁ ମଧ୍ୟ ଯୋଜନାରେ ସାମିଲ କରିବା ପାଇଁ ସଂଘର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

---

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣିଲେନି ଅଧିକାରୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ

ବ୍ରହ୍ମପୁର/ଛତ୍ରପୁର,୧୧।୮(ସମିସ): ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବୁଗୁଡ଼ା ବ୍ଲକ ଗୌଡ଼ ସିଂଗିପୁର ଗ୍ରାମର ଜଗବନ୍ଧୁ ପ୍ରଧାନ କୀଟନାଶକ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଜମିଜମା ଓ କ୍ଷତିପୂରଣ ସମ୍ପର୍କିତ ଅଭିଯୋଗର ସମାଧାନ ନହେବାରୁ ସେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ଘଟଣା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଚିକିତ୍ସା ନିମନ୍ତେ



ଏମକେସିଜି ମେଡ଼ିକାଲର କାଜୁଆଲିଟିରେ ଭର୍ତ୍ତି କରାଯାଇଛି। ସେଠାରେ ଜଗବନ୍ଧୁଙ୍କ ଚିକିତ୍ସା ଜାରି ରହିଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ହେବ ଜଗବନ୍ଧୁ ପ୍ରଧାନ(୪୬) ଜମିଜମା ଓ କ୍ଷତିପୂରଣ ସମ୍ପର୍କିତ ସମସ୍ୟାର ସମ୍ମୁଖୀନ କରୁଛନ୍ତି। ସେ ଏହି ସମସ୍ୟା ନେଇ ବାରମ୍ବାର ଜଣେ ଆରଆଇ ନିକଟକୁ ଯାଇ ନିଜ ଅଭିଯୋଗ ଜଣାଇଥିବା ବେଳେ ଅଧିକାରୀ ଜଣଙ୍କ ତାଙ୍କୁ ହଇରାଣ କରୁଥିବା ନେଇ ସେ ଅଭିଯୋଗ କରି ଆସୁଥିଲେ। ଏନେଇ ଜଗବନ୍ଧୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମେତ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ତାଙ୍କ ଅଭିଯୋଗର ସମାଧାନ ହୋଇନଥିବାରୁ ସେ ମଙ୍ଗଳବାର ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପୁଣି ଥରେ ତାଙ୍କ ଅଭିଯୋଗ ଜଣାଇଥିଲେ। ସେଠାରୁ କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଦିନତମାମ ସେ କାର୍ଯ୍ୟାଳୟ ପରିସରରେ ରହିବା ପରେ ସନ୍ଧ୍ୟା ସମୟରେ ନିଜ ବ୍ୟାଗରୁ କୀଟନାଶକ ଔଷଧ ବାହାର କରି ପିଇଥିବା ଜଣାପଡ଼ିଛି। ଏହା ଦେଖି କାର୍ଯ୍ୟାଳୟରେ ଥିବା କିଛି କର୍ମଚାରୀ ଓ ଅନ୍ୟ ବ୍ୟକ୍ତି ତାଙ୍କୁ ତୁରନ୍ତ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଜମିଜମା ଓ କ୍ଷତିପୂରଣ ନେଇ ତାଙ୍କ ଅଭିଯୋଗ କ'ଣ ଥିଲା। ପୂର୍ବରୁ ସେ କେଉଁ କେଉଁ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ, ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ।

## ମୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା

ବିଶୋଇ,୧୧।୮(ସମିସ): ବିଶୋଇ ଥାନା ଅନ୍ତର୍ଗତ ବାଡୁଣିଆ ଗ୍ରାମର କଲୋନୀ ସାହିରେ ଆଜି ଏକ ଅର୍ଦ୍ଧନିର୍ମିତ ଘର ମଧ୍ୟରୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ବାଡୁଣିଆ କଲୋନୀ ସାହିର ଶିରିଶ ପଟେଲ (୪୦) ଓରଫ ମାଳି। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ୧୭୮/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧଙ୍କୁ ପୁଲିସ ଅଟକ ରଖି ପଚାରାଉଚରା ଜାରି ରଖିଛି।

ସୂଚନା ମୁତାବକ, ବାଡୁଣିଆ କଲୋନି ସାହିରେ ବାପାମାଆ ଛେଉଣ୍ଡ ଶିରିଶ ମଜୁରି କରି ପେଟ ପୋଷନ୍ତି। ଶିରିଶଙ୍କ ବାସଗୃହ ନ ଥିବାବେଳେ ଗ୍ରାମର କ୍ଲବ ବାରଣ୍ଡା, ନଚେତ ଅନ୍ୟ ଲୋକଙ୍କ ଘର ପିଣ୍ଡାରେ ରାତି କଟେ। ସବୁଦିନ ଭଳି ଗତକାଲି ରାତିରେ ଶିରିଶ ଗ୍ରାମରେ ଅନୁଷ୍ଠିତ ଏକ ଦଶାହ କାର୍ଯ୍ୟକ୍ରମରେ କାମ କରି ସାହି ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଶୋଇଥିଲେ। ଆଜି ସକାଳେ ସ୍ଥାନୀୟ ବାସିନ୍ଦା ଶିରିଶଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉକ୍ତ ଘର ମଧ୍ୟରେ ଦେଖିଥିଲେ। ଉକ୍ତ ଘର ମାଲିକ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଇରଙ୍ଗପୁର ଏସ୍‌ପି ସୁରେଶ ପାତ୍ର, ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି, ବିଶୋଇ ଥାନା ଆଇଆଇସି ସୁବର୍ଣ୍ଣ ବେହେରା, ଏସ୍‌ଆଇ ରଶ୍ମିତ ଦାସ ଓ ଏସ୍‌ଆଇ ବିବେକାନନ୍ଦ ବେହେରା ପୁଲିସ ଓ ଫରେନସିକ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କ ମୁଣ୍ଡର ପଛପଟେ ଗଭୀର କ୍ଷତ ଥିବାବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧଙ୍କୁ ପୁଲିସ ଥାନାରେ ଅଟକ ରଖି ପଚାରାଉଚରା ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଅଧିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଏସ୍‌ଡିପିଓ ଶ୍ରୀ ସେନାପତି ସୂଚନା ଦେଇଛନ୍ତି। ଶିଶିରଙ୍କ ପରିବାରରେ କେହି ନ ଥିବାବେଳେ ଶବ ବ୍ୟବଚ୍ଛେଦ ପରେ ସରକାରଙ୍କ ପକ୍ଷରୁ ଅନ୍ତିମ ସଂସ୍କାର କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

**ଅର୍ଦ୍ଧନିର୍ମିତ ଘରୁ ମୃତଦେହ ଉଦ୍ଧାର, ଜଣେ ଅଟକ**

## ଆଜି ଶ୍ରୀଅଙ୍ଗରେ ଲାଗିବ ରତ୍ନଚିତା

### ୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୧୧।୮(ସମିସ): ବୁଧବାର ଶ୍ରାବଣ କୃଷ୍ଣ ଅମାବାସ୍ୟା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ। ଦାରୁବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ତିନିବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ସେବାୟତମାନେ ଏହି ଅଳଙ୍କାର ଶ୍ରୀଅଙ୍ଗରେ ଲାଗି କରିବେ। ପ୍ରଥମ ଭୋଗମଣ୍ଡପ ଶେଷ ପରେ ଏହି ବିଶେଷ



ନୀତି ସମ୍ପନ୍ନ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆପାତତଃ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ସ୍ନାନ ପୂର୍ଣ୍ଣିମାରେ ଠାକୁରେ ଅଣସର ପିଣ୍ଡିକୁ ବିଜେ କରିବାବେଳେ ରତ୍ନଚିତା ଓଲାଗି କରାଯାଇଥିଲା। ରଥରେ ମହାପ୍ରଭୁ ସୋଲଚିତା ଲାଗି ହୋଇଥିଲେ। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରାଖଚିତ ସୁବର୍ଣ୍ଣ ଚିତା, ବଡ଼ଠାକୁର ଲୀଳା ଏବଂ ଦେବୀ ସୁଭଦ୍ରା ମାଣିକ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ।

---

## ପୂର୍ବବର୍ଷ ତୁଳନାରେ ରାଜସ୍ୱ ଆଦାୟ ୭.୩ ପ୍ରତିଶତ ବୃଦ୍ଧି

### କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ଆହୁରି ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୧।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରିଛନ୍ତି। ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।



ବୈଠକରେ ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା। ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦ ପ୍ରତିଶତ, କେନ୍ଦ୍ରୀୟ ଟିକସରେ ଅଂଶ ୩୧ ପ୍ରତିଶତ, ନିଜସ୍ୱ ଟିକସ ରାଜସ୍ୱ ୩୧ ପ୍ରତିଶତ ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮ ପ୍ରତିଶତ ରହିଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ୭.୩ ପ୍ରତିଶତ ଅଧିକ ହୋଇଛି। ସେହିପରି ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯ ପ୍ରତିଶତ ଅଧିକ ରହିଛି। ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨ ପ୍ରତିବର୍ଷ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି। ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

## ହୀରାକୁଦର ୧୨ ଗେଟ୍ ଖୋଲା, ଜଳସ୍ତର ୬୧୩.୮୫ ଫୁଟ୍

ସମ୍ବଲପୁର, ୧୧।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ଓ ଅନ୍ୟ ଡ୍ୟାମ୍‌ରୁ ଜଳ ନିଷ୍କାସନ ଯୋଗୁଁ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ କ୍ୟୁସେକ୍‌ରୁ ଊର୍ଦ୍ଧ୍ୱ ଜଳ ପ୍ରବେଶ କରୁଛି। ସମ୍ପ୍ରତି ଜଳଭଣ୍ଡାରରୁ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳସ୍ତର ୬୧୪ ଫୁଟ୍ ପାଖାପାଖି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୮୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୮ଟି ଏବଂ ଓ ଡାହାଣ ପାର୍ଶ୍ୱର ୪ଟି ଏହିଭଳି ମୋଟ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୦୦,୧୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୧୬,୧୭୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୮୨,୧୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୦୭୮୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୦୦୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୬୩,୫୦୦ କ୍ୟୁସେକ୍, ଖଇରମାଳଠାରେ ୩,୨୫,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୧୮,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪,୮୫,୪୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୯.୯୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୩.୦୯ ମିମି ବର୍ଷା ରେକର୍ଡ କରାଯାଇଛି।

---

## ମାଛଧରାକୁ କେନ୍ଦ୍ର କରି ଚିଲିକା ରକ୍ତରଞ୍ଜିତ

### ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ମୃତ, ଜଣେ ଗୁରୁତର

ବ୍ରହ୍ମଗିରି/କୃଷ୍ଣପ୍ରସାଦ,୧୧।୮(ସମିସ): ସୋମବାର ସନ୍ଧ୍ୟାରେ ଚିଲିକାକୁ ମାଛ ଧରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ସେହି ଯୁବକକୁ କିଏ ଅପହରଣ କରିଥିବା ସନ୍ଦେହ କରି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଆଭିଯୋଗକୁ ଭିତ୍ତିକରି ମଙ୍ଗଳବାର ପୁଲିସ ତରଫରୁ ଚିଲିକାରେ ଖୋଜାଖୋଜି କରୁଥିବା ସମୟରେ ନିଖୋଜ ଯୁବକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ଜଣକ ଓମ୍ ବୋଲି ଜଣାପଡ଼ିଛି। ତେବେ କିଛି ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ରାମଲେଙ୍କା ପଞ୍ଚାୟତ କୁମାରପୁର ଗ୍ରାମରେ ଏହି ଘଟଣା ଘଟିଛି।

ଖବର ନେବାରେ ଜଣାପଡ଼ିଛି, କୁମାରପୁର ଗ୍ରାମର ଚିନ୍ମୟ ବେହେରା, ଅମର ବେହେରା ଏବଂ ଓମ୍ କୁମାରପୁର ଗ୍ରାମ ନିକଟ ଶ୍ୟାମାକାଳୀ ବାହାର ଚିଲିକାରୁ ମାଛ ଧରୁଥିଲେ। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ହଠାତ୍ ୨ଟି ଡଙ୍ଗାରେ ୪୦ରୁ ଊର୍ଦ୍ଧ୍ୱ ଲୋକ ଆସି ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଧମକ ଦେଇଥିଲେ। ଏପରିକି ସେମାନେ ମାଛ ନେଇଯିବା ସହ ଆକ୍ରମଣ କରିଥିଲେ। ଏକ ଭୁଜାଲିରେ ଅମର ବେହେରାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ହେଲେ ଚିନ୍ମୟ କୌଶଳ କ୍ରମେ ଖସି ଚାଲି ଆସିଥିବାବେଳେ ଓମ୍ ଚିଲିକାରେ ନିଖୋଜ ହୋଇଯାଇଥିଲେ। ୧୫ ଘଣ୍ଟା ପରେ ଓମ୍‌ଙ୍କ ମୃତଦେହ ଚିଲିକାରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ କୃଷ୍ଣପ୍ରସାଦ ଥାନାରେ ଏତଲା ଦିଆଯିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁରୀ ସଦର ଏସ୍‌ଡିପିଓ ମାନସ ଚନ୍ଦ୍ର ବାରିକ, କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ




ପ୍ରଧାନ ସଦଳବଳେ ପହଞ୍ଚି ମାଲୁଦ ଅଗ୍ନିଶମ ବାହିନୀ ଚିଲିକାରୁ ମୃତଦେହକୁ ଉଦ୍ଧାର କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଭଳି ଘଟଣା ପ୍ରତିବର୍ଷ ଚିଲିକାରେ ଘଟୁଥିବା ଗ୍ରାମବାସୀ କହିଛନ୍ତି।

**ଆଜି ବିଶ୍ୱ ହସ୍ତୀ ଦିବସ**

## ସେଦିନର ଅନାଥ ବବ୍‌ଲୁ ଆଜି ଶିମିଳିପାଳ ପ୍ରହରୀ

ବାରିପଦା, ୧୧।୮ (ମନୋଜ ପଣ୍ଡା)

ବୁଧବାର ଅଗଷ୍ଟ ୧୨ତାରିଖ ବିଶ୍ୱ ହସ୍ତୀ ଦିବସ। ଏହି ଅବସରରେ ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଥିବା ବବଲୁ କୁମକୀ ହାତୀଙ୍କ ଜୀବନ କାହାଣୀ ଏକ ବିଶେଷ ଅର୍ଥ ରଖେ। ଏହା କେବଳ ଏକ ହାତୀଛୁଆର ଉଦ୍ଧାର ନୁହେଁ, ବରଂ ମନୁଷ୍ୟର ଯତ୍ନ, ଧୈର୍ଯ୍ୟ ଓ ପ୍ରକୃତି ପ୍ରତି ଭଲପାଇବାର ଏକ ଉଜ୍ଜ୍ୱଳ ଉଦାହରଣ। ୨୦୧୪ ମସିହା ଡିସେମ୍ବରରେ ଶିମିଳିପାଳର ଘନ ଜଙ୍ଗଲରେ ଏକ ଛୋଟ ହାତୀଛୁଆ ଏକ ଗର୍ତ୍ତରେ ପଡ଼ିଯାଇଥିଲା। ସେ ସମୟରେ ସେ ଅତି ଛୋଟ ଥିଲା ଓ ତା'ର ମା' କିମ୍ବା ଦଳଠାରୁ ବିଚ୍ଛିନ୍ନ ହୋଇଯାଇଥିଲା। ବନବିଭାଗ ଉଦ୍ଧାର କରି ପୁନର୍ବାର ହାତୀପଲ ସହିତ ମିଶାଇବାକୁ ଯୋଜନା କରି ବିଫଳ ହୋଇଥିଲା। କାରଣ ମଣିଷ ଛୁଇଁ ଥିବା ସଦସ୍ୟକୁ ହାତୀମାନେ ଗ୍ରହଣ କରିନଥାନ୍ତି। ସମ୍ପୂର୍ଣ୍ଣ ଅନାଥ ଓ ଅସହାୟ ଅବସ୍ଥାରେ ଥିବା ଏହି ଛୁଆକୁ ତତ୍କାଳୀନ ଡୁକୁରା ରେଞ୍ଜର ବଟକୃଷ୍ଣ ପାଢୀଙ୍କ ପ୍ରଚେଷ୍ଟାରେ ବନ ବିଭାଗର କର୍ମଚାରୀମାନେ ତା'ର ଲାଳନପାଳନ ଦାୟିତ୍ୱ ନେଇ ନାମ ରଖିଥିଲେ ବବଲୁ। ବବଲୁଙ୍କୁ ବଞ୍ଚାଇବା ଓ ବଢ଼ାଇବା ପାଇଁ ବନ ବିଭାଗ ବିଶେଷ ବ୍ୟବସ୍ଥା କରିଥିଲା। ତା'ଙ୍କ ପାଇଁ ଏକ ବିଶେଷ ଆଶ୍ରୟ ସ୍ଥଳୀ ତିଆରି କରାଯାଇଥିଲା, ଯେଉଁଠି ସେ ସୁରକ୍ଷିତ ଭାବେ ବଢ଼ିପାରିବ। ଏହି ସମୟରେ ନିଜର ଶାବକ ଲକ୍ଷ୍ମୀକୁ ହରାଇ



ଶିମିଳିପାଳରେ ବନ୍ଦୀ ପ୍ରାୟ ଜୀବନ କାଟୁଥିବା ମା' ହାତୀ ଶୋଭା ତା'ଙ୍କ ପାଳିତ ମା' ଭାବେ ଦାୟିତ୍ୱ ନେଇଥିଲେ। ଶୋଭା ବବଲୁଙ୍କୁ ନିଜ ସନ୍ତାନ ପରି ଯତ୍ନ ନେଇଥିଲେ। ଏକ ମାହୁତ ମଧ୍ୟ ତା'ଙ୍କ ଦୈନନ୍ଦିନ ଯତ୍ନ ଓ ଦେଖାଶୁଣା କରୁଥିଲେ। ବନ କର୍ମଚାରୀମାନେ ହାତରେ ତା'ଙ୍କୁ ଖାଦ୍ୟ ଦେଉଥିଲେ, ସ୍ୱାସ୍ଥ୍ୟ ଯାଞ୍ଚ କରୁଥିଲେ ଓ ତା'ଙ୍କୁ ଶାରୀରିକ ଓ ମାନସିକ ଭାବେ ଶକ୍ତିଶାଳୀ କରିବାକୁ ଚେଷ୍ଟା କରୁଥିଲେ। ଧୀରେ ଧୀରେ ବବଲୁ ବଡ଼ ହେବାକୁ ଲାଗିଲା। ତା'ଙ୍କୁ କେବଳ ବଞ୍ଚାଇବା ନୁହେଁ, ବରଂ ଭବିଷ୍ୟତରେ ବନ୍ୟ ପରିବେଶକୁ ଫେରାଇବା ପାଇଁ ମଧ୍ୟ ପ୍ରସ୍ତୁତ କରାଯାଉଥିଲା। ଏଥିପାଇଁ ତା'ଙ୍କୁ କୁମକୀ ହାତୀ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। କୁମକୀ ହାତୀମାନେ ସାଧାରଣତଃ ବନ୍ୟ ହାତୀଙ୍କୁ ନିୟନ୍ତ୍ରଣ କରିବା, ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିବା ଓ ମନୁଷ୍ୟ-ହାତୀ ସଂଘର୍ଷ କମାଇବାରେ ବ୍ୟବହୃତ ହୁଅନ୍ତି। ବବଲୁଙ୍କୁ ଏହି ଦିଗରେ ତାଲିମ ଦେଇ କର୍ତ୍ତୃପକ୍ଷ ତା'ଙ୍କୁ ଧୀରେ ଧୀରେ ବନ୍ୟ ଜୀବନ ପାଇଁ ପ୍ରସ୍ତୁତ କରିଥିଲେ।

**ମଣିଷ ଛୁଇଁଥିଲେ ବୋଲି ବବ୍‌ଲୁକୁ ବାସନ୍ଦ କରିଥିଲେ ହାତୀପଲ**

ଆଜି ବବଲୁକୁ ୧୩ବର୍ଷ । ଶିମିଳିପାଳର ଏକ ପରିଚିତ ନାମ। ସେ ଜେନାବିଲରେ ବନବିଭାଗର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ ନିଭାଉଛି । ତା ଜୀବନର ଋଣ ସେ ସୁଝୁଛି । ତା'ର କାହାଣୀ ଦର୍ଶାଏ ଯେ ଯଦି ଠିକ୍ ସମୟରେ ଯତ୍ନ ଓ ସୁରକ୍ଷା ମିଳେ, ତେବେ ଏକ ଅନାଥ ହାତୀଛୁଆ ମଧ୍ୟ ବଞ୍ଚିପାରେ ଓ ଉପଯୋଗୀ ଭୂମିକା ନେଇପାରେ। ବିଶ୍ୱ ହସ୍ତୀ ଦିବସରେ ବବଲୁଙ୍କ ଏହି ଯାତ୍ରା ଆମକୁ ମନେ ପକାଏ ଯେ ହାତୀମାନେ ଆମ ପରିବେଶର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେମାନଙ୍କ ସୁରକ୍ଷା, ବାସସ୍ଥାନ ସଂରକ୍ଷଣ ଓ ମନୁଷ୍ୟ-ହାତୀ ସହଅସ୍ତିତ୍ୱ ପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି। ବବଲୁ ଓ ଶୋଭାଙ୍କ ଏହି ବନ୍ଧନ ତଥା ବନ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଶିମିଳିପାଳର ଏକ ଗର୍ବର କାହାଣୀ ଭାବେ ରହିଛି। ତେବେ ଇତି ମଧ୍ୟରେ ଶୋଭାର ମୃତ୍ୟୁ ହୋଇଥିବା ବେଳେ ବବଲୁ ସହିତ ରାଜକୁମାର ଓ ଶିବାନୀ ଅନ୍ୟ ଦୁଇ କୁମକୀ ହାତୀ ସାଙ୍ଗ ଦେଉଛନ୍ତି । ଆଗାମୀ ଦିନରେ ବବଲୁ ଉପରେ ଏକ କ୍ଷୁଦ୍ର ଚଳଚିତ୍ର ନିର୍ମାଣ କରି ସ୍ମୃତିକୁ ଜୀବିତ ରଖିବାକୁ ବନ୍ୟପ୍ରାଣୀ ପ୍ରେମୀ ତଥା ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ ସରକାରଙ୍କୁ ପ୍ରସ୍ତାବ ରଖିଛନ୍ତି ।

# ଖରିଫ୍ ଋତୁ ଆସିଲେ ସରକାର ନୂତନ ନୀତି ଆଣୁଥିବା ଅଭିଯୋଗ

ସମ୍ବଲପୁର, ୧୧।୮ (ସମିସ)

ନୂତନ ସରକାର ଆସିବା ପରେ ଖରିଫ୍ ଧାନ ଚାଷ ଋତୁ ଆସିଲେ ଚାଷୀମାନଙ୍କ ସଂଖ୍ୟା ହ୍ରାସ ଏବଂ ଧାନ କିଣାବିକାକୁ ସୀମିତ କରିବାକୁ ମସୁଧା କରାଯାଉଛି ବୋଲି ସମ୍ବଲପୁର ଜିଲ୍ଲାର ଚାଷୀମାନେ ଅଭିଯୋଗ କରିଛନ୍ତି। ୨୦୨୪ରେ ନୂତନ ସରକାର ଆସି ଧାନ କିଣିବାସହ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲା, ଯାହାକୁ ଚାଷୀମାନେ ସ୍ୱାଗତ କରିଥିଲେ। ଏହାପରେ ୨୦୨୪-୨୫ ଖରିଫ୍‌ରେ ଚାଷୀର ପଞ୍ଜୀକରଣ ଅନୁଯାୟୀ ଧାନ କିଣାଗଲା ନାହିଁ। ଟୋକନ ସମସ୍ୟା ସହ ବଳକା ଧାନକୁ ନେଇ ଅଭାବୀ ବିକ୍ରି ହେଲା। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଯୋଗାଣ ଓ ସମବାୟ ମନ୍ତ୍ରୀ ଚାଷୀର ସମସ୍ତ ଧାନ କିଣିବୁ ବୋଲି କହିବାଠାରୁ ଆରମ୍ଭ କରି, କେତେବେଳେ ବାହାର ବଜାରରେ ଧାନ ବିକ୍ରୟ କରିଦେବାକୁ ମନ୍ତବ୍ୟ ଦେଲେ ତ କେତେବେଳେ ଆମେ ଏତେ ଧାନ କାହିଁକି କିଣିବୁ ତ ଆମେ ଚାଷୀ ପିଛା ୧୨୫ କ୍ୱିଣ୍ଟାଲ କିଣିବୁ ବୋଲି ମନ୍ତବ୍ୟ ଦେଲେ। କୃଷି ମନ୍ତ୍ରୀ ଆଉ ପାଦେ ଆଗେଇ ଯାଇ ଚାଷୀମାନେ ନୌଟଙ୍କି କରୁଛନ୍ତି ବୋଲି ମନ୍ତବ୍ୟ ଦେଇ ସମଗ୍ର ପଶ୍ଚିମ ଓଡ଼ିଶାରେ ବିରୋଧର ଶିକାର ହେଲେ। ଏହାପରେ ଖରିଫ୍ ୨୦୨୬-୨୭ ଋତୁରେ ପଞ୍ଜୀକରଣ ଆରମ୍ଭ ନ ହେଉଣୁ 'ଏଗ୍ରୀଷ୍ଟାକ୍' ନମ୍ବର ନ ହେଲେ ଟୋକନ ଦିଆଯିବ ନାହିଁ ବୋଲି ସରକାର ଧାନ କିଣାବିକାରେ ସମ୍ପୃକ୍ତ ବିଭାଗକୁ ପତ୍ର କରିଛନ୍ତି। ବାପ ଅଜା ନାମରେ ଥିବା ଜମିର ନିଜ ନାମରେ ପଟ୍ଟା

# ଚାଷୀମାରଣ ନୀତି 'ଏଗ୍ରିଷ୍ଟାକ୍'

## ୧୬ ତାରିଖ 'ଏଗ୍ରିଷ୍ଟାକ୍' ପ୍ରତ୍ୟାହାର ନ କଲେ ଆନ୍ଦୋଳନ : କୃଷକ ସଂଗଠନ

ସମ୍ବଲପୁର, ୧୧।୮ (ସମିସ) : ସମ୍ବଲପୁର ଜିଲ୍ଲାରେ ଧାନ କିଣାବିକା ପାଇଁ ଗତ ୬ ତାରିଖରୁ ପଞ୍ଜିକରଣ ଆରମ୍ଭ ହୋଇଥିବାବେଳେ 'ଏଗ୍ରୀ-ଷ୍ଟାକ୍' ନହେଲେ ଟୋକନ ମିଳିବନି ନୀତିକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଆଜି ଅପରାହ୍ଣରେ ବରେଇପାଲି ମାର୍କେଟ୍‌ୟାର୍ଡରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ସଭାପତି ବ୍ୟୋମକେଶ ଠାକୁରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀ ପଞ୍ଜିକରଣ ସହ 'ଏଗ୍ରୀ-ଷ୍ଟାକ୍' ପଞ୍ଜିକରଣକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସମବାୟ ମନ୍ତ୍ରୀ ଚଳିତ ଖରିଫ୍ ଧାନ କିଣାବିକାରେ 'ଏଗ୍ରୀ-ଷ୍ଟାକ୍' ଲାଗୁ କରାଯିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। କିନ୍ତୁ ଆଜି ରାଜସ୍ୱ ମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଧାନ କିଣିବା ପାଇଁ 'ଏଗ୍ରୀ-ଷ୍ଟାକ୍' ନମ୍ବର ବାଧ୍ୟତାମୂଳକ କରାଯାଇଛି, ଯାହାକୁ ନେଇ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। 'ଏଗ୍ରୀ-ଷ୍ଟାକ୍' ନମ୍ବର ନଥିଲେ ଧାନ କିଣାଯିବ ନାହିଁ ଏବଂ ନଥିଲେ ପଞ୍ଜୀକରଣ ମଧ୍ୟ କରାଯିବ ନାହିଁ ବୋଲି ସୂଚନା ମିଳିଛି। ଏହି ନୂତନ ବ୍ୟବସ୍ଥା ଯୋଗୁଁ ପ୍ରକୃତ ଚାଷୀମାନେ ବିଶେଷ ଭାବରେ ପ୍ରଭାବିତ ହେବେ। ବିଶେଷକରି ଭାଗଚାଷୀମାନଙ୍କ ପଞ୍ଜିକରଣରେ



ଜମି ମାଲିକଙ୍କ ଆଇରିସ୍ ବା ବାୟୋମେଟ୍ରିକ୍ ସମସ୍ୟା ରହିଛି ଏବଂ ଯେଉଁ ଜମି ମାଲିକମାନେ ବାହାର ରାଜ୍ୟ କିମ୍ବା ବିଦେଶରେ ରହୁଛନ୍ତି, ସେମାନଙ୍କ ପାଇଁ ଏହି ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ଏହାଦ୍ୱାରା ଭୂମିହୀନ, ଭାଗଚାଷୀ ଓ କ୍ଷୁଦ୍ରଚାଷୀମାନେ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ 'ଏଗ୍ରୀ-ଷ୍ଟାକ୍' କରିବା ସମୟରେ ଜମି ମାଲିକଙ୍କ ନାମ ବଦଳିବ। ଯେଉଁଠି ଗୋଟିଏ ପଟ୍ଟାରେ ଏକାଧିକ ଲୋକଙ୍କ ନାମ ରହିଛି, ସେଠାରେ ଏହି ସୀମିତ ସମୟ ମଧ୍ୟରେ ନାମ ବଦଳାଇ ପଟ୍ଟା କରିବା ସମ୍ଭବପର ନୁହେଁ। ଏହା

- ୧୩ରେ ସମସ୍ତ ସମବାୟ ସମିତିକୁ ଗୋଟିଏ ଦିନପାଇଁ ସାଂକେତିକ ବନ୍ଦ
- ଭାଗଚାଷୀଙ୍କ ପଞ୍ଜୀକରଣ ସମୟରେ ଜମି ମାଲିକଙ୍କ ଆଇରିସ୍ ବାଧ୍ୟତାମୂଳକ ନ କରାଯାଉ
- ପଞ୍ଜୀକରଣ କରାଯାଇଥିବା ସମସ୍ତ ଧାନ କ୍ରୟ ଦାବି

ଏକ ସମ୍ପୂର୍ଣ୍ଣ ଜମି ବନ୍ଦୋବସ୍ତ ଏବଂ ସହଜ ନୁହେଁ ବୋଲି ମତପ୍ରକାଶ ପାଇଥିଲା। ଏଭଳି କଲେ 'ଏଗ୍ରୀ-ଷ୍ଟାକ୍' କରି ନ ପାରି ପ୍ରାୟ ୭୦ ଭାଗ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୧୬ ତାରିଖ ମଧ୍ୟରେ 'ଏଗ୍ରୀ-ଷ୍ଟାକ୍' ପ୍ରତ୍ୟାହାର ଏବଂ ଆଇରିସ୍ ବ୍ୟବସ୍ଥା ନ ଉଠାଇଲେ ସମ୍ବଲପୁର ଜିଲ୍ଲାରେ ବ୍ୟାପକ ଆନ୍ଦୋଳନ କରାଯିବ। ଚାଷୀମାନଙ୍କ ମୁଖ୍ୟ ଦାବିଗୁଡ଼ିକ ହେଲା - ଧାନ କିଣାବିକାରୁ 'ଏଗ୍ରୀ-ଷ୍ଟାକ୍' ନମ୍ବରକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଉ, ଭାଗଚାଷୀଙ୍କ ପଞ୍ଜୀକରଣ ସମୟରେ ଜମି ମାଲିକଙ୍କ ଆଇରିସ୍ ବାଧ୍ୟତାମୂଳକ ନ କରାଯାଉ ଏବଂ ପଞ୍ଜିକରଣ କରାଯାଇଥିବା ସମସ୍ତ ଧାନ ସରକାର କ୍ରୟ କରନ୍ତୁ। ଏହି ଦାବି ଗୁଡ଼ିକ ନେଇ, ସାଂକେତିକ ଭାବେ, ଆସନ୍ତା ୧୩ ତାରିଖରେ ଜିଲ୍ଲାର ସମସ୍ତ ସମବାୟ ସମିତିକୁ ଗୋଟିଏ ଦିନପାଇଁ ବନ୍ଦ କରାଯିବ ଏବଂ ୧୬ ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ସେହିଦିନ ସମଲପୁରର ଖଳିଆପାଲି ମାର୍କେଟ୍ ୟାଡର୍‌ଠାରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସରକାର ଏହି ପ୍ରସଙ୍ଗରେ ଲିଖିତ ପ୍ରତିଶ୍ରୁତି ନଦେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

କଲାପରେ ଯାଇ ଚାଷୀ ଏହି ନମ୍ବର ପାଇପାରିବ। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଚଳିତବର୍ଷ ପୁଣି ଚାଷୀମାନଙ୍କୁ ଧାନ ବିକ୍ରୟରୁ ବଞ୍ଚିତ କରିବା ପାଇଁ 'ଏଗ୍ରୀଷ୍ଟାକ୍' ଆଣିଛନ୍ତି ବୋଲି ଅଭିଯୋଗ କରିଛି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ। ଅଗଷ୍ଟ ୬ରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ସମୟ ଅବଧି ଥିବାବେଳେ, ଗତକାଲି ୧୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାରେ ମାତ୍ର ୩୨୬ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଖରିଫ୍ ଋତୁରେ ଧାନ କିଣାବିକା ପାଇଁ ଚାଷୀ ପଞ୍ଜୀକରଣ ସମୟରେ ଜମିପଟ୍ଟା ଏବଂ ଅନ୍ୟ ରାଜସ୍ୱ ସମ୍ବନ୍ଧୀୟ ସମସ୍ୟା ରହିଥିବାବେଳେ ଚାଷୀ ଏହି ପଞ୍ଜୀକରଣ କରି 'ଏଗ୍ରୀଷ୍ଟାକ୍' ନମ୍ବର ନେବା ଆବଶ୍ୟକ। ନଚେତ୍ ତାକୁ ଧାନ ବିକ୍ରୟ କରିବାକୁ ଟୋକନ୍ ମିଳିବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ସରକାର ପାଇଲଟ୍ ପ୍ରୋଜେକ୍ଟ ଭାବେ ଝାରସୁଗୁଡ଼ା ଓ କନ୍ଧମାଳରେ ଏହି ପ୍ରକଳ୍ପ ଆରମ୍ଭ କରିଥିଲେ। ସେତେବେଳେ 'ଏଗ୍ରୀ-ଷ୍ଟାକ୍' ନମ୍ବର ଚାଷୀର ଚିହ୍ନଟ ନମ୍ବର ହେବ ଏବଂ ଏହା ଦେଖାଇ ସେ ବିହନ, ସାର ଆଦି ସୁବିଧାରେ ପାଇପାରିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହାକୁ ଚାଷୀର ଧାନ କିଣାବିକା ସହ ଯୋଡ଼ି ସରକାର ଏକ ଷଡ଼ଯନ୍ତ୍ର କରୁଛନ୍ତି। ଚାଷୀର ଧାନ ଯଦି କିଣିବାର ନାହିଁ ତା'ହେଲେ, ପ୍ରଥମରୁ ସରକାର ମନା କରିଦିଅନ୍ତୁ ବୋଲି ସଭାପତି ଶ୍ରୀ ଠାକୁର କହିଛନ୍ତି।

## ସମଲେଶ୍ୱରୀ ଯୁବକ ସଂଘର ନୂତନ କର୍ମକର୍ତ୍ତା

ସମ୍ବଲପୁର, ୧୧।୮ (ସମିସ) : ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ସମଲେଶ୍ୱରୀ ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ରବିବାର ସମଲେଶ୍ୱରୀ ଯୁବକ ସଂଘଠାରେ ସଭାପତି ସଗନ ରାଏଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘର କୋଷାଧ୍ୟକ୍ଷ ଗୌରୀଶଙ୍କର ନାଏକ ଗତବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହାପରେ ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବରେ ସଗନ ରାଏ, ଉପସଭାପତି ପବିତ୍ର କୁମାର ଦେଓ, ସମ୍ପାଦକ ରାମଦାସ ପଣ୍ଡା, ସହସମ୍ପାଦକ ସଞ୍ଜିବ ସିଂ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମହାକୁର, ସହକୋଷାଧ୍ୟକ୍ଷ ଗୌରୀଶଙ୍କର ନାଏକ, ହିସାବ ରକ୍ଷକ ସଞ୍ଜିବ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଗୋପାଳ ବଘେଲ, ସହ-ସାଂସ୍କୃତିକ ସମ୍ପାଦକ ବିବେକାନନ୍ଦ ଜୁଆଡି ଏବଂ ଶ୍ୟାମ ରାଏ, କ୍ରୀଡ଼ା ସମ୍ପାଦକ ଆଶିଷ ରାଏ, ସହ-କ୍ରୀଡ଼ା ସମ୍ପାଦକ





କୁନାଲ ପ୍ରଧାନ, ବିଭୂତି ରାଏ ଏବଂ ରମନ ରାଏ ମନୋନୀତ ହୋଇଛନ୍ତି। ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟମାନେ ଆଗାମୀ ଏକ ବର୍ଷ ପାଇଁ ସଂଘର ସମସ୍ତ କାର୍ଯ୍ୟ ତୁଲାଇବେ। ଶେଷରେ କୋଷାଧ୍ୟକ୍ଷ ଶଙ୍କର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌ରୁ ବାହାରିଲା ଚିରାଫଟା ୫୦୦ ଟଙ୍କିଆ ନୋଟ୍

କୁଚିଣ୍ଡା,୧୧।୮ (ସମିସ): ସମ୍ବଲପୁର ଜିଲ୍ଲା ବାମରା ସହରରେ ଥିବା ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌ରୁ ଚିରାଫଟା କାଗଜ ଲଗା ୫୦୦ ଟଙ୍କିଆ ନୋଟ୍ ବାହାରିବା ଘଟଣାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ବାମରାର ଶ୍ୟାମସୁନ୍ଦର ଦାସ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କଶାଖା ନିକଟରେ ଥିବା ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌ରୁ ୨ ହଜାର ଟଙ୍କା ଉଠାଇଥିଲେ। ଏଥିରେ ତିନୋଟି ୫୦୦ ଟଙ୍କିଆ ଓ ପାଞ୍ଚଟି ୧୦୦ ଟଙ୍କିଆ ନୋଟ୍ ମିଳିଥିଲା। ପରେ ଟଙ୍କା ଦେବା ସମୟରେ ତିନୋଟି ୫୦୦ ଟଙ୍କିଆ ନୋଟ୍‌ରେ ଚିରା ଅଂଶ କାଗଜ ଲଗାଇ ମରାମତି କରାଯାଇଥିବା ଜଣାପଡ଼ିଥିଲା। ଏ ନେଇ ଶ୍ରୀ ଦାସ ବାମରା ଷ୍ଟେଟ୍‌ବ୍ୟାଙ୍କ ଶାଖାକୁ ଯାଇ ଶାଖା ପରିଚାଳକଙ୍କ ନିକଟରେ ଅଭିଯୋଗ କରିବା ସହ ନୋଟ୍‌ଗୁଡ଼ିକୁ ବଦଳାଇବା ପାଇଁ ଅନୁରୋଧ କରିଥିଲେ। ଏହି ଟଙ୍କା ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟା ପାଇଁ ଜରୁରୀ ଥିବା ସେ ଜଣାଇଥିଲେ। ତେବେ ନିୟମ ଅନୁଯାୟୀ ଲିଖିତ ଅଭିଯୋଗ କରିବାକୁ କୁହାଯାଇଥିବା ଏବଂ ଅଭିଯୋଗର ସମାଧାନ ପାଇଁ ପ୍ରାୟ ସାତ ଦିନ ସମୟ ଲାଗିପାରେ ବୋଲି କୁହାଯାଇଥିବା ଅଭିଯୋଗ ରହିଛି। ଜରୁରୀ ସମୟରେ ଏଟିଏମ୍‌ରୁ ମିଳିଥିବା ତ୍ରୁଟିପୂର୍ଣ୍ଣ ନୋଟ୍ ବଦଳାଇବା ପାଇଁ ଗ୍ରାହକଙ୍କୁ ଏଭଳି ଅସୁବିଧାରେ ପଡ଼ିବାକୁ ପଡ଼ିବା ଘଟଣାକୁ ନେଇ ବାମରାରେ ଚର୍ଚ୍ଚା ଜୋର୍ ଧରିଛି। ଅଭିଯୋଗ ପରେ ପରବର୍ତ୍ତୀ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ସମ୍ପୃକ୍ତ ଗ୍ରାହକଙ୍କ ଘରକୁ ଯାଇ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି।

## ହୀରାକୁଦର ବିଭିନ୍ନ ସମସ୍ୟା ଅନୁଧ୍ୟାନ କଲେ ଡେପୁଟି କମିଶନର

ସମ୍ବଲପୁର,୧୧।୮ (ସମିସ): ହୀରାକୁଦ ସହରର ବିଭିନ୍ନ ସମସ୍ୟା ଓ ଅସୁବିଧା ଥିବା ସ୍ଥାନଗୁଡ଼ିକୁ ମଙ୍ଗଳବାର ଡେପୁଟି କମିଶନର ହରି ଓମ ଭୋଇ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ଏସଆଇ ରାଜୁ କଂସାରୀ, ସୁପରଭାଇଜର ବିଜୟ ସାହୁପ୍ରହ୍ଲାଦ ତାଣ୍ଡି, ପ୍ରକାଶ ବେହେରା, ଗଣେଶ ପଲାଇ ଓ ରାମ ତାଣ୍ଡି ମଧ୍ୟ ଉପସ୍ଥିତ ଥିଲେ। ଡେପୁଟି କମିଶନର ବିଭିନ୍ନ ସମସ୍ୟାସ୍ଥଳକୁ ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଚେଷ୍ଟା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ହୀରାକୁଦବାସୀଙ୍କ ପକ୍ଷରୁ ସମାଜସେବୀ କାର୍ତ୍ତିକ କଲେତ ଜିଲ୍ଲାପାଳଙ୍କ ହୀରାକୁଦ ପରିଦର୍ଶନ ପାଇଁ ବିଶେଷ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ହୀରାକୁଦ ସହରରେ ଦୀର୍ଘଦିନ ଧରି ବିଭିନ୍ନ ମୌଳିକ ସମସ୍ୟା ରହିଥିଲେ ମଧ୍ୟ ଜିଲ୍ଲାପାଳ ଥରେ ହେଲେ ହୀରାକୁଦ ପରିଦର୍ଶନ କରିନାହାନ୍ତି।

## ବିରଳ ଏ-୨ବି ପଜିଟିଭ ରକ୍ତଦେଇ ଜୀବନ ବଞ୍ଚାଇଲେ

ସମ୍ବଲପୁର, ୧୧।୮ (ସମିସ): ସମ୍ପ୍ରତି ବିଭିନ୍ନ ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଉଥିବାବେଳେ ବିରଳ ବର୍ଗର ରକ୍ତ ମିଳିବା କଷ୍ଟକର। ଏଭଳି ସମୟରେ ସମ୍ବଲପୁର ସଦର ଡାକ୍ତରଖାନାର ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ଜଣେ ପ୍ରସୂତିଙ୍କ ପାଇଁ ବିରଳ ଏ୨ବି ପଜିଟିଭ ରକ୍ତର ଆବଶ୍ୟକତା ପଡ଼ିଥିଲା। ଏନେଇ ଜାଣିବାପରେ ସୋସିଆଲ ଷ୍ଟାର କ୍ଲବ୍‌ର ଆତିଫ ଆଲମ ହୀରାକୁଦର ରକ୍ତଦାତା ଅବିନାଶ ଗୁରୁଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ଗୁରୁ ଆସି ରକ୍ତଦାନ କରିଥିଲେ। ସୂଚନା ଅନୁଯାୟୀ, ଡିଏଚ୍‌ଏଚ୍‌ରେ ଭର୍ତ୍ତି ହୋଇଥିବା ଦେବଗଡ଼ର ଜଣେ ପ୍ରସୂତୀ, ଏକ ଶିଶୁକନ୍ୟା ଜନ୍ମ ଦେବାପରେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ରକ୍ତର ଆବଶ୍ୟକତା ପଡ଼ିଥିଲା। ତାଙ୍କ ସମ୍ପର୍କୀୟ ମାନେ ଗତ ୨ ଦିନ ଧରି ରକ୍ତ ଖୋଜୁଥିଲେ। ଏ୨ବି ପଜିଟିଭ ଏକ ବିରଳ ବର୍ଗର ରକ୍ତ ହୋଇଥିବାରୁ ଏହା ରକ୍ତଭଣ୍ଡାରରେ ଉପଲବ୍ଧ ହୋଇ ନଥାଏ। ପ୍ରସୂତିଙ୍କ ପରିବାର ପକ୍ଷରୁ ଶ୍ରୀ ଗୁରୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ହାକାଥନ୍ କାର୍ଯ୍ୟକ୍ରମ

ସମ୍ବଲପୁର, ୧୧।୮ (ସମିସ) : ଜାତୀୟ ହସ୍ତତନ୍ତ ଦିବସ ୨୦୨୬ ସପ୍ତାହ ପାଳନ ଅବସରରେ ଆଜି ଉପନିର୍ଦ୍ଦେଶକ ବୟନଶିଳ୍ପ, ସମ୍ବଲପୁର ଶାଖା କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ହାକାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଅଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏକ ଚୟନ କମିଟି ଦ୍ୱାରା ସେମାନଙ୍କର ଅଭିଜ୍ଞତା ଆଧାରରେ ୩୦ ଜଣ ବୁଣାକାରଙ୍କୁ ଚୟନ କରାଯାଇଥିଲା ଏବଂ ତାଙ୍କୁ ୧୦ଟି ଦଳରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଦଳରେ ୩ ଜଣ ବୁଣାକାରଙ୍କ ସହ ଜଣେ ବିଭାଗୀୟ ଅଧିକାରୀ ରହିଥିଲେ। ହାକାଥନର ବିଷୟ ଥିଲା, ସ୍ୱାଧୀନତାର ପ୍ରତୀକ ଭାବରେ ବୁଣାକାର୍ଯ୍ୟର ଏକ ନୂତନ ଡିଜାଇନ ପ୍ରସ୍ତୁତ କରିବା। ଏହି ଅବସରରେ ଯୁଗ୍ମ ନିର୍ଦ୍ଦେଶକ ବୟନଶିଳ୍ପ ଦେବଜିତ ନନ୍ଦି ପାରମ୍ପରିକ ପଦ୍ଧତିରେ ନୂତନ




ଡିଜାଇନ ସୃଷ୍ଟିକରି ହସ୍ତତନ୍ତକୁ ବିଶ୍ୱ ଦରବାରରେ ଜନାଦୃତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହାକାଥନ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ପ୍ରମାଣପତ୍ର ସହ ୧୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିବାସହ ବିଜୟୀ ଦଳର ୨ ଜଣ ସଦସ୍ୟ ରାଜ୍ୟସ୍ତରୀୟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଯଥାକ୍ରମେ ପ୍ରମାଣପତ୍ର ସହ ୬ ହଜାର ଟଙ୍କା ଓ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବରେ ରାଜେନ୍ଦ୍ର ସିକନ୍ଦର, ବିଚିତ୍ର ମେହେର, ସାମନ୍ତ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏସ୍‌ଏଆର୍‌ସିଏସ୍ ଶରତଲାଲ ସିଂହ, ବୟନ ନିରୀକ୍ଷକ ସୁଦାମ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଏସ୍‌ସି-ଆଇଏସ୍‌ଟି ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ଇଣ୍ଡକ୍ସନ୍ କାର୍ଯ୍ୟକ୍ରମ

ସମ୍ବଲପୁର, ୧୧।୮ (ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସୂଚନା ବିଜ୍ଞାନ ଏବଂ ଟେଲିକମ୍ୟୁନିକେସନ୍ (ଆଇଏସ୍‌ଟି) ବିଭାଗ ଦ୍ୱାରା ବିଏସ୍‌ସି-ଆଇଏସ୍‌ଟି ପ୍ରଥମ ବର୍ଷରେ ନବୀନ ଛାତ୍ରଛାତ୍ରୀଙ୍କ ଇଣ୍ଡକ୍ସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଭାଗର ମୁଖ୍ୟ ପ୍ରଫେସର ଡ. ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପାର୍ଥସାରଥୀ ମଲ୍ଲିକ ମୁଖ୍ୟଅତିଥି ଏବଂ ଜନସମ୍ପର୍କ ଅଧିକାରୀ ଡ. ଅତୁଲ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଶ୍ୱବିଦ୍ୟାଳୟ ଓ ଆଇଏସ୍‌ଟି ବିଭାଗର ନିୟମ, ଶୃଙ୍ଖଳା ଏବଂ ମାନଦଣ୍ଡ ବିଷୟରେ ଆଲୋକପାତ କରିଥିଲେ। ବିଭାଗର ସଂଯୋଜକ ସତ୍ୟବାନ ବେହେରା




ସ୍ୱାଗତଭାଷଣ ଦେଇଥିଲେ। ଏହାଦ୍ୱାରା ନୂତନ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସୂଚନା ଓ ପ୍ରଶିକ୍ଷଣ ଦିଆଯାଇଛି, ଯାହା ଏକ ଦୃଢ଼ ଆଧାର ତିଆରି କରିବାରେ ସହାୟକ ହୋଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ, ଛାତ୍ରଛାତ୍ରୀମାନଙ୍କୁ କ୍ୟାରିଅର ସମ୍ବନ୍ଧୀୟ ଏକ ଦୃଷ୍ଟିପାତ ଦେଇ ସୃଜନାତ୍ମକ ଓ ବୈଜ୍ଞାନିକ ଦକ୍ଷତା ବୃଦ୍ଧି କରାଯିବା। ବିଭାଗର ଅଧ୍ୟାପକ ସୁଜିତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସହଯୋଗୀ ଅଧ୍ୟାପକ କଲ୍ଲୋଳ ଅଧିକାରୀ, ଡେମୋନ୍‌ଷ୍ଟ୍ରେଟର୍ ଖଗେଶ୍ୱର ସାହୁ, ଲ୍ୟାବ୍ ସହାୟକ ଜଗଦୀଶ ବିସି ଏବଂ ବରିଷ୍ଠ ଛାତ୍ର ବିଶାଳ, ତନ୍ମୟ, ଦୀପକ, ସମ୍ବିତ ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କ ଅଧିକାର କର୍ମଶାଳା




ସମ୍ବଲପୁର, ୧୧।୮ (ସମିସ) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସମାଜମଙ୍ଗଳ ବିଭାଗ ତରଫରୁ ଆର୍ଥିକ ସ୍ୱାକ୍ଷରତା, ସାଇବର ସୁରକ୍ଷା ଓ ମହିଳା ଓ ବାଳିକାମାନଙ୍କ ପାଇଁ ଥିବା ବିଭିନ୍ନ ଅର୍ଥନୈତିକ ଓ ରାଜନୈତିକ ଅଧିକାରକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ସଂଯୋଜିକା ଏଡ.ଏଟ୍. ଆଶ୍ୱିନ ସୁନୀତା ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସମ୍ବଲପୁର ସରୋଜା ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ସାଇବର ସୁରକ୍ଷା କିପରି ସମସ୍ତଙ୍କ ପାଇଁ ଜରୁରୀ ତାହାଉପରେ ଆଲୋକପାତ କରିଥିଲେ। ସମାଜ ମଙ୍ଗଳ ଅଧିକାରୀ ମନୀଷା ବେହେରା ବେଟି ବଚାଓ, ବେଟି ପଢ଼ାଓ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଆଜୀବିକା ମିଶନର ପୂର୍ବତନ କର୍ମକର୍ତ୍ତା ଶିବ ପ୍ରସାଦ ବେହେରା, ପୋଲିସ ଇନ୍ସପେକ୍ଟର ଚନ୍ଦ୍ରମୋହନ ସିଂହ, ଆଇନଜୀବୀ ପ୍ରମୋଦ ସରାଫ ତାଲିମଦାତା ଭାବରେ ଯୋଗଦେଇ ମହିଳା ଓ ବାଳିକାମାନଙ୍କ ପାଇଁ ଥିବା ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାର ଓ ବିଭିନ୍ନ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ପାରାଲିଗାଲ କର୍ମୀ, ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ। ଶେଷରେ କିଶୋରୀ ମାନଙ୍କ ମଧ୍ୟରେ "ସାଇବର ସୁରକ୍ଷା'କୁ ନେଇ ଏକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସଂଯୋଜକ ଛୋଟେଲାଲ ସାହୁ ସହଯୋଗ କରିଥିଲେ।

## ୧୪ରେ ସମ୍ବଲପୁର-ଚର୍ଲାପଲ୍ଲୀ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍

ସମ୍ବଲପୁର, ୧୧।୮ (ସମିସ) : ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ଅଭିମୁଖେ ବଢ଼ିଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର-ଚର୍ଲାପଲ୍ଲୀ ମଧ୍ୟରେ ଗୋଟିଏ ଦିନସକାଶେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ ପରିଚାଳନା କରାଯିବ। ଟ୍ରେନ୍ ନଂ ୦୮୩୦୯ ସମ୍ବଲପୁର-ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ୧୪ ଅଗଷ୍ଟ (ଶୁକ୍ରବାର) ୧୧ଟା ୪୫ ମିନିଟ୍‌ରେ ସମ୍ବଲପୁରରୁ ଯାତ୍ରା ଆରମ୍ଭକରି ୧୫ ଅଗଷ୍ଟ (ଶନିବାର) ଦିନ ସାଢ଼େ ୧୧ଟାରେ ଚର୍ଲାପଲ୍ଲୀରେ ପହଞ୍ଚିବ। ଏହି ସ୍ୱତନ୍ତ୍ର ଟ୍ରେନ ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା, ରାୟଗଡ଼ା, ପାର୍ବତୀପୁରମ୍ ଟାଉନ୍, ବୋବିଲି, ବିଜୟନଗରମ୍, କୋଟାଭାଲାସା, ପେଣ୍ଡୁରଟି, ସିମ୍ହାଚଲମ ଉତ୍ତର, ଦୁଭାଡା, ସାମଲକୋଟ, ରାଜମହେନ୍ଦ୍ରୀ, ବିଜୟୱାଡା ଜଙ୍କସନ, ଗୁଣ୍ଟୁର, ମିରାୟଲାଗୁଡା ଏବଂ ନାଲଗୋଣ୍ଡା ଷ୍ଟେସନରେ ରହଣି କରିବ। ଏହି ସ୍ପେଶାଲ୍ ଟ୍ରେନରେ ମୋଟ ୨୧ଟି ବଗି ରହିବ। ସେଥିମଧ୍ୟରେ ୧୨ଟି ସ୍ଲିପର୍ ଶ୍ରେଣୀ ବଗି, ୬ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ୧ଟି ଦ୍ୱିତୀୟ ଏସି ବଗି ଏବଂ ୨ଟି ଲଗେଜ୍ -ସହ -ଦିବ୍ୟାଙ୍ଗ ଅନୁକୂଳ କୋଚ୍ ସାମିଲ ହେବ ବୋଲି ରେଳବାଇ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାସ୍ତା ମରାମତି ହେଉନି

# ଜାତୀୟ ରାଜପଥ ଗର୍ତ୍ତରେ ବସି ବିରୋଧ ପ୍ରଦର୍ଶନ

ରେଢ଼ାଖୋଲ,୧୧।୮ (ସମିସ)

ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାସ୍ତା ମରାମତି ହେଉନାହିଁ। ତେଣୁ ଜାତୀୟ ରାଜପଥ ରାସ୍ତା ଉପରେ ଥିବା ଗର୍ତ୍ତ ପାଣିରେ ବସି ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି ଲୋକେ। ଏହାସହ ସେଥିରେ ଡଙ୍ଗା ଭସାଇ ଓ କୀର୍ତ୍ତନ କରି ବିରୋଧ ପ୍ରଦର୍ଶନ କରିଥିଲେ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ରାଞ୍ଚି ବିଜୟୱାଡା ରାସ୍ତା ୧୫୩(ବି) ଜାତୀୟ ରାଜପଥ ସହରର ଭୀମଭୋଇ ଛକଠାରେ ମଙ୍ଗଳବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ରେଢ଼ାଖୋଲରୁ କିଆକଟା ପର୍ଯ୍ୟନ୍ତ ଉକ୍ତ ରାସ୍ତା ଉପରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା



ମରାମତି ପାଇଁ ବିଭାଗୀୟ ଅଧିକାରୀ ଓ ପ୍ରଶାସନକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ କରୁନାହାନ୍ତି। ଏହା ପୂର୍ବରୁ ଏହି ରାସ୍ତା ତିନିଥର ମରାମତି କାର୍ଯ୍ୟ ହୋଇଥିଲା। କିନ୍ତୁ ଏହା ଅତି ନିମ୍ନମାନର ମରାମତି କାର୍ଯ୍ୟ ହେଉଥିବାରୁ କିଛିଦିନ ମଧ୍ୟରେ ଏହା ପୁଣି ଗର୍ତ୍ତ ସୃଷ୍ଟି ହେଉଛି। ତେଣୁ ମଙ୍ଗଳବାର ରେଢ଼ାଖୋଲ ନାଗରିକ କମିଟି ପକ୍ଷରୁ ସଭାପତି ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସାଧାରଣ ଜନତା ନିଆରା ଢଙ୍ଗରେ ବିରୋଧ ପ୍ରଦର୍ଶନ କରିଥିଲେ। ବିଭାଗୀୟ ଅଧିକାରୀ ବିଳମ୍ବରେ ଆସି ଥିବାରୁ ତାଙ୍କୁ ଫୁଲମାଳ ପିନ୍ଧାଇ ସ୍ୱାଗତ କରି ବିରୋଧ କରାଯାଇଥିଲା। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ସହରରେ ଥିବା ଗର୍ତ୍ତ ଗୁଡ଼ିକ ମରାମତି ହେବା ସହିତ ଯଥାଶୀଘ୍ର ରେଢ଼ାଖୋଲରୁ କିଆକଟା ପର୍ଯ୍ୟନ୍ତ ଉକ୍ତ ରାସ୍ତା ମରାମତି ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପୁଣି ସନ୍ଧ୍ୟା ସମୟରେ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ, ବିଭାଗୀୟ ଏସି ଶାନ୍ତନୁ ସାହୁ, ଜେଇ ଆଦିତ୍ୟ ପରିଡ଼ା ସହିତ ନାଗରିକ କମିଟି ସଦସ୍ୟ ମାନେ ରେଢ଼ାଖୋଲରୁ କଦଳିଗଡ ପର୍ଯ୍ୟନ୍ତ ଯାଇ ରାସ୍ତା ଉପରେ ଥିବା ଗର୍ତ୍ତ ଗୁଡ଼ିକ ଦେଖାଇ ସ୍ଥାୟୀ ମରାମତି କରିବା ପାଇଁ ଦାବି କରିଥିଲେ। ଏହି ଆନ୍ଦୋଳନରେ ଅରୁଣ କୁମାର ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, ସୁନୀଲ କୁମାର ପ୍ରଧାନ, ଶିବଶମ୍ଭୁ ନନ୍ଦ, ଅମରେଶ ନାଏକ, ନନ୍ଦୁ ମିରୀ, କ୍ଷୀରୋଦ ଖିଲାରି, ରାଜୀବ ଲୋଚନ ପ୍ରଧାନ, ମନୋଜ ରାୟ, ପ୍ରକାଶ ମୁଖୀ, ଦତ୍ତ ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟ ଏବଂ ଅଞ୍ଚଳବାସୀ ସାମିଲ ଥିଲେ।

# ଦାନା ଯୋଗାଡ଼ କରିବାକୁ ଯାଇ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଥୁଆମୂଳରାମପୁର,୧୧।୮ (ସମିସ)

ଦାନା ଯୋଗାଡ଼ କରିବାକୁ ଘର ଛାଡ଼ିଥିଲେ। ଦୁଇ ପରିବାରର ମୁହଁରେ ଦୁଇମୁଠା ଦାନାଦେବା ପାଇଁ ଦାଦନ ଖଟିବାକୁ ଯାଇଥିଲେ ହାଇଦରାବାଦ। ହେଲେ ଆଉ ଫେରିଲେ ନାହିଁ ନିଜ ଘରକୁ। ହାଇଦରାବାଦରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ବେଳେ ଶିବ ମାଝୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ। ଥୁଆମୂଳ ରାମପୁର ବ୍ଲକର ପାଡେପଦର ପଞ୍ଚାୟତ ଅଧୀନ ଖମାରପଦର ଗାଁର ଶିବ ମାଝୀ। ଅଭାବ ଅନଟନର ସଂସାରରେ ନିଜେ ଦିନମଜୁରୀ କରି ଦୁଇଟି ପରିବାରର ଭରଣପୋଷଣ କରୁଥିଲେ। ତାଙ୍କ ମୃତ୍ୟୁପରେ ଅସହାୟ ହୋଇପଡ଼ିଛନ୍ତି ଦୁଇ ପରିବାର। ଶିବଙ୍କ ପରିବାରର ଅବସ୍ଥା କେତେ ଦୁର୍ଦ୍ଦଶାପୂର୍ଣ୍ଣ, ତାହା ତାଙ୍କ ମୌଳିକ ସୁବିଧାର ଅଭାବରୁ ହିଁ ସ୍ପଷ୍ଟ ହେଉଛି। ନା ଅଛି ଜମିବାଡ଼ି, ନା ଅଛି ନିଜସ୍ୱ ଘରବାଡ଼ି। ଏପରିକି ରାସନ କାର୍ଡ ମଧ୍ୟ ନାହିଁ। ଦୁଃଖର ବିଷୟ, ଶିବଙ୍କ ନିଜର ଆଧାର କାର୍ଡ ମଧ୍ୟ ନ ଥିବା କୁହାଯାଉଛି। ଘରେ ଅଛନ୍ତି ବୃଦ୍ଧା ମା' ଯମୁନା ମାଝୀ। ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ଏଯାଏ ତାଙ୍କୁ ମିଳିନାହିଁ ସାମାଜିକ ସୁରକ୍ଷା ଭତ୍ତା। ଅନ୍ୟପଟେ ଶିବଙ୍କ ଶ୍ୱଶୁର ମଧ୍ୟ ପାରାଲିସିସ୍‌ରେ ପୀଡ଼ିତ। ତାଙ୍କୁ ମଧ୍ୟ ଭତ୍ତା ମିଳୁନାହିଁ। ଦୁଇଜଣ ବୃଦ୍ଧ ଓ ଅସହାୟ ବ୍ୟକ୍ତିଙ୍କ ଦାୟିତ୍ୱ ଶିବଙ୍କ କାନ୍ଧରେ ଥିଲା। ପରିବାରରେ ପିଲାଛୁଆ ନାହାନ୍ତି। ଶିବଙ୍କ ସଂସାରରେ ରହିଛନ୍ତି ତାଙ୍କ ସ୍ତ୍ରୀ ରଶ୍ମୀ ମାଝୀ। ସ୍ୱାମୀଙ୍କ ମୃତ୍ୟୁପରେ ଏବେ ରଶ୍ମୀଙ୍କ ମୁଣ୍ଡରେ ଦୁଇଟି ପରିବାରର ଦାୟିତ୍ୱ। ଏକପଟେ ବୃଦ୍ଧା ଶାଶୂ, ଅନ୍ୟପଟେ ପାରାଲିସିସ୍‌ରେ ପୀଡ଼ିତ ବାପା। ନିଜେ କେମିତି ବଞ୍ଚିବେ ଏବଂ ଦୁଇ ପରିବାରକୁ କେମିତି ପ୍ରତିପୋଷଣ କରିବେସେହି ଚିନ୍ତା ଏବେ ରଶ୍ମୀଙ୍କୁ ଘାରିଛି।



**ରଶ୍ମୀଙ୍କ ମୁଣ୍ଡରେ ଶାଶୂ ଓ ପାରାଲିସିସ୍ ପୀଡ଼ିତ ବାପାଙ୍କ ଦାୟିତ୍ୱ**

ସରକାରୀ ଯୋଜନାରୁ ବଞ୍ଚିତ ଏହି ଅସହାୟ ପରିବାରକୁ ପ୍ରଶାସନ ସହଯୋଗ କରିବାକୁ ନିବେଦନ କରିଛନ୍ତି।

## ଖଡ଼ିଆଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଶିବର

ଖଡ଼ିଆଳ,୧୧।୮ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋଟର ତାଲିକା ସମ୍ପର୍କିତ ଆପତ୍ତି ଓ ଅଭିଯୋଗର ଶୁଣାଣି କରାଯିବା ସହ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭୋଟର ଉପସ୍ଥିତ ରହି ନିଜନିଜ ତଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ। ଭୋଟର ତାଲିକାରେ ନାମ ସଂଯୋଜନ, ବାଦ୍ ଦେବା କିମ୍ବା ତଥ୍ୟ ସଂଶୋଧନଆବଶ୍ୟକଥିଲେସେସମ୍ପର୍କରେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଏହି ଶିବିରରେ ବିଏଲ୍‌ଓମାନେ ଯୋଗଦେଇ ଭୋଟରମାନଙ୍କଠାରୁ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ସଂଗ୍ରହ କରି ମୋବାଇଲ୍ ଆପ୍ ମାଧ୍ୟମରେ ଅପଲୋଡ୍ କରିବା ସହ ତାଲିକାଭୁକ୍ତ କରୁଛନ୍ତି। ଏଥିସହ ୨୦୦୨ ମସିହାର ଭୋଟର ତାଲିକାରେ ଥିବା ତଥ୍ୟକୁ ମଧ୍ୟ ଯାଞ୍ଚ କରାଯାଇ ଆବଶ୍ୟକ ସୂଚନା ପ୍ରଦାନ କରାଯାଉଛି। ସୂଚନାଅନୁସାରେ, ଆସନ୍ତା ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟରତାଲିକା ପ୍ରକାଶ ପାଇବ। ତେଣୁ ସମସ୍ତ ନାଗରିକ ନିଜ ଭୋଟର ତାଲିକାରେ ଥିବା ତଥ୍ୟ ଯାଞ୍ଚକରି ଆବଶ୍ୟକ ସଂଶୋଧନ ପାଇଁ ସଠିକ୍ ତଥ୍ୟ ଓ କାଗଜପତ୍ର ପ୍ରଦାନ କରିବାକୁ ଆହ୍ୱାନ କରାଯାଇଛି।

## କିସ୍ ଆବାସିକ ବିଦ୍ୟାଳୟରେ 'ନିଶାମୁକ୍ତ ଭାରତ' କାର୍ଯ୍ୟକ୍ରମ




ଭବାନୀପାଟଣା,୧୧।୮ (ସମିସ): କିସ୍ ଆବାସିକ ବିଦ୍ୟାଳୟ ବାଦିଲିରେ ଭାରତ ସରକାରଙ୍କ "ନିଶାମୁକ୍ତ ଭାରତ' କାର୍ଯ୍ୟକ୍ରମ ବ୍ରହ୍ମକୁମାରୀ ସଂଗଠନ ତରଫରୁ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ବ୍ରହ୍ମାକୁମାରୀ ଭବାନୀପାଣାର ମୁଖ୍ୟ ସଂଚାଳିକା ଶଶି ଭଉଣୀ, ବି.କେ ଦୁଲ୍‌ହଣୀ ଭଉଣୀ, ବି.କେ ଡ. ଜୟନ୍ତୀ ଭଉଣୀ, ବି.କେ ବିକାଶ ଭାଇ, ମହେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ କଳାହାଣ୍ଡି, ତଥା କ୍ରୀଡା ଭାରତୀର ଅଧ୍ୟକ୍ଷ ପ. ଓଡ଼ିଶା, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା, କିସ୍ କଳାହାଣ୍ଡିର ଉପ କାର୍ଯ୍ୟନିର୍ବାହୀ ଦୁଷ୍ମନ୍ତ କୁମାର ପଧାନଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଡ. ଜୟନ୍ତୀ ଭଉଣୀ ନିଶା ସେବନର ଦୁଷ୍ପରିଣାମ ବିଷୟରେ ଅବଗତ କରାଇଥିଲେ। ଅତିଥି ମହେନ୍ଦ୍ର ପଣ୍ଡା ମଧ୍ୟ ନିଶାସେବନର କୁପରିଣାମ ସହ ଏକ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଦେଶ ଗଠନ ପାଇଁ ପ୍ରତିଜ୍ଞା ମଧ୍ୟ କରାଯାଇଥିଲା। ଏ କାର୍ଯ୍ୟକ୍ରମକୁ ଶିକ୍ଷକ କ୍ଷୀରସିନ୍ଧୁ ସାହୁ ପରିଚାଳନା କରିଥିଲେ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କିସ୍ ଅନୁଷ୍ଠାନର ଆସିଷ୍ଟାଣ୍ଟ ସି.ଇ.ଓ ଦୁଷ୍ମନ୍ତ ପଧାନ କିସ୍‌ର ବିଚାରଧାରା ଓ ଡ. ଅଚ୍ୟୁତ ସାମନ୍ତଙ୍କ ବିଚାରଧାରା କେମିତି ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିଆସୁଛି ସେ ବିଷୟରେ ଅବଗତ କରାଇଥିଲେ।

# ବର୍ଷାରେ ଭୁଶୁଡ଼ିଲା ମାଟିଘର

ଥୁଆମୂଳ ରାମପୁର,୧୧।୮ (ସମିସ): ଲଗାଣବର୍ଷା ଯୋଗୁଁ ଗରିବ ପରିବାରର ମୁଣ୍ଡଉପରୁ ଛାତ ହଜିଯାଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନ ଗୁଣପୁର ପଞ୍ଚାୟତ ଅଧୀନସ୍ଥ ପାନଭଟା ଗ୍ରାମରେ ଭୀଷଣ ବର୍ଷାରେ ଏକ ମାଟିଘର ଭୁଶୁଡ଼ି ପଡ଼ିବା ଘଟଣା ସାମ୍ନାକୁ ଆସିଛି। ଘରଟି ଭାଙ୍ଗି ପଡ଼ିବା ପରେ ସୁରେଶ ପାତ୍ରଙ୍କ ପରିବାର ଏବେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ସୂଚନା ଅନୁସାରେ, ଗତ ୯ ତାରିଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଲଗାଣ ବର୍ଷାର ପ୍ରଭାବରେ ସୁରେଶ ପାତ୍ରଙ୍କ ମାଟି ଘରର ଗୋଟିଏ ଅଂଶ ହଠାତ୍ ଭୁଷୁଡ଼ି ପଡ଼ିଥିଲା। ସୌଭାଗ୍ୟବଶତଃ ଘରେ ଥିବା ସୁରେଶଙ୍କ ସ୍ତ୍ରୀ ଓ ତିନି ପୁଅଝିଅ ଅକ୍ଷତ ଅବସ୍ଥାରେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଘର ଭୁଶୁଡ଼ି ପଡ଼ିବା ପରେ ପରିବାରଟି ଏବେ ଗୁରୁତର ଆବାସ ସଙ୍କଟରେ ପଡ଼ିଛି। ବର୍ଷାଋତୁ ଜାରି ରହିଥିବାରୁ ଭଙ୍ଗା ଘରରେ ରହିବା ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି। ଫଳରେ ସୁରେଶଙ୍କ ପରିବାରକୁ ନିଜ ସ୍ତ୍ରୀ ଓ ତିନି ଛୁଆଙ୍କୁ ନେଇ ଦିନ କାଟିବାକୁ ପଡୁଛି। ଘର ଭାଙ୍ଗିଯିବା ପରେ ପରିବାରର ଖାଦ୍ୟ, ପାନୀୟ ଜଳ ଓ ସୁରକ୍ଷିତ ରହଣି ସମେତ



ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ନେଇ ସମସ୍ୟା ଦେଖାଦେଇଛି। ବିଶେଷକରି ବର୍ଷା ଦିନରେ ଛୋଟ ପିଲାଙ୍କୁ ନେଇ ଏଭଳି ଅସୁରକ୍ଷିତ ପରିସ୍ଥିତିରେ ରହିବା ପରିବାର ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ସ୍ଥିତିରେ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିବା ସହ ପରିବାରକୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ସୁରେଶଙ୍କ ପରିବାରକୁ ସୁରକ୍ଷିତ ରହିବା ପାଇଁ ଅସ୍ଥାୟୀ ଆଶ୍ରୟ, ଖାଦ୍ୟ ଓ ପାନୀୟ ଜଳ ଯୋଗାଇବା ସହ ଯୋଗ୍ୟତା ଅନୁଯାୟୀ ଆବାସ ଯୋଜନାରେ ସ୍ଥାୟୀ ଘର ଯୋଗାଇଦେବାକୁ ମଧ୍ୟ ଦାବି ହୋଇଛି। ବର୍ଷା ଋତୁ ଆହୁରି ଜାରି ରହିଥିବାରୁ ଆଗାମୀ ଦିନରେ ପୁଣି ପ୍ରବଳ ବର୍ଷା ହେଲେ ଭଙ୍ଗା ଘରର ଅବଶିଷ୍ଟ ଅଂଶ ମଧ୍ୟ ଭୁଷୁଡ଼ି ପଡ଼ିବାର ଆଶଙ୍କା ରହିଛି। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଏହି ପରିବାରର ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅଞ୍ଚଳବାସୀ କହିଛନ୍ତି। ଗରିବ ପରିବାରଟି ବର୍ଷା ଦିନରେ ଆଶ୍ରୟ ପାଇଁ ଅସହାୟ ହୋଇପଡ଼ିଥିବା ବେଳେ ଏବେ ସମସ୍ତଙ୍କ ନଜର ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଉପରେ। ତୁରନ୍ତ ସହାୟତା ମିଳିଲେ ପରିବାରଟି ଏହି ଦୁର୍ଦ୍ଦଶାରୁ କିଛିଟା ମୁକ୍ତି ପାଇପାରିବ ବୋଲି ଆଶା ପ୍ରକାଶ ପାଇଛି।

## ଦେଣ୍ଡୋଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଳିଲା ଆଉଜଣେ ଶିକ୍ଷକ



କେସିଙ୍ଗା,୧୧।୮ (ସମିସ): ମଙ୍ଗଳବାର ସକାଳୁ କେସିଙ୍ଗା ବ୍ଲକ ଦେଣ୍ଡୋଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬୦ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି ଓ ସେହି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ୪ ଜଣ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଛି। ୪ ଜଣ ଶିକ୍ଷକ ମଧ୍ୟରୁ ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ଦେଣ୍ଡୋଗୁଡ଼ା ସ୍କୁଲରୁ ଅନ୍ୟତ୍ର ଡେପୁଟେସନରେ ପଠାଇବାରୁ ଅଭିଭାବକମାନେ ଶିକ୍ଷକ ନିଯୁକ୍ତିକୁ ନେଇ ସ୍କୁଲର ତାଲା ପକାଇଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ଉକ୍ତ ବିଷୟ ଉପରେ ଗ୍ରାମବାସୀ ଓ ଅଭିଭାବକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ବିଇଓ ଆଉଜଣେ ଶିକ୍ଷକ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିଇଓ ନିଜ ପ୍ରତିଶ୍ରୁତି ପାଳନ ନ କରିବାର ଅଭିଯୋଗ କରିଛନ୍ତି ଅଭିଭାବକ। ଏନେଇ କେସିଙ୍ଗା ବିଇଓ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ଆଉଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଛି ବୋଲି କହିଥିଲେ।

# ପାଳିତ ହେଲା ପ୍ରାଚୀନ କୃଷି ପରମ୍ପରାର ମହାନ ଧାରା 'ଜୁରା ବନ୍ଧା'

ଭବାନୀପାଟଣା,୧୧ ।୮ (ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦରଠାରେ ଦେଖିବାକୁ ମିଳିଛି ମଗଧା ଯାଦବ ସଂସ୍କୃତିର ଏକ ଅନନ୍ୟ ପରମ୍ପରା 'ଜୁରା ବନ୍ଧା'। ବୁଢ଼ୀପଦରର ଧଙ୍ଗଡାମାଝୀ କରୁଆଁ ପରିବାର ଏହି କୃଷି ପରମ୍ପରାକୁ ପୁରୁଷାନୁକ୍ରମେ ପାଳନ କରି ଆସୁଛନ୍ତି। କୃଷି କ୍ଷେତ୍ରରେ ତଳିରୋପଣର ଶେଷ ଦିନରେ ପାଳିତ ହୋଇଥାଏ ଜୁରା ବନ୍ଧା ବିଧି। ଏହା ପରିବାରର ବଡ଼ ବୋହୂଙ୍କ ଦ୍ୱାରା ସଂପାଦିତ ହୋଇଥାଏ। ଜମିରେ ଶ୍ରମିକମାନେ ତଳିରୋପଣ କରି ସାରିବାର ଶେଷ ସମୟରେ ଘରର ବଡ଼ ବୋହୂ ପରିବାର ସହ ଜମିରେ ପହଞ୍ଚି ପୂର୍ବ ଦିଗକୁ ମୁହଁ କରି ଦୁଇଟି ତଳି ବିଡାକୁ ପାଖାପାଖି ରଖି ଖିର, ଅରୁଆ ଚାଉଳ, ହଳଦୀ ଓ ଫୁଲ ଦେଇ ବନ୍ଦାପନା କରିଥାନ୍ତି। ବନ୍ଦାପନା କରାଯାଉଥିବା ତଳି ବିଡା ମଗଧା ଯାଦବଙ୍କ ଇଷ୍ଟଦେବତା କଣାଭୈରୋ ଓ ମାଲଛମାଁଙ୍କ



ପ୍ରତୀକ ରୂପେ ପୂଜା ପାଇଥାନ୍ତି। ଏହି ଦୁଇଟି ତଳି ବିଡାକୁ ବନ୍ଧାଇବା ପରେ ରୋପଣ କରିବା ପରେ ବଡ଼ ବହୁ ନିଜ ସ୍ୱାମୀଙ୍କୁ ହଳଦୀ ଲଗାଇ ଥାନ୍ତି, ଏହାପରେ ସେଠାରେ ଉପସ୍ଥିତ ଥିବା ମହିଳାମାନେ ହଳଦୀ ଖେଳିଥାନ୍ତି। ହଳଦୀ ଖେଳପରେ କ୍ଷେତ୍ର ପରିକ୍ରମା କରା ଯାଇଥାଏ। କ୍ଷେତ୍ର ପରିକ୍ରମା କରିବା ଫଳରେ ସକରାତ୍ମକ ଉର୍ଜା ସୃଷ୍ଟି ହୋଇଥାଏ, ଯାହା ବିଜ୍ଞାନ ସମ୍ମତ। ଏହାଛଡ଼ା ବଡ ବୋହୂ ଘର ଓ ବାହାରର ସମସ୍ତ ଦାୟିତ୍ୱ ଗ୍ରହଣ କରିବାକୁ କିପରି ସକ୍ଷମ ହୋଇପାରିବ ତାହା ଏହି ପର୍ବ ପାଳନର ପଶ୍ଚାତଭାଗରେ ଅନ୍ତର୍ନିହିତ ହୋଇ ରହିଥାଏ। ତେବେ ଜୁରା ବନ୍ଧା ନିତି ସଂପନ୍ନ ହେବା ପରେ ଦେବୀ ମାଲଛମାଙ୍କୁ କୃଷି କ୍ଷେତ୍ରର ଦାୟିତ୍ୱ ଅର୍ପଣ କରି ଘରକୁ ଫେରିଥାଏ ବଡ଼ ବୋହୂ। ଏହିଦିନ ଘରେ ଅସ୍ତ୍ରଶସ୍ତ୍ର ପୂଜା ହୋଇଥାଏ ଏବଂ ହଳିଆ ତୁଳିଆ ଓ ଶ୍ରମିକମାନଙ୍କୁ ଭୁରି ଭୋଜନରେ ଆପ୍ୟାୟିତ କରିଥାନ୍ତି ଗୃହସ୍ୱାମୀ। ପୂର୍ବେ ମଗଧା ଯାଦବମାନେ ରାଜ୍ୟ ସୁରକ୍ଷା ସହ କୃଷି କର୍ମ କରୁଥିଲେ। ଜୁରା ବନ୍ଧା ପରେ ହରାଲି ଉଆଁସ ଦିନ କୃଷି କ୍ଷେତ୍ରରେ ବିଜୟର ପ୍ରତିକ ଭାବେ କେନ୍ଦୁ ଶାଖା କରି ସେମାନେ ଘରଣୀ ହାତରେ କୃଷିକ୍ଷେତ୍ର ଏବଂ ଘରର ଦାଇତ୍ୱ ଅର୍ପଣ କରି ସମର ଅଭ୍ୟାସ କରିବାକୁ ଆଖଡ଼ାକୁ କିମ୍ବା ସୀମାକୁ ଚାଲି ଯାଉଥିଲେ। ଯାହା ଆଜି ବି ପରମ୍ପରା ଅନୁକ୍ରମେ ଅନୁସୃତ ହୋଇ ଆସୁଛି। ସମୟର ପଟ୍ଟ ପରିବର୍ତ୍ତନ ସହ ଚନ୍ଦ୍ରବଂଶୀ ମଗଧା ଯୋଦ୍ଧାମାନେ କୃଷିଜୀବୀ ସମୂଦାୟରେ ରୂପାନ୍ତରିତ ହୋଇଛନ୍ତି। ଜୁରା ବନ୍ଧା ବିଧି ଅତିତର ସେହି ସ୍ମୃତିକୁ ମନେ ପକାଇ ଦେଇଥାଏ।

# ଧର୍ମଗଡ଼ରେ ଶ୍ମଶାନ ଭୂମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ଧର୍ମଗଡ଼,୧୧।୮ (ସମିସ): ଧର୍ମଗଡ଼ ତହସିଲ ଅଧୀନ ଖନାତରା (ମାଲପଡ଼ା) ଗ୍ରାମରେ ଶ୍ମଶାନ ଭୂମି ଚିହ୍ନଟ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଧର୍ମଗଡ଼ ତହସିଲଦାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ଗ୍ରାମରେ ଦୀର୍ଘ ଦିନ ହେବ ଶ୍ମଶାନ ସମସ୍ୟା ଲାଗି ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦଙ୍କ ନେତୃତ୍ୱରେ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତହସିଲଦାରଙ୍କୁ ଭେଟି ଏହି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା ଯେ, ମାଲପଡ଼ା ଗ୍ରାମରେ ୬୦୦ ରୁ ଅଧିକ ପରିବାର ବସବାସ କରୁଛନ୍ତି। ପୂର୍ବରୁ ଯେଉଁ ସ୍ଥାନରେ ଶବ ସଂସ୍କାର କରାଯାଉଥିଲା, ତାହା ଏବେ ବ୍ୟକ୍ତିଗତ ଲୋକଙ୍କ ନାମରେ ରେକର୍ଡଭୁକ୍ତ ହୋଇଯାଇଛି। ଫଳରେ ସେହି ଜାଗାରେ



ଚାଷକାର୍ଯ୍ୟ ଚାଲୁଥିବାରୁ ଏବେ ଶବଦାହ କରିବା ପାଇଁ ଗ୍ରାମରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନନାହିଁ। ଶ୍ମଶାନ ଭୂମି ଅଭାବରୁ ଗ୍ରାମବାସୀ ଶବ ସଂସ୍କାର ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରତିନିଧି ଦଳରେ ବିରଞ୍ଚି ହଂସ, ଲୋକନାଥ ହଂସ, ଗିରିଧାରୀ ସେନାପତି, ଗୁଡ଼େଶ୍ୱର ହଂସ, ଆନନ୍ଦ ହଂସ, ତାନୁର୍ଯ୍ୟ ହଂସ, ବିଜୟ ସେନାପତି, ମୃତ୍ୟୁଞ୍ଜୟ ହଂସ, ଉମାକାନ୍ତ ଗୋପାଳ ଏବଂ ହଜାରିଲାଲ ସେନାପତିଙ୍କ ସମେତ ଗ୍ରାମର ଅନେକ ଜନସାଧାରଣ ସାମିଲ ଥିଲେ। ଗ୍ରାମରେ ଥିବା ସରକାରୀ ଜମିକୁ ଶ୍ମଶାନ ଭୂମି ଭାବେ ଚିହ୍ନଟ କରିବାକୁ ସେମାନେ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

## ● ଜୟପାଟଣାରେ ଜୋରଦାର ଖାଦ୍ୟ ନିରାପତ୍ତା ଯାଞ୍ଚ

# ୩୧ ଜଣଙ୍କଠାରୁ ଜରିମାନା ଆଦାୟ



ଜୟପାଟଣା,୧୧।୮ (ସମିସ): ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଜୟପାଟଣା ଓ ଏହାର ଆଖପାଖ ଅଞ୍ଚଳରେ ଏକ ମିଳିତ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ 'କୋଟପା' (ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ଆଇନ)ର କଡ଼ାକଡ଼ି ଅନୁପାଳନ ଓ ଖାଦ୍ୟ ନିରାପତ୍ତା ଯାଞ୍ଚ କରାଯାଇଛି। ପୁଲିସ, ଅବକାରୀ ଏବଂ ଖାଦ୍ୟ ନିରାପତ୍ତା ବିଭାଗର ମିଳିତ ଉଦ୍ୟମରେ ଏହି ଚଢ଼ଉ ଅଭିଯାନ କରାଯାଇଥିଲା। ଯାଞ୍ଚ ସମୟରେ କୋଟପା ଆଇନର ୩୧ଟି ଉଲ୍ଲଂଘନ ଚିହ୍ନଟ କରାଯାଇ ନିୟମ ଉଲ୍ଲଘନକାରୀଙ୍କଠାରୁ ମୋଟ ୬,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହ ବ୍ୟବସାୟୀ ଓ ତମାଖୁ ବିକ୍ରେତାମାନଙ୍କୁ କୋଟପା ଆଇନର ବିଭିନ୍ନ ନିୟମାବଳୀ ବିଷୟରେ ସଚେତନ କରାଯାଇ ନିୟମାବଳୀର କଠୋର ଅନୁପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚବେଳେ ପ୍ରାୟ ୨୦ କିଲୋଗ୍ରାମ ବାସୀଖାଦ୍ୟ ଏବଂ ଅନୁମୋଦନହୀନ କୃତ୍ରିମରଙ୍ଗ ମିଶ୍ରିତ ଖାଦ୍ୟ ସାମଗ୍ରୀ ଚିହ୍ନଟ କରାଯାଇ ଘଟଣାସ୍ଥଳରେ ହିଁ ନଷ୍ଟ କରାଯାଇଛି। ବୈଧ ଲାଇସେନ୍ସ ନଥାଇ ବ୍ୟବସାୟ ଚଳାଉଥିବା ଖାଦ୍ୟ ବ୍ୟବସାୟୀଙ୍କୁ ତୁରନ୍ତ ଆବଶ୍ୟକୀୟ ଲାଇସେନ୍ସ ହାସଲ କରିବା ଏବଂ ଖାଦ୍ୟସୁରକ୍ଷା ନିୟମ ମାନିବା ପାଇଁ ନୋଟିସ୍ ଜାରି କରାଯାଇଛି। ଏହି ମିଳିତ ଅଭିଯାନରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ କବିଶ୍ୱଜିତ୍ ନାୟକ, ଜୟପାଟଣା ଥାନା ସବ୍‌ଇନ୍ସପେକ୍ଟର ଡୋଲାମଣି ମିର୍ଦ୍ଧା, ଅବକାରୀ କର୍ମଚାରୀ ନିରଞ୍ଜନ ବେହେରା, ଜିଲ୍ଲା ଏମ୍‌ଏନସିଡି ସଞ୍ଜୁକ୍ତା ବାଘ ସାମିଲ ଥିଲେ।

## ସ୍ଥାୟୀ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ଦାବି

ଖଡ଼ିଆଳ, ୧୧।୮ (ସମିସ): ମଙ୍ଗଳବାର ଓଡ଼ିଶା ବିଧାନସଭାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ବନ୍ଧୀୟ ଉପସ୍ଥାପନା ସମ୍ପର୍କିତ ଗୃହ କମିଟିର ବୈଠକରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ନୂଆପଡ଼ା ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ବୋଡ଼େନ ଓ ସିନାପାଲି ଠାରେ ସ୍ଥାୟୀ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହାଦ୍ୱାରା ଅଞ୍ଚଳବାସୀଙ୍କୁ ଜମିଜମା ଓ ପଞ୍ଜୀକରଣ ସମ୍ପର୍କିତ ସରକାରୀ ସେବା ପାଇବାରେ ଅଧିକ ସୁବିଧା ମିଳିପାରିବ ବୋଲି ମତ ରଖିଥିଲେ। ବନ୍ୟାରେ ନଷ୍ଟ ହୋଇଥିବା ଚାଷଜମି, ଫସଲ, ଘରଦ୍ୱାର ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତିର ନିରପେକ୍ଷ ଆକଳନ କରି ପ୍ରଭାବିତ ଲୋକଙ୍କୁ ଶୀଘ୍ର ସହାୟତା ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

## ଖରିଫ ଧାନ ବିକ୍ରି ପଞ୍ଜୀକରଣ ଜଟିଳତା; ଆନ୍ଦୋଳନ ଚେତାବନୀ ଦେଲେ ଚାଷୀ

ଜୟପାଟଣା,୧୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍‌ର ବାସ୍ତବଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି ସରକାରଙ୍କ ନୂଆ ଚାଷୀ ପଞ୍ଜୀକରଣ ନିୟମ। ଚାଷୀମାନେ ଏବେ ନୂଆ କାଗଜପତ୍ର ଯୋଗାଡ଼ କରିବାରେ ନାକେଦମ୍ ହେଲେଣି। ନିୟମ କୋହଳ ନହେଲେ ଧାନ ବିକ୍ରିରୁ ବଞ୍ଚିତ ହେବାର ଭୟ ସେମାନଙ୍କୁ ଘାରିଛି। ଜୟପାଟଣା ବ୍ଲକର ୫ଟି ପାକ୍ସ ରଣମାଳରେ ୩୩୩ ଶହରୁ ୭୨ ଜଣ, ବଡ଼ପୁଝାରିଗୁଡା ୩୧୧ଶହରୁ ୩ ଜଣ, ଜୟପାଟଣା ୨୮ ଶହରୁ ୫୬ ଜଣ, ବାନେର ୩୩୩ଶହରୁ ୧୧୦ ଜଣ ଓ ମଙ୍ଗଳପୁରରେ ୧୭ ଶହରୁ ୩୫ ଜଣ ଚାଷୀକୁ ମିଶାଇ ମୋଟ ୧୪,୨୦୦ ଜଣ ଚାଷୀ ମଧ୍ୟରୁ ୬ ଦିନରେ ପଞ୍ଜୀକରଣ ୨୭୬ ଜଣ ବା ୧.୯୪% ପ୍ରତିଶତ ପଞ୍ଜୀକରଣ କରିଛନ୍ତି। ଅବଶିଷ୍ଟ ୧୩,୯୨୪ ଜଣ ଚାଷୀ ଏବେ ବି କାଗଜପତ୍ରରେ ଘାଣ୍ଟି ହେଉଛନ୍ତି। ପଞ୍ଜୀକରଣ ଶେଷ ତାରିଖ ୩୧ ଅଗଷ୍ଟ। ହାତରେ ଆଉ ୧୮ ଦିନ, ତେବେ ପୈତୃକ ଜମି ନିଜ ନାମରେ ନ ଥିବା ବାସ୍ତବ ଚାଷୀମାନେ ନୂଆ କାଗଜପତ୍ର ପ୍ରମାଣିତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ୧୮ ଦିନ ବାକି ଥିବା ବେଳେ ଏତେ ସଂଖ୍ୟକ ଚାଷୀଙ୍କ ପଞ୍ଜୀକରଣ କିପରି ସମ୍ଭବ ହେବ, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଅସନ୍ତୋଷ ଚାଷୀ ଅନ୍ଦୋଳନ ଚେତାବନୀ ଦେଇଛନ୍ତି।

## ଘାଟମାଲ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

# ଅଞ୍ଚଳରେ କାମ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ସିନାପାଲି,୧୧।୮ (ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଅଧୀନ ଘାଟମାଲ ପଞ୍ଚାୟତର ତାଲାକୋଟ ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ସିନାପାଲି ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳି ମାଝୀ, ସରପଞ୍ଚ ଟେକରାମ ମାଝୀଙ୍କ ସମେତ ବିଭିନ୍ନ



ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ସେଗୁଡ଼ିକର ସୁଯୋଗ ସମ୍ପର୍କରେ ସଚେତନ କରିଥିଲେ। ବିଶେଷକରି ପ୍ରବାସୀ ଶ୍ରମିକମାନେ ବାହାର ରାଜ୍ୟକୁ ଯାଇ କାମ କରିବା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ସ୍ଥାନୀୟ ସ୍ତରରେ ଜୀବିକାର ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ "ଝିଅ ପାଇଁ ଗଛଟିଏ' ଓ "ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ନବଜାତ କନ୍ୟାଶିଶୁ ତୃପ୍ତିମୟୀ ମାଝୀଙ୍କୁ କୋଳରେ ଧରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରବାସୀ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ଯାଇ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ କାମ କରିବା ପରିବର୍ତ୍ତେ ସରକାରଙ୍କ ଯୋଜନାର ସୁଯୋଗ ନେଇ ସ୍ଥାନୀୟ ସ୍ତରରେ ଜୀବିକା ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଥିଲେ। ଜିଲ୍ଲାପାଳ ଗ୍ରାମବାସୀଙ୍କୁ ନିଜ ପିଲାମାନଙ୍କୁ ନିୟମିତ ଭାବେ ବିଦ୍ୟାଳୟକୁ ପଠାଇ ଶିକ୍ଷିତ ଓ ମେଧାବୀ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମଣିରାମ ଜଗତ ଓ ପଙ୍କଜ ହଂସଙ୍କୁ "ସ୍ୱଚ୍ଛତା ଦୂତ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ "ପକ୍ଷୀ ପାଇଁ ଦିନଟିଏ' କାର୍ଯ୍ୟକ୍ରମ କରାଯାଇ ପକ୍ଷୀମାନଙ୍କ ସୁରକ୍ଷା ଓ ଜୈବ ବିବିଧତା ସଂରକ୍ଷଣ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ପାଠାଗାର ଏକ ଅଭିବୃଦ୍ଧିଶୀଳ ସଂଗଠନ।
-ଏସ୍ ଆର ରଙ୍ଗନାଥନ୍

## ମରଣୋତ୍ତର ରାୟ

ଗତ ଦୁଇ ସପ୍ତାହ ମଧ୍ୟରେ ଭାରତର ନ୍ୟାୟିକ ଇତିହାସରେ ଦୁଇଟି ଅଲୋଡ଼ା ଅଥଚ ଚିର ସ୍ମରଣୀୟ ଅଧ୍ୟାୟ ଲେଖି ହୋଇଛି। ଜୁଲାଇ ମାସ ଶେଷ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟ କୋଇଲା ଦୁର୍ନୀତି ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ ମନମୋହନ ସିଂହଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସେହିପରି ଚଳିତ ମାସ ପ୍ରଥମ ସପ୍ତାହରେ ବୋଫର୍ସ ମାମଲାର ଅନ୍ତ ଘଟାଇଛନ୍ତି। ଏହି ଦୁଇଟି ରାୟ ଅଲୋଡ଼ା ଏଇଥିପାଇଁ ଯେ ଉଭୟ ମାମଲାରେ ଯଦିବା ଦୋଷ ସାବ୍ୟସ୍ତ କରାଯାଇଥା'ନ୍ତା ତେବେ ଦଣ୍ଡ ଭୋଗିବା ପାଇଁ ଡ. ସିଂହ କିମ୍ବା ବୋଫର୍ସ ମାମଲାର ମୂଳ ଆରୋପିତ ରାଜୀବ ଗାନ୍ଧୀ ଜୀବିତ ନାହାନ୍ତି। ଏହା ଆମ ନ୍ୟାୟିକ ପ୍ରକ୍ରିୟାର ବିଳମ୍ବିତ ଦିଗଟିକୁ ସୂଚିତ କରୁଛି ଏବଂ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ ବୋଲି ପୁଣି ଥରେ ପ୍ରମାଣିତ ହେଉଛି।

ବିଶ୍ୱର ସର୍ବାଧିକ ଜନବହୁଳ ବିଶିଷ୍ଟ ବିଶାଳ ଭାରତ ଭୂଖଣ୍ଡରେ ପ୍ରତିଦିନ ଯେତିକି ମାମଲା ବିଚାର ପାଇଁ ଆସୁଛି ତା' ତୁଳନାରେ ବିଚାରପତିଙ୍କର ଅଭାବ ରହୁଛି। ଏଥିସହିତ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବା ପାଇଁ ଆଇନଜୀବୀମାନେ ଦାୟୀ ବୋଲି ଅଭିଯୋଗ ହେଉଛି। ଏହି ଦୁଇ ସମସ୍ୟା ମଧ୍ୟରୁ ପ୍ରଥମଟି ସ୍ପଷ୍ଟ ଦୃଶ୍ୟମାନ। ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା-ବିଚାରପତି ସଂଖ୍ୟାର ଅନୁପାତିକ ଜଟିଳତା ଆହୁରି ଅଧିକ। ବହୁଦିନର ଦାବି ପରେ ନିକଟରେ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିଛନ୍ତି। ଅପରପକ୍ଷରେ ଗତ ଜାନୁଆରୀ ୧ ତାରିଖ ସୁଦ୍ଧା ସର୍ବୋଚ୍ଚ ନ୍ୟାୟାଳୟରେ ୯୨, ୧୦୧ଟି ମାମଲା ବିଚାରାଧୀନ ରହିଥିଲା। ଏହାଛଡ଼ା ସମ୍ବିଧାନ ଖଣ୍ଡପୀଠ, ବୃହତ୍ତର ଖଣ୍ଡପୀଠ ଆଦିର ବ୍ୟବସ୍ଥା ଥିବାରୁ ଅନ୍ୟାନ୍ୟ ଖଣ୍ଡପୀଠ ପାଇଁ ବିଚାରପତି ସଂଖ୍ୟାରେ ଆହୁରି ଅଭାବ ଦେଖାଦେଉଛି। ତେଣୁ ମାତ୍ର ୪ ଜଣ ବିଚାରପତି ବୃଦ୍ଧି ଦ୍ୱାରା ବିଚାରାଧୀନ ମାମଲାରେ ଯେ ଦ୍ରୁତ ଉନ୍ନତି ଘଟିବ ସେ ଆଶା ଦେଖାଯାଉନାହିଁ।

ବିଚାରାଧୀନ ମାମଲାର ସଂଖ୍ୟା ବଢ଼ିବା ବର୍ଷେ ଦୁଇବର୍ଷର କଥା ନୁହେଁ। ଏହା ବର୍ଷ ବର୍ଷ ଧରି ପଡ଼ିଆସୁଛି। ଜାତୀୟ ନ୍ୟାୟିକ ନିଯୁକ୍ତି ସଂସ୍ଥା ଗଠନ ନିୟମ ପ୍ରବର୍ତ୍ତନ ପାଇଁ ସରକାରଙ୍କ ତତ୍ପରତା ଏବଂ ଐତିହାସିକ ସଂବିଧାନ ସଂଶୋଧନ ସତ୍ତ୍ୱେ ସୁପ୍ରିମକୋର୍ଟର ସମ୍ବିଧାନ ପୀଠ ଏହାକୁ ଖାରଜ କରିଦେବା ଫଳରେ ବକେୟା ରହିଥିବା ମାମଲାର ନିରନ୍ତର ବୃଦ୍ଧି ଘଟିଚାଲୁଛି। ସେବେଠୁ ସରକାର ଓ ସୁପ୍ରିମକୋର୍ଟଙ୍କ ମଧ୍ୟରେ ବିଚାରପତି ନିଯୁକ୍ତି ନେଇ କିଛିଟା ମତଭେଦ ଲାଗିରହିଛି। ଏ ଲଢ଼େଇରେ କାହାର ବିଜୟ ଘଟିଛି ତାହା ତ ଆମେ କହିପାରିବା ନାହିଁ, ତେବେ ଏହାକୁ ସ୍ୱୀକାର କରିବା ଯେ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ଓ ବିଡ଼ମ୍ବିତ ହୋଇଛି। ଏଥିରେ ନ୍ୟାୟପ୍ରାର୍ଥୀ, ସାଧାରଣ ଜନତା ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ନ୍ୟାୟିକ ବ୍ୟବସ୍ଥା ଅତ୍ୟନ୍ତ ବ୍ୟୟବହୁଳ; କିନ୍ତୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଆବଶ୍ୟକତା ପୂରଣ ପାଇଁ ସରକାରଙ୍କୁ ଏ ବାବଦରେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ଏବଂ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବାକୁ ହେବ। ନ ହେଲେ ମରଣୋତ୍ତର ରାୟ ପରିସଂଖ୍ୟାନ ବଢ଼ି ଚାଲିଥିବ। ●

## କେନ୍ଦ୍ର ଅସହିଷ୍ଣୁ କାହିଁକି?

ଖଣିଜ ଉତ୍ତୋଳନ ଉପରେ ଅତିରିକ୍ତ ଟିକସ ଧାର୍ଯ୍ୟ କରିବା ପାଇଁ ରାଜ୍ୟମାନଙ୍କର ନ୍ୟାଯ୍ୟ ଅଧିକାରକୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ମସିହାରେ ସବୁଜ ସଙ୍କେତ ଦେବା ପରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ନିଜସ୍ୱ ରାଜସ୍ୱ ବୃଦ୍ଧି ଦିଗରେ ଯେଉଁ ଆଶା ସଞ୍ଚାର ହୋଇଥିଲା ତାହାକୁ କେନ୍ଦ୍ର ସରକାର ପୁଣି ଥରେ ଭଣ୍ଡୁର କରିବାର ଉଦ୍ୟମ ଆରମ୍ଭ କରିଛନ୍ତି। ଲୋକସଭାର ଚଳିତ ମୌସୁମୀ ଅଧିବେଶନରେ ଖଣି ଓ ଖଣିଜ(ବିକାଶ ଓ ନିୟାମକ) ସଂଶୋଧନ ବିଧେୟକ ଆଗତ କରିବା ପରେ ରାଜ୍ୟମାନଙ୍କୁ ସର୍ବୋଚ୍ଚ ଅଦାଲତ ଦେଇଥିବା ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ବିଧେୟକ ଆଇନରେ ପରିଣତ ହେଲେ ଖଣିଜ ସମୃଦ୍ଧ ରାଜ୍ୟମାନେ ନିଜ ସୁବିଧା ଅନୁସାରେ ଉପକର ସମେତ ଅନ୍ୟାନ୍ୟ ଶୁଳ୍କ ଧାର୍ଯ୍ୟ କରିପାରିବାର କ୍ଷମତା ହରାଇବେ ଏବଂ ଖଣି ଅଞ୍ଚଳ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱ ଅଧୀନକୁ ଚାଲିଯିବା ଭଳି ହେବ। ଏଥିରେ ସଂଲଗ୍ନ ୯ (ଡି) ଧାରା ଅନୁଯାୟୀ ଯେଉଁ ରାଜ୍ୟମାନେ ପିଛିଲା ଭାବେ ଖଣିଜ ଉତ୍ତୋଳନକାରୀ ସଂସ୍ଥାଙ୍କଠାରୁ ସେସ୍ ବାବଦ ବକେୟା ଆଦାୟ କରିବାକୁ ନୋଟିସ ଜାରି କରିଛନ୍ତି ତାହା ରଦ୍ଦ ହୋଇଯିବ; ଅର୍ଥାତ୍ ଖଣି ମାଲିକମାନେ ଆଉ ତାହା ପୈଠ କରିବାକୁ ବାଧ ହେବେ ନାହିଁ। କିନ୍ତୁ ଯାହା ଆଦାୟ ହୋଇସାରିଛି ତାହା ଆଉ ସମ୍ପୃକ୍ତ ଖଣିଜ କମ୍ପାନୀଙ୍କୁ ଫେରସ୍ତ ହେବ ନାହିଁ। ଏହା ପରୋକ୍ଷରେ ଖଣି ମାଲିକଙ୍କୁ ସୁହାଇବ।

୨୦୨୪ ମସିହା ସେପ୍ଟେମ୍ବର ମାସରେ ରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟମାନଙ୍କୁ ଖଣିଜ ଉତ୍ତୋଳନ ଉପରେ ଅତିରିକ୍ତ ଶୁଳ୍କ ଆଦାୟ କରିବାର ଅଧିକାର ଦେବା ପରେ ରାୟର ପୁନର୍ବିଚାର କରିବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ଏପରିକି ସମ୍ବିଧାନ ଖଣ୍ଡପୀଠଙ୍କ ରାୟର ପୁନର୍ବିଚାର ପାଇଁ କେନ୍ଦ୍ରର ଆବେଦନ ପରେ ଖୋଦ୍ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏବେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଅକାମୀ କରିବା ପାଇଁ ଉପରୋକ୍ତ ବିଲ୍ ଅଣାଯାଇଥିôବା ଆଇନ ବିଶାରଦମାନେ ମତ ଦେଇଛନ୍ତି। ଖଣିଜ ସମୃଦ୍ଧ ରାଜ୍ୟମାନଙ୍କ ନିଜସ୍ୱ ଟିକସ ଧାର୍ଯ୍ୟ ଅଧିକାର ଖଣିଜ ବିକାଶ ଆଇନ - ୧୯୫୭ ଦ୍ୱାରା ସ୍ୱୀକୃତ। ତେଣୁ ଏହାକୁ ନେଇ କେନ୍ଦ୍ର ସରକାର ଏତେ ଅସହିଷ୍ଣୁ କାହିଁକି ବୁଝାପଡୁନି। ଏହି ଉତ୍ତର ଖୋଜିବା ବେଳେ ଏହି ଧାରଣା ସାମ୍ନାକୁ ଆସୁଛି ଯେ ଗରିବ ରାଜ୍ୟମାନେ, ବିଶେଷକରି ପୂର୍ବାଞ୍ଚଳର ଖଣିଜ ସମୃଦ୍ଧ, ଅଥଚ ଅବହେଳିତ। ରାଜ୍ୟମାନେ ନିଜ ସମ୍ବଳରେ ଉନ୍ନତି କରିବା ବଦଳରେ ସବୁବେଳେ ସମ୍ବଳ ସହାୟତା ଲାଗି କେନ୍ଦ୍ର ପାଖରେ ବଶମ୍ବଦ ହୋଇ ରୁହନ୍ତୁ ଏହା ବୋଧହୁଏ କେନ୍ଦ୍ର ସରକାର ଚାହୁଁଛନ୍ତି।

ଏହି ଆଇନ ଲାଗୁ ହେଲେ ଓଡ଼ିଶା ପ୍ରାୟ ୫୦ ହଜାର କୋଟି ଟଙ୍କାର ବକେୟା ହରାଇବ। ଏବେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଚାଲିଛି। ତେଣୁ 'ପାର୍ଟି' ଆଦର୍ଶରେ ଏହି ପ୍ରସଙ୍ଗରେ ରାଜ୍ୟ ସରକାର ନିରବ ରହିବେ ନା 'ମାଟି' ସ୍ୱାର୍ଥରେ ଓଡ଼ିଶାବାସୀଙ୍କ ହକ୍ ମାଗିବେ ତାହା ଦେଖିବାକୁ ଓଡ଼ିଶାବାସୀ ଅପେକ୍ଷା କରିଛନ୍ତି। ଏଠାରେ ଆମେ ସୂଚାଇ ଦେବାକୁ ଚାହୁଁ ଯେ ଓଡ଼ିଶା ଭଳି ଅବହେଳିତ ରାଜ୍ୟମାନେ ସେମାନଙ୍କର ହକ୍ ମାଗୁଛନ୍ତି, ଦୟା କିମ୍ବା ଅନୁକମ୍ପା ନୁହେଁ। ●

## ପ୍ରାକୃତିକ ବିପର୍ଯ୍ୟୟ ଓ ବଦ୍‌ଖର୍ଚ୍ଚି ଖାଉଟି

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଚଳିତ ବର୍ଷ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟିସାରିଛି। ଓଡ଼ିଶାର ୨୨ ଟି ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ନଈ ବଢ଼ି ହେତୁ ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଅନେକ ଗୃହପାଳିତ ପ୍ରାଣୀ ସମେତ ବନ୍ୟପ୍ରାଣୀ ହନ୍ତସନ୍ତ ହୋଇଛନ୍ତି। ଫସଲ, କୃଷି ଜମି ଇତ୍ୟାଦି କ୍ଷତିଗ୍ରସ୍ତ ହୋଇଛି। ଏକ ପ୍ରାକୃତିକପ୍ରବଣ ରାଜ୍ୟ ଭାବେ ଓଡ଼ିଶା ପ୍ରତିବର୍ଷ କିଛି ନା କିଛି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସେଭଳି ଆସାମରେ ପ୍ରବଳ ବନ୍ୟା ଫଳରେ ପ୍ରାୟ ୧୦୦ ଲୋକଙ୍କ ମୃତ୍ୟୁ ଘଟିବା ସହିତ ଦେଢ଼ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ବର୍ଷ ଜୁନ୍ ୨୦ ରେ ମୌସୁମୀ ବର୍ଷା ଆରମ୍ଭ ହେବା ପରଠାରୁ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରରେ ମୋଟ ୪୪ଟି ବାଦଲ ଫଟା ବର୍ଷା, ୨୧ଟି ଭୂସ୍ଖଳନ, ୧୮ଟି ଅଚାନକ ବନ୍ୟା ଘଟଣା ଯୋଗୁଁ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ଆସାମ ଓ ଜମ୍ମୁ-କଶ୍ମୀର ବ୍ୟତୀତ, ହିମାଚଳ ପ୍ରଦେଶ, କେରଳ, ଗୁଜରାଟର, ମହାରାଷ୍ଟ୍ର, ଛତିଶଗଡ଼ ପ୍ରଭୃତି ରାଜ୍ୟମାନଙ୍କରେ ବନ୍ୟା ତାଣ୍ଡବଲୀଳା ରଚିଛି। ବିଭିନ୍ନ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ଘଟି ବହୁ ଧନଜୀବନ ନଷ୍ଟ ହୋଇଛି।

ଭାରତ ବାହାରେ ଭେନେଜୁଏଲା, ଜାପାନ ଆଦି ରାଷ୍ଟ୍ରରେ ଭୂମିକମ୍ପ, ସୁନାମି ଦ୍ୱାରା ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଇଂଲଣ୍ଡ, ଫ୍ରାନ୍ସ ଆଦି ଅନେକ ୟୁରୋପୀୟ ରାଷ୍ଟ୍ରରେ ବାୟୁମଣ୍ଡଳର ତାପମାତ୍ରା ବିପଦଜନକ ଭାବେ ବଢ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆମେରିକାର ୱାଶିଂଟନ, କାନାଡ଼ା ଏବଂ ଇଉରୋପୀୟ ରାଷ୍ଟ୍ରମାନଙ୍କରେ ବନାଗ୍ନି ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଆହୁରି ଅନେକ ଘଟଣା ଘଟି ଚାଲିଛି।

ଅପୂର୍ବ ସୌନ୍ଦର୍ଯ୍ୟ ଭରା ହିମାଳୟ ଅଞ୍ଚଳ, ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ପରିସଂସ୍ଥୀୟ ସନ୍ତୁଳନ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ବିକାଶ ନାମରେ ଅତ୍ୟଧିକ ମାନବୀୟ ହସ୍ତକ୍ଷେପ କାରଣରୁ ଏହି ଅଞ୍ଚଳରେ କ୍ରମଶଃ ପ୍ରାକୃତିକ ବିପର୍ଯ୍ୟୟମାନ ବଢ଼ି ଚାଲିଛି। ୧୯୭୬ ମସିହାରେ ଜୋଶୀ ମଠ ଠାରେ ଭୂମି ଦବି ଯାଇ ଫାଟ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟରେ ଏକ ଆବେଦନରୁ ଜଣାପଡ଼େ ଯେ, ହିମାଳୟ ଅଞ୍ଚଳରେ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା, ସୁଡ଼ଙ୍ଗ ନିର୍ମାଣ, ପଥର ଓ ପାହାଡ଼ ଖନନ, ରାସ୍ତା ଘାଟ ନିର୍ମାଣ, ଟ୍ରାଫିକ୍ ବୃଦ୍ଧି, ପର୍ଯ୍ୟଟନ ବିକାଶ, ଅବାଧ ହୋଟେଲ, ରିସର୍ଟ, ଲଜ୍ ଓ ହୋମଷ୍ଟେ ସମେତ ବାଣିଜ୍ୟିକ ପ୍ରତିଷ୍ଠାନର ଅନିୟନ୍ତ୍ରିତ ଓ ଅସ୍ଥାୟୀ ନିର୍ମାଣ, ଅପର୍ଯ୍ୟାପ୍ତ ବର୍ଜ୍ୟବସ୍ତୁ ନିଷ୍କାସନ ଯୋଗୁଁ ବାୟୁ ଓ ଜଳ ପ୍ରଦୂଷଣ ଭଳି ସମସ୍ୟାଗୁଡ଼ିକ ଦେଖାଦେଇଛି। ଏହି ସମସ୍ୟାଗୁଡ଼ିକ ହିମାଳୟ ଅଞ୍ଚଳର ପରିସଂସ୍ଥାକୁ କ୍ଷତି ପହଞ୍ଚାଉଛି, ଯାହା ୧୩ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, ଯଥା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କାଶ୍ମୀର, ଲଦାଖ୍, ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ମଣିପୁର, ମିଜୋରାମ, ସିକିମ, ନାଗାଲାଣ୍ଡ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶକୁ ପ୍ରଭାବିତ କରୁଛି। ପ୍ରତିକାର ପାଇଁ ଭାରତ ସରକାର ସେପ୍ଟେମ୍ବର ୨୦୨୩ ରେ ୧୩ ସଦସ୍ୟ ବିଶିଷ୍ଟ ବୈଷୟିକ କମିଟି ଗଠନ କରିଛନ୍ତି। ଏହାର ଅଧ୍ୟକ୍ଷ ଅଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନସ୍ଥ ଅନୁଷ୍ଠାନ 'ଜିବି ପନ୍ତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ ଏନଭାର୍ନମେଣ୍ଟ'ର ନିର୍ଦ୍ଦେଶକ। ଏହାକୁ ଏକ 'ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ' ବୋଲି ଅଭିହିତ କରାଯାଇଛି। ବିକାଶ ନାମରେ ଯେଉଁସବୁ କାର୍ଯ୍ୟକଳାପ ଚାଲିଛି ଏବଂ ଏହାର ବିପରୀତ ପ୍ରଭାବକୁ କେତେଦୂର ହିମାଳୟ ପରିସଂସ୍ଥାର ସହ୍ୟ କରିପାରିବା କ୍ଷମତା ରହିଛି, ଏହି କମିଟି ମୂଲ୍ୟାଙ୍କନ କରିବ। ସମ୍ପୃକ୍ତ ହିମାଳୟ ଅଞ୍ଚଳ ରାଜ୍ୟଗୁଡ଼ିକ ନିଜ ନିଜ ପରିସଂସ୍ଥାର ସୁଧାର ପାଇଁ ଖସଡ଼ା ପ୍ରସ୍ତୁତ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦାଖଲ କରିବାକୁ ଦାୟୀ ରହିବେ। ଏଥିପୂର୍ବରୁ ହିମାଳୟ ପରିସଂସ୍ଥାକୁ ସ୍ଥାୟୀ କରିବା ପାଇଁ ୨୦୧୪ ମସିହାରେ ଜାତୀୟ ଜଳବାୟୁ ପରିବର୍ତ୍ତନ ଯୋଜନା(ଏନ୍ଏପିସିସି) ଅଧୀନରେ ଏକ ଜାତୀୟ ମିଶନ ଗଠନ କରାଯାଇଥିଲା, ଯାହା ଆଠଟି ମିଶନ ମଧ୍ୟରୁ ଗୋଟିଏ।

ପଶ୍ଚିମ ଘାଟ ପର୍ବତମାଳା ଅଞ୍ଚଳରେ ଅବସ୍ଥିତ, କେରଳର ୱାୟାନାଡ ଜିଲ୍ଲାରେ ବହୁବାର ଭୂସ୍ଖଳନ ଘଟିଚାଲିଛି। ପଶ୍ଚିମଘାଟ, ଯାହାକୁ ସହ୍ୟାଦ୍ରି ମଧ୍ୟ କୁହାଯାଏ, ଭାରତର ପଶ୍ଚିମ ଉପକୂଳ ସହିତ ସମାନ୍ତରାଳ ଭାବରେ ଗତି କରୁଥିବା ୧,୬୦୦ କିଲୋମିଟର ଲମ୍ବା ପର୍ବତମାଳାର କ୍ଷେତ୍ର। ଏହା ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ଦେଇ ଗତି କରେ। ବିଶିଷ୍ଟ ପରିବେଶବିତ୍ ଡକ୍ଟର ମାଧବ ଗାଡଗିଲଙ୍କ ତତ୍ତ୍ୱାବଧାନରେ ଗଠନ ହୋଇଥିବା 'ପଶ୍ଚିମଘାଟ ପରିବେଶ ବିଜ୍ଞାନ ବିଶେଷଜ୍ଞ ପ୍ୟାନେଲ' ଦ୍ୱାରା ୨୦୧୧ରେ ଦାଖଲ ହୋଇଥିବା ରିପୋର୍ଟରେ ସମଗ୍ର ୧, ୨୯, ୦୩୭ ବର୍ଗ କିଲୋମିଟର ପର୍ବତ ଶୃଙ୍ଖଳକୁ ପରିବେଶଗତ ସମ୍ବେଦନଶୀଳ କ୍ଷେତ୍ର(ଇଏସ୍ଏ) ଭାବରେ ଚିହ୍ନଟ କରାଯାଇଥିଲା। ଏଥିରେ ଖଣି ଖନନ ଏବଂ ବୃହତ୍ ନଦୀ ବନ୍ଧ, ଡ୍ୟାମ ନିର୍ମାଣ ଉପରେ କଠୋର କଟକଣା ସୁପାରିସ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ରାଜ୍ୟମାନେ ଆଗ୍ରହ ପ୍ରକାଶ କଲେ ନାହିଁ। ପୁଣି ଅପ୍ରେଲ ୧୫, ୨୦୧୩ରେ କସ୍ତୁରିରଙ୍ଗନ କମିଟି ରିପୋର୍ଟ (ଉଚ୍ଚସ୍ତରୀୟ କାର୍ଯ୍ୟ ଗୋଷ୍ଠୀ) କୋହଳ ମନୋଭାବ ପ୍ରଦର୍ଶନ କରି ପଶ୍ଚିମଘାଟର ୩୭% (ପ୍ରାୟ ୬୦, ୦୦୦ ବର୍ଗ କିଲୋମିଟର)କୁ ପରିବେଶଗତ ସମ୍ବେଦନଶୀଳ କ୍ଷେତ୍ର ଭାବରେ ଚିହ୍ନଟ କରିବାର ପ୍ରସ୍ତାବ ଦେଇଥିଲା, ଯାହାର ଲକ୍ଷ୍ୟ ଥିଲା ସ୍ଥାୟୀ ଆଞ୍ଚଳିକ ବିକାଶ ସହିତ ଜୈବ ବିବିଧତା ସଂରକ୍ଷଣକୁ ସନ୍ତୁଳିତ କରିବା। ସେଭଳି ପୂର୍ବଘାଟମାଳା ରାଜ୍ୟଗୁଡ଼ିକ ହେଉଛି ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲାଙ୍ଗାନା, କର୍ଣ୍ଣାଟକ ଓ ତାମିଲ ନାଡୁ। ଏହି ଅଞ୍ଚଳଗୁଡ଼ିକରେ ମଧ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ହେତୁ ପ୍ରଭୁତ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ପଶ୍ଚିମଘାଟ ପର୍ବତମାଳା ଭଳି ପୂର୍ବଘାଟ ପର୍ବତମାଳା ପରିସଂସ୍ଥାର ସ୍ଥିତି ଅନୁଧ୍ୟାନ କରିବା ଜରୁରୀ।

ପ୍ରକୃତିର ନିୟମ ଅନୁସାରେ ପ୍ରତି ବର୍ଷ ଧରିତ୍ରୀ ବକ୍ଷରେ ପ୍ରାକୃତିକ ସମ୍ପଦ ସ୍ୱତଃ ସୃଷ୍ଟି ହୁଏ। ପ୍ରାକୃତିକ ସମ୍ପଦର ଉତ୍ପନ୍ନ ତୁଳନାରେ ଯେଉଁ ଦିବସ ବା ତାରିଖରେ ଆବଶ୍ୟକ ଅଧିକା ହୁଏ ଅର୍ଥାତ୍ ସମ୍ବଳ ନିଅଣ୍ଟ ପଡ଼େ ତା'କୁ କୁହାଯାଏ 'ଆର୍ଥ ଓଭରଶଟ୍ ଡେ' ବା 'ଧରିତ୍ରୀ ସୀମା ଉଲଙ୍ଘନ ଦିବସ'। ଆମର ବଢ଼ୁଥିବା ଲୋଭର ବିସ୍ତାର ହେତୁ ୧୯୭୦ ଦଶକ ପରଠାରୁ ପୃଥିବୀ ସୀମା ଲଙ୍ଘନ ଦିବସ କ୍ରମଶଃ ପଛକୁ ପଛକୁ ଘୁଞ୍ଚି ଚାଲିଛି। ସାଙ୍କେତିକ ଭାବରେ କହିବାକୁ ଗଲେ ଉପଭୋକ୍ତା ମାନଙ୍କର ଚାହିଦାର ଅତ୍ୟଧିକ ବୃଦ୍ଧି ଘଟିଛି। ୧୯୭୦ ମସିହାରେ ଏହା ଡିସେମ୍ବର ୨୫ରୁ ଆରମ୍ଭ ହୋଇ ଚଳିତ ବର୍ଷ ୨୦୨୬ ମସିହାରେ ଜୁଲାଇ ୩୦କୁ ଘୁଞ୍ଚି ଆସିଛି। ଏହାର ଅର୍ଥ ହେଉଛି, ମାନବ ଜାତି ପ୍ରକୃତିର ସମ୍ବଳକୁ ପୃଥିବୀର ପରିସଂସ୍ଥା ଦ୍ୱାରା ତାହାର ପୁନଃଉତ୍ପାଦିତ ହେବା ଗତି ତୁଳନାରେ ୭୩% ଅଧିକ ଦ୍ରୁତ ଗତିରେ ବ୍ୟବହାର କରୁଛି; ଯାହା ୧.୭୩ଟି ପୃଥିବୀର ସମାନ ଚାହିଦା ପୂରଣ କରିବା ସହ ସମତୁଲ ଅଟେ। ଯଦି ଏହିଭଳି ଧାରାରେ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର କରାଯାଏ ତାହାହେଲେ ଆମକୁ ୨୧ ଶତାବ୍ଦୀର ମଧ୍ୟଭାଗ ପୂର୍ବରୁ ଦୁଇଟି ଗ୍ରହର ସମ୍ପଦ ଆବଶ୍ୟକ ହୋଇପାରେ।

ଏଭଳି ଅତ୍ୟଧିକ ପ୍ରାକୃତିକ ସମ୍ପଦ ବ୍ୟବହାର ହେତୁ ପରିସଂସ୍ଥୀୟ ସନ୍ତୁଳନ ବାଧାପ୍ରାପ୍ତ ହେଉଛି। ଜୈବବିବିଧତା ହ୍ରାସ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ସମେତ ସବୁଜ ଗୃହ ବାଷ୍ପର ଘନତା ବଢ଼ିବା ସହ ବିଶ୍ୱତାପନ, ଜଳବାୟୁରେ ବ୍ୟାପକ ଅନିୟମିତତା ଓ ପରିବର୍ତ୍ତନ ଜନିତ ସମସ୍ୟା ବଢ଼ିଚାଲିଛି। ତେଣୁ ଉପଭୋକ୍ତାଗଣ ପ୍ରାକୃତିକ ସମ୍ପଦ ବ୍ୟବହାର କ୍ଷେତ୍ରରେ ସଂଯମ ଅବଲମ୍ବନ କରି ନିଜର ଅଙ୍ଗାର ପଦଚିହ୍ନ ହ୍ରାସ କରିବାର ବେଳ ଆସିଛି। ମହାତ୍ମା ଗାନ୍ଧୀ ସତର୍କ ସୂଚନା ଦେଇ କହିଥିଲେ, 'ସମସ୍ତଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ଜଣେ ବ୍ୟକ୍ତିର ଲୋଭକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ।' ଏଥିପୂର୍ବରୁ ବିଗତ ବର୍ଷମାନଙ୍କରେ ଏପରି ଅନେକ ଛାତିଥରା ଘଟଣାମାନ ଘଟି ସାରିଛି ଏବଂ ଆଗାମୀ ବର୍ଷମାନଙ୍କରେ ମଧ୍ୟ ନିଃସନ୍ଦେହ ଘଟିବାକୁ ଯାଉଛି। ବିଗତ ଦୁଇ ଶହ ବର୍ଷ ହେବ ମଣିଷର ଜୀବନଶୈଳୀ ବିଳାସପୂର୍ଣ୍ଣ ଗତିରେ ଅଗ୍ରଗତି ହେବାରେ ଲାଗିଛି। ଏଥିପାଇଁ ମୁଣ୍ଡପିଛା ପ୍ରାକୃତିକ ସମ୍ପଦର ଆବଶ୍ୟକତା ବଢ଼ିଚାଲିଛି। ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ଖଣି ଖନନ, ଶିଳ୍ପ ପ୍ରତିଷ୍ଠାନ, ସହର ବସତି ସ୍ଥାପନ, ରାସ୍ତାଘାଟ ନିର୍ମାଣ, ଶକ୍ତି ଉତ୍ପାଦନ, ଜଳ ଯୋଗାଣ, କୃଷି ସମ୍ପ୍ରସାରଣ, ଯାନବାହନ ଓ ପରିବହନର ବିକାଶ, ଭିତ୍ତିଭୂମି ବିକାଶ ଜରୁରୀ ହୋଇପଡ଼ିଛି। ଏଭଳି କାର୍ଯ୍ୟକ୍ରମ, ଯାହାକୁ ମାନବୀୟ ହସ୍ତକ୍ଷେପ କୁହାଯାଇଥାଏ, ପରିସଂସ୍ଥୀୟ ସନ୍ତୁଳନ ରକ୍ଷା କରିବାରେ ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ବାଧ କରେ। ତେଣୁ ପ୍ରାକୃତିକ ବିପର୍ଯ୍ୟୟର ଅପରାଧୀ ହେଉଛନ୍ତି ବଦ୍‌ଖର୍ଚ୍ଚି ଖାଉଟିମାନେ, ଅଦୂରଦର୍ଶୀ ପ୍ରଶାସନିକ କର୍ତ୍ତୃପକ୍ଷ ଅର୍ଥାତ୍ ଅମଲାତନ୍ତ୍ର ଏବଂ ବିକାଶମୂଳକ କାର୍ଯ୍ୟକ୍ରମର ଦାୟିତ୍ୱ ନ୍ୟସ୍ତ ଥିବା ରାଜନେତାମାନେ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ତରୁଣମାନେ ତମାଖୁ ପ୍ରତି ସତର୍କ ହୁଅନ୍ତୁ

**ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ**

ଏମିତି ଗୋଟିଏ ରୋଗ ଅଛି ଯାହା ଭାରତରେ ପ୍ରତି ଘଣ୍ଟାରେ ନିଏ ୯୧ଟି ମୂଲ୍ୟବାନ ମଣିଷ ଜୀବନ। ଅର୍ଥାତ୍ ପ୍ରତିଦିନ ୨୧୯୨ଟି ଜୀବନଦୀପ ଲିଭେ। ଏଇ ରୋଗଟି ପୁଣି ମଣିଷ କିଣିକରି ଆଣିଥାଏ। ଏହା ହେଉଛି ତମାଖୁ ସେବନ ଜନିତ ମୃତ୍ୟୁ। ମଣିଷ ପ୍ରତିଦିନ ବିଡ଼ି, ସିଗାରେଟ, ଖଇନି, ହୁକା ସମେତ ନାନାଦି ମାଧ୍ୟମରେ ଯେତିକି ତମାଖୁ ସେବନ କରେ ତା'ର ପରିଣାମ ସ୍ୱରୂପ ପ୍ରତିବର୍ଷ ଭାରତରେ ୮ ଲକ୍ଷ ଲୋକ କର୍କଟ, ଯକ୍ଷ୍ମା ସମେତ ନାନା ରୋଗରେ ମୃତ୍ୟୁବରଣ କରିଥା'ନ୍ତି। ପ୍ରାୟ ୧୨ ଲକ୍ଷ ଲୋକ ଭାରତରେ ପ୍ରତିବର୍ଷ ତମାଖୁ ଜନିତ ରୋଗରେ ପୀଡ଼ିତ ହୋଇଥା'ନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ, ବିଶ୍ୱରେ ପ୍ରତିବର୍ଷ ତମାଖୁ ନେଇଥାଏ ୪୯ ଲକ୍ଷ ଜୀବନ। ବର୍ତ୍ତମାନ ଲୋକସଂଖ୍ୟାରୁ ୨ କୋଟି ୫୦ ଲକ୍ଷ ତମାଖୁ ଯୋଗୁଁ ମରିବେ, ଯେଉଁମାନେ ଏବେ ତରୁଣ ବା ଯୁବକ ଏବଂ ମୁଖ୍ୟତଃ ବିକାଶଶୀଳ ଦେଶର ଅଧିବାସୀ। ବିଶ୍ୱ ଲୋକସଂଖ୍ୟାର ଛଅଭାଗରୁ ଭାଗେ ରହନ୍ତି ଭାରତରେ। ଆଗରୁ ତମାଖୁ ସେବନ ସମସ୍ୟା ବିକଶିତ ଦେଶମାନଙ୍କରେ ଅଧିକ ଥିଲା। ମାତ୍ର ଏବେ ଚୀନ୍ ଓ ଭାରତ ସମେତ ବିକାଶଶୀଳ ଦେଶମାନଙ୍କରେ ଏହା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ହୋଇ ଠିଆ ହୋଇଛି। ଆକଳନ ଅନୁସାରେ, ୨୦୩୦ ମସିହା ବେଳକୁ ପ୍ରତିବର୍ଷ ପ୍ରାୟ ୧ କୋଟି ଲୋକ ତମାଖୁ-ରାକ୍ଷସ କବଳରେ ପଡ଼ି ମୃତ୍ୟୁବରଣ କରିବେ, ଯେଉଁଥିରୁ ୭୦ଲକ୍ଷ ମୁଖ୍ୟତଃ ଚୀନ୍ ଓ ଭାରତର ହୋଇଥିବେ। ୧୯୯୦ ମସିହା ବେଳେ ଭାରତରେ ଯେତେ ଲୋକ ମୃତ୍ୟୁବରଣ କରୁଥିଲେ, ସେଥିରୁ ତମାଖୁ ସେବନ ଜନିତ ମୃତ୍ୟୁସଂଖ୍ୟା ଥିଲା ଶତକଡ଼ା ୧.୪ ଭାଗ।

ତମାଖୁ ସେବନ ସମସ୍ୟା ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିପଦଜନକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଭାରତରେ ପ୍ରତିଦିନ ପ୍ରାୟ ୫୫୦୦ ଜଣ ତରୁଣ ଓ ଯୁବକ ତମାଖୁ ସେବନ ଆରମ୍ଭ କରୁଛନ୍ତି। ଭାରତରେ ପ୍ରତିବର୍ଷ କର୍କଟ ରୋଗାକ୍ରାନ୍ତ ଲୋକଙ୍କ ମଧ୍ୟରୁ ଶତକଡ଼ା ୩୦ ଭାଗ ଅର୍ଥାତ୍ ପ୍ରାୟ ୧୫ଲକ୍ଷ ଲୋକ ମୁଖ ଗହ୍ୱର, ଗଳା ଓ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ହୋଇଥା'ନ୍ତି। ପାନ ମସଲା, ଖଇନି ଆଦି କଞ୍ଚା ତମାଖୁ ଚୋବାଇବା ଫଳରେ ଏହି ରୋଗ ସୃଷ୍ଟି ହୋଇଥାଏ। ଭାରତୀୟ କ୍ୟାନ୍ସର ସୋସାଇଟି ଏବଂ ଭାରତୀୟ ଔଷଧୀୟ ଗବେଷଣା ପରିଷଦ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତରେ ମୁଖ୍ୟତଃ ଅନୁନ୍ନତ ଓ ବସ୍ତି ଅଞ୍ଚଳରେ ୭/୮ ବର୍ଷରୁ ଖଇନି, ପାନ ମସଲା ଆଦି ଖାଇବା ଆରମ୍ଭ ହୋଇଯାଏ। କାଳକ୍ରମେ ଏଇ ପିଲାମାନେ ତରୁଣ ଓ ଯୁବକ ହେଲାବେଳକୁ ଖଇନି ଓ ପାନ ମସଲା, ବିଡ଼ି, ସିଗାରେଟ ଆଦିର ଭକ୍ତ ହୋଇଯାଇଥା'ନ୍ତି।

ତମାଖୁ ସେବନ ପରି ଆସୁରିକ ନିଶା କବଳରେ ଭାରତର ଛାତ୍ର ଓ ତରୁଣମାନେ ପଡ଼ିବାର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ରହିଛି ଅଜ୍ଞାନତା, ଭୋଗବାଦୀ ସଂସ୍କୃତିର ବିସ୍ତାର, ତମାଖୁ ବିଜ୍ଞାପନ, ଅନ୍ୟମାନଙ୍କୁ ଅନୁସରଣ, କୁସଙ୍ଗ ଅଥବା ନୈରାଶ୍ୟ। ୨୦୦୩ ମସିହାରେ ତମାଖୁ ଉତ୍ପାଦ ଆଇନ ଅନୁସାରେ ସର୍ବସାଧାରଣ ସ୍ଥାନମାନଙ୍କରେ ସିଗାରେଟ ଓ ତମାଖୁ ସେବନ ବାରଣ କରାଯାଇଛି। ନାବାଳକମାନଙ୍କୁ ତମାଖୁ ବିକ୍ରି ବାରଣ କରାଯାଇଛି। ଶିକ୍ଷାନୁଷ୍ଠାନମାନଙ୍କର ୧୦୦ ଗଜ ଦୂରତ୍ୱ ମଧ୍ୟରେ ସିଗାରେଟ ଓ ତମାଖୁର ବିକ୍ରୟ ମଧ୍ୟ ନିଷିଦ୍ଧ କରାଯାଇଛି। ଚଳଚ୍ଚିତ୍ର ଓ ଟିଭି ସିରିଏଲ ପରି ମାଧ୍ୟମରେ ସିଗାରେଟ ଓ ତମାଖୁ ସେବନ ଦୃଶ୍ୟ ରଖୁବାକୁ ବାରଣ କରାଯାଇଛି। ଏହାସତ୍ତ୍ୱେ ରାସ୍ତାଘାଟ, ଦୋକାନ ବଜାର, କାର୍ଯ୍ୟାଳୟ, ପାର୍କ ସବୁଠାରେ ଏହି ଆଇନର ଖୋଲା ଉଲଙ୍ଘନ ଚାଲିଛି। ଖୋଲାଖୋଲି ସିଗାରେଟ ସେବନ କରାଯାଉଛି। ରାସ୍ତାଘାଟରେ ପାନମସଲା ଓ ଖଇନିର ପ୍ଲାଷ୍ଟିକ ଜରି କୁଢ଼ କୁଢ଼ ହୋଇ ବିରାଟ ପ୍ରଦୂଷଣ ସମସ୍ୟା ହୋଇଛି। ବାପା ମା' ସିଗାରେଟ ଟାଣୁଥିବା ଦେଖି ଅଥବା ମାନସିକ ରପ ଯୋଗୁଁ ପିଲାମାନେ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି।

ମାନବ ସମାଜକୁ ଏଥିରୁ ମୁକ୍ତ କରିବା ପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ। ବିଭିନ୍ନ ଦେଶର ସରକାର, ସ୍ୱାସ୍ଥ୍ୟ ସଂଗଠନ ଓ ବେସରକାରୀ ସଂଗଠନଗୁଡ଼ିକ ତମାଖୁ ସେବନର କୁପରିଣାମ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଉଚିତ୍। କ୍ରିୟାଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରା ନ ଗଲେ କେବଳ ଜନସଚେତନତା କାର୍ଯ୍ୟକ୍ରମରୁ ସୁଫଳ ମିଳିବ ନାହିଁ। ସରକାରୀସ୍ତରରେ ତମାଖୁ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ବନ୍ଦ କରାଯିବା ଆବଶ୍ୟକ। ଖେଳ ପ୍ରତିଯୋଗିତାମାନଙ୍କରେ ତମାଖୁ କମ୍ପାନୀଗୁଡ଼ିକୁ ପ୍ରାୟୋଜକ କରାନଯିବା ଉଚିତ୍। ତମାଖୁ ସେବନରେ ଅଭ୍ୟସ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ତମାଖୁ ବର୍ଜନ ପାଇଁ ବୁଝାଇବାରେ ବିଶେଷ ସୁଫଳ ମଳିନପାରେ। ମାତ୍ର ଛାତ୍ର ଓ ତରୁଣମାନଙ୍କୁ ତମାଖୁ ସେବନରୁ ହେଉଥିବା ଭୟାବହ କ୍ୟାନ୍ସର, ଯକ୍ଷ୍ମା, ମସ୍ତିଷ୍କ ପ୍ରଦାହ ଆଦି ରୋଗ ଓ ଏହାର ଭୟାନକ ଅବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଧାରଣା ଦିଆଯିବା ଆବଶ୍ୟକ। କେବଳ ସିଗାରେଟ ଖୋଳ ଉପରେ ଦୁଇଖଣ୍ଡ ହାଡ଼ ଓ ଖପୁରୀ ଥୋଇ ବିପଦ ଲେଖିଦେଲେ କିଛି ଲାଭନାହିଁ। କାରଣ ଉପରେ 'ବୈଧାନିକ ସତର୍କତା' ଲେଖାଯାଉଥିବାରୁ ଏହି ଚିତ୍ର ମୂଲ୍ୟହୀନ ହୋଇପଡଉଛି। ବରଂ ତମାଖୁ ସେବନରୁ ହେଉଥିବା ରୋଗର ବିବରଣୀ ଏବଂ କେତେ ଲୋକ ଏହାର ଶିକାର ହୋଇ ମରୁଛନ୍ତି ତା'ର ବିଶେଷ ସୂଚନା ସିଗାରେଟ ଖୋଳ ଉପରେ ଦେଲେ ଅଧିକ ଫଳପ୍ରଦ ହେବ। ତମାଖୁକୁ ମହଙ୍ଗା କରାଗଲେ ଏହାର ବ୍ୟବହାର ହ୍ରାସ ପାଇପାରେ। ତେଣୁ ସରକାର ତମାଖୁ ଉପରୁ ଅଧିକରୁ ଅଧିକ ଟିକସ୍ ଆଦାୟ କରିବା ଉଚିତ। ●

(ପୂର୍ବତନ ବିଧାୟକ, ଖୋର୍ଦ୍ଧା)
ମୋ: ୯୪୩୭୨୮୭୮୦୬

## ଲଳିତା ବିଦ୍ୟାପତି ବିବାହ

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ସ୍ୱୟଂ ବିଷ୍ଣୁ ନୀଳମାଧବ ନାମରେ କୌଣସି ଯାଗାରେ ଆରାଧିତ ହେଉଥିବା ସୂଚନା ପାଇ ମାଳବର ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ସନ୍ଧାନରେ ଚାରିଦିଗକୁ ଚାରି ଜଣ ଅମାତ୍ୟ ପ୍ରେରଣ କଲେ। ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣ ପୂର୍ବ ଦିଗକୁ ଯାଇ ନୀଳାଚଳ ପର୍ବତ ପାଖରେ ପହଞ୍ଚିଲେ। ସେଠାରେ ଅକସ୍ମାତ୍ ତାଙ୍କର ଶବରରାଜା ବିଶ୍ୱାବସୁଙ୍କ ସହ ସାକ୍ଷାତ ହେଲା। ସେ ବ୍ରାହ୍ମଣ ଅତିଥିଙ୍କୁ ଘରକୁ ନେଇ ଉପଯୁକ୍ତ ସତ୍କାର କଲେ। ଶବର ରାଜଙ୍କ ଝିଅ ଲଳିତା ସହିତ ସମୟକ୍ରମେ ବିଦ୍ୟାପତିଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଲା। ଶବରପଲ୍ଲୀରେ ସମସ୍ତେ ଏ କଥା ଜାଣିବା ପରେ ଲଳିତାକୁ ପତ୍ନୀ ରୂପେ ଗ୍ରହଣ କରିବା ପାଇଁ ବିଦ୍ୟାପତିଙ୍କୁ ବିଶ୍ୱାବସୁ ନିର୍ଦ୍ଦେଶ ଦେଲେ। ବିଦ୍ୟାପତି ଚିନ୍ତା କଲେ ଶବର ରାଜାଙ୍କ କଥାରେ ଅରାଜି ହେଲେ ସେ ନୀଳମାଧବଙ୍କୁ ଠାବ କରିବାରେ ଅସମର୍ଥ ହେବେ ଏବଂ ରାଜାଙ୍କର ଇଚ୍ଛା ପୂରଣ ହୋଇପାରିବ ନାହିଁ। ତେଣୁ ସେ ଲଳିତାଙ୍କୁ ବିବାହ କରି ବିଶ୍ୱାବସୁଙ୍କ ଘରେ ରହିଲେ।

ବିଦ୍ୟାପତି ଲକ୍ଷ୍ୟ କଲେ ଯେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବିଶ୍ୱାବସୁ ବେଶ୍ କିଛି ସମୟପାଇଁ କୁଆଡ଼େ ଚାଲି ଯାଉଥିଲେ ଏବଂ ଫେରିବା ବେଳେ ଫଳମୂଳର କିଛି ପ୍ରସାଦ ଓ ଛଡ଼ା ଫୁଲ ନେଇ ଆସୁଥିଲେ। ସେଥିରେ ମର୍ତ୍ତ୍ୟମଣ୍ଡଳରେ ଅଲଭ୍ୟ କେତେକ ଫଳ ଓ ଫୁଲ ରହୁଥିଲା ଏବଂ ସେ ସବୁର ସୁଗନ୍ଧରେ ସାରା ଅଞ୍ଚଳ ମହକି ଉଠୁଥିଲା। ସେ ବିଷୟରେ ଜାଣିବା ପାଇଁ ସେ ପତ୍ନୀ ଲଳିତାଙ୍କୁ ପଚାରିଲେ। ନୀଳମାଧବଙ୍କ କଥା କାହା ଆଗରେ ପ୍ରକାଶ କରିବା ପାଇଁ ବାରଣ ଥିଲେ ମଧ୍ୟ ଲଳିତା ସ୍ୱାମୀଙ୍କ ଅନୁରୋଧ ଏଡ଼ାଇ ନ ପାରି କହିଲେ, 'ବାପା ସବୁଦିନ ନୀଳକନ୍ଦର ଗୁହାରେ ବିରାଜମାନ କରିଥିବା ପ୍ରଭୁ ନୀଳମାଧବଙ୍କୁ ଆରାଧନା କରିବା ପାଇଁ ଯାଆନ୍ତି। ସ୍ୱର୍ଗରୁ ଦେବତାମାନେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇଁ ସେଠାକୁ ନିୟମିତ ଆସନ୍ତି। ମର୍ତ୍ତ୍ୟମଣ୍ଡଳରେ ଦୁର୍ଲଭ ଫଳ ଓ ଫୁଲ ମହାପ୍ରଭୁଙ୍କୁ ଅର୍ପଣ କରନ୍ତି। ସେହି ପ୍ରସାଦରୁ କିଛି ବାପା ଘରକୁ ନେଇ ଆସନ୍ତି।'

ଏହା ଶୁଣି ବିଦ୍ୟାପତିଙ୍କର ଆନନ୍ଦର ସୀମା ରହିଲା ନାହିଁ। ବିବାହିତ ବ୍ରାହ୍ମଣ ହୋଇ ମଧ୍ୟ ଜଣେ ଶବର କନ୍ୟା ସହ ତାଙ୍କର ଦ୍ୱିତୀୟ ବିବାହ ବ୍ୟର୍ଥ ଯାଇ ନ ଥିବା ଜାଣି ଖୁସି ହେଲେ। ସମୟ ଓ ସୁଯୋଗ ଦେଖି ସେ ନୀଳମାଧବଙ୍କୁ ଦର୍ଶନ କରିବାର ଇଚ୍ଛା ସ୍ତ୍ରୀ ଆଗରେ ପ୍ରକାଶ କରି ଜିଦ୍ ଧରି ବସିଲେ। କିନ୍ତୁ ତାହା ସମ୍ଭବ ନଥିବାରୁ ବିଚାରୀ ଲଳିତା ପ୍ରମାଦ ଗଣିଲେ। ବିଦ୍ୟାପତି ଭଲରେ ଖିଆପିଆ କଲେ ନାହିଁ। ତାଙ୍କ ଶରୀର ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା। ଏହା ଦେଖି ଲଳିତା ମଧ୍ୟ ଭଲରେ ଖାଇବା ପିଇବା କଲେ ନାହିଁ ଏବଂ ଅନେକ ସମୟରେ ମନ ମାରି ବସିରହିଲେ। ଝିଅ ଜୋଇଁଙ୍କର ଏ ଅବସ୍ଥା ଦେଖି ଦିନେ ବିଶ୍ୱାବସୁ ଝିଅକୁ ଏହାର କାରଣ ପଚାରିଲେ। ଲଳିତା ସବୁକଥା କହିଦେଲେ।

ସେତେବେଳକୁ ଲଳିତା ଅନ୍ତସତ୍ତ୍ୱା ଥିଲେ। ସେ ଅବସ୍ଥାରେ ଝିଅକୁ ଅଧିକ ଯନ୍ତ୍ରଣା ଦେବା ପାଇଁ ଶବରରାଜା ଚାହୁଁ ନ ଥିଲେ। ତେଣୁ ସେ କହିଲେ, 'ଗୋଟିଏ ସର୍ତ୍ତରେ ମୁଁ ତୋ କଥାରେ ରାଜି। ବିଦ୍ୟାପତି ମୋ ସାଙ୍ଗରେ ଦର୍ଶନକୁ ଯିବା ଓ ଆସିବା ସମୟରେ ଆଖିରେ ପଟି ବାନ୍ଧିବେ।' ଏ ନିଷ୍ପତ୍ତି ଶୁଣି ଲଳିତା ଓ ବିଦ୍ୟାପତି ଖୁସି ହେଲେ ମଧ୍ୟ ଚିନ୍ତା କଲେ ଯେ ଯଦି ଠାକୁରଙ୍କ ବିଜେସ୍ଥଳୀ ପର୍ଯ୍ୟନ୍ତ ରାସ୍ତା ନ ଦେଖିବେ, ରାଜାଙ୍କୁ ଠାକୁର ଦର୍ଶନ କରାଇବେ କିପରି? କିନ୍ତୁ ଲଳିତା ଏହାର ସମାଧାନର ବାଟ ଦେଖେଇ ଦେଲେ - 'ଆପଣ ଦିଅଁ ଦର୍ଶନ କରି ଗଲା ବେଳେ ବାପାଙ୍କ ଅଜାଣତରେ ଅଣ୍ଟିରେ ଅଣ୍ଟିଏ ରାଶି ନେଇ ଯିବେ। ଅଣ୍ଟିରେ ଗୋଟିଏ ଛୋଟ କଣା କରା ଯାଇଥିବ। ସେ କଣା ବାଟେ ରାସ୍ତାସାରା ରାଶି ପଡ଼ିପଡ଼ି ଯିବ। କିଛି ଦିନପରେ ରାଶି ଗଜା ହୋଇ ଗଛ ଉଠିବ। ରାଶି ଗଛ ଦେଖି ଦେଖି ଠାକୁରଙ୍କ ପର୍ଯ୍ୟନ୍ତ ବାଟ ଠଉରେଇ ହେବ।'

ଯୋଜନା ମୁତାବକ ଦିଅଁ ଦର୍ଶନ ହେଲା। ତା' ପରେ ବିଦ୍ୟାପତି ଲଳିତା ଓ ବିଶ୍ୱାବସୁଙ୍କ ସହ ଆଲୋଚନା କରି ଅବନ୍ତୀ ଫେରିଗଲେ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବଙ୍କ ସନ୍ଧାନ ଦେଲେ। ରାଜା ନୀଳାଚଳକୁ ଆସି ମନ୍ଦିର ଓ ଠାକୁରମାନଙ୍କର ବିଗ୍ରହ ନିର୍ମାଣ କରି ପ୍ରତିଷ୍ଠା ଏବଂ ସେବାପୂଜାର ସମସ୍ତ ବନ୍ଦୋବସ୍ତ କଲେ। ବିଦ୍ୟାପତି ଓ ଲଳିତାଙ୍କ ଔରସରୁ ଜନ୍ମିତ ସନ୍ତାନମାନେ ଶ୍ରୀମନ୍ଦିରରେ ଶୁଦ୍ଧସୁଆର ସେବକ ରୂପେ ରୋଷ ଘରେ ପ୍ରସାଦ ପ୍ରସ୍ତୁତି ଦାୟିତ୍ୱରେ ରହିଲେ। ବିଦ୍ୟାପତିଙ୍କ ପ୍ରଥମ ପତ୍ନୀଙ୍କ ଗର୍ଭରୁ ଜନ୍ମିତ ସନ୍ତାନମାନେ ମନ୍ଦିରର ବ୍ରାହ୍ମଣ ସେବକ ହେଲେ। ବିଶ୍ୱାବସୁ ଶବରଙ୍କ ବଂଶଧରମାନେ ମହାପ୍ରଭୁଙ୍କର ଶ୍ରୀଅଙ୍ଗ ସେବକ ହେଲେ ଏବଂ ସେମାନଙ୍କୁ 'ଦଇତା ସେବକ' କୁହାଗଲା। ● (ଆଧାର: ଦେଉଳ ତୋଳା- କୃଷ୍ଣ ଦାସ। ଏ ପ୍ରସଙ୍ଗ ସ୍କନ୍ଦ ପୁରାଣରେ ନାହିଁ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚାମେଲିଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

# ଫଳ ପ୍ରକାଶନ ଉପରେ ହାଇକୋର୍ଟଙ୍କ ରୋକ୍

କଟକ/ମହାକାଳପଡ଼ା,୧୧।୮ (ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ସୂଚୀ ଅନୁସାରେ ଆସନ୍ତା ଅଗଷ୍ଟ ୧୩ରେ ଏହି ଅନାସ୍ଥା ନିର୍ବାଚନ ପ୍ରକ୍ରିୟା ଜାରି ରହିବ ହେଲେ ମାମଲାର ରାୟପ୍ରକାଶ ପର୍ଯ୍ୟନ୍ତ ଅନାସ୍ଥା ଫଳ ପ୍ରକାଶ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ନିଜ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଚ୍ୟାଲେଞ୍ଜ କରି ଚାମେଲି ଓଝା ଦାୟର କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏହି ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ମାମଲାର ଶୁଣାଣି ଶେଷ କରି ଆଜି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି ଚାମେଲିଙ୍କ ବିରୋଧରେ ୨୨ ଜଣ ସଭ୍ୟଙ୍କ ମଧ୍ୟରୁ ୨୧ ଜଣ ତାଙ୍କ ନାଁରେ ଅନାସ୍ଥା ଆଣିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଅନାସ୍ଥା ନୋଟିସ୍ ସହିତ ଆବଶ୍ୟକୀୟ ନଥିପତ୍ରର ନକଲ ତାଙ୍କୁ ପ୍ରଦାନ କରାଯାଇ ନାହିଁ। ଏହି ନୋଟିସ ତାଙ୍କର ନିରକ୍ଷର ପିତା ଗ୍ରହଣ କରିଥିଲେ। ଅଗଷ୍ଟ ୧୩ରେ ତିଖରୀ ପଞ୍ଚାୟତ ସରପଞ୍ଚ ପାଇଁ ଅନାସ୍ଥା ଭୋଟ ହେବ ବୋଲି କେନ୍ଦ୍ରାପଡା ଉପଜିଲ୍ଲାପାଳ ନୋଟିସ ଜାରି କରିଥିଲେ। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍, ୧୯୬୪ର ଧାରା ୨୪(୨)(ଗ) ଅନୁଯାୟୀ ପ୍ରସ୍ତାବିତ ପ୍ରସ୍ତାବ ଏବଂ ନୋଟିସର ନକଲ ନ ମିଳିବା ବେଆଇନ ବୋଲି ଦର୍ଶାଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଥିଲେ।

## ବିଇଡି ନାମଲେଖା ପାଇଁ ମେଧା ତାଲିକା

ଭୁବନେଶ୍ୱର, ୧୧।୮ (ସମିସ): ଦୁଇ ବର୍ଷିଆ ବିଇଡି, ଏମ୍ଇଡି ଓ ବିଏଚ୍ଇଡି ପାଠ୍ୟକ୍ରମରେ ନାମଲଖା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଉପଲବ୍ଧ ଥିବା ସମସ୍ତ ୨୮୨୫ ଟି ସିଟ୍‌ରେ ନାମଲେଖା ପାଇଁ ୨୮୨୫ ଜଣ ଏହି ରାଉଣ୍ଡରେ ଚୟନ ହୋଇଛନ୍ତି। ଅର୍ଥାତ୍ ସମସ୍ତ ସିଟ୍‌ରେ ନାମଲେଖା ପାଇଁ ପିଲାଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରେ ୧୩୨୯ ଜଣ ଛାତ୍ର ଏବଂ ୧୪୯୬ ଜଣ ଛାତ୍ରୀ ରହିଛନ୍ତି। ମେଧାବୀ ପିଲାମାନେ ଫ୍ରିଜ୍ ବିକଳ୍ପ ଚୟନ କରିବା ପରେ ନାମଲେଖା ଫି' ଅନଲାଇନ ମାଧ୍ୟମରେ ପୈଠ କରିବେ ଓ ଆସନ୍ତା ୧୪ ତାରିଖ ସୁଦ୍ଧା ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖା ପ୍ରକ୍ରିୟା ସାରିବେ। ସେହିପରି ସ୍ଲାଇଡ୍ ବିକଳ୍ପ ବାଛୁଥିବା ପିଲାମାନେ କେବଳ ଅନଲାଇନରେ ନାମଲେଖା ଫି' ପୈଠ କରିବେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁପ୍ରିମ୍‌କୋର୍ଟରେ 'ଡିଜି'...

ଜଣ ବରିଷ୍ଠ ଆଇପିଏସ୍‌ଙ୍କ ନାମ ପଠାଯାଇଥିଲା। ସେଥିରେ ୩ ଜଣ ଡ଼ିଜି ପାହ୍ୟା ଓ ୮ ଜଣ ଏଡ଼ିଜି ପାହ୍ୟାର ଅଧିକାରୀ ଥିଲେ। ମାତ୍ର ଏମାନଙ୍କ ମଧ୍ୟରୁ ୩ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ କୁମାର ନାଥ ଓ ଆର୍.ପି. କୋଚେଙ୍କ ନାମ ଚର୍ଚ୍ଚାରେ ରହିଥିଲା।

ଗତ ୭ ତାରିଖରେ ୟୁପିଏସ୍ ଅଧ୍ୟକ୍ଷ ଅଜୟ କୁମାରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଚୟନ କମିଟି ବୈଠକ ଅଧାରୁ ବାତିଲ ହୋଇଥିଲା। କମିଟିର ସଦସ୍ୟ ଭାବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଡିଜିପି ୱାଇ.ବି ଖୁରାନିଆ ଉପସ୍ଥିତ ଥିଲେ। ବରିଷ୍ଠତା ଭିତ୍ତିରେ ୧୯୯୦ ବ୍ୟାଚ୍ ର ସୁଧାଂଶୁ ଷଡଙ୍ଗୀ, ୧୯୯୩ ବ୍ୟାଚ୍‌ର ସୁଶାନ୍ତ ନାଥ ଓ ଆର ପି କୋଚେଙ୍କ ନାଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବା ପାଇଁ ପ୍ରାୟ ଚୂଡ଼ାନ୍ତ ହୋଇଥିଲା। ମାତ୍ର ବୈଠକ ଚାଲିଥିବା ସମୟରେ ଆକସ୍ମିକ ଭାବରେ ୧୯୯୩ ବ୍ୟାଚ୍ ଆଇପିଏସ୍ ସୁଶାନ୍ତ ନାଥଙ୍କୁ ସମ୍ଭାବ୍ୟ ସୂଚୀରୁ ବାଦ ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବ ଓ ଡ଼ିଜିଙ୍କୁ ଖବର ଦିଆଯାଇଥିଲା। ଓପିଆରବି ପରିଚାଳିତ ପୁଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷା ପ୍ରସଙ୍ଗରେ ସୁଶାନ୍ତ ନାଥଙ୍କ ନାମରେ ମାମଲା ତଦନ୍ତାଧୀନ ଥିବା ଏବଂ ସରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବା ଯୋଗୁଁ ତାଙ୍କୁ ଏହି ସୂଚୀରେ ସ୍ଥାନ ନ ଦେବା ପାଇଁ ମୁଖ୍ୟ ସଚିବ ଓ ଡ଼ିଜି ୟୁପିଏସ୍‌ସିକୁ ଅବଗତ କରିଥିଲେ। ମାତ୍ର ୟୁପିଏସସି ଅଧ୍ୟକ୍ଷ ଏହାର ବୈଧ ଦସ୍ତାବିଜ୍ ମାଗିବାରୁ ରାଜ୍ୟ ସରକାର ସମୟ ନେଇଥିଲେ ଓ କୌଣସି ନାମ ସୁପାରିସ ବିନା ବୈଠକ ଶେଷ ହୋଇଥିଲା। ଏହାର ଦୁଇଦିନ ପରେ ଅର୍ଥାତ ଗତକାଲି ସଞ୍ଜୀବ ପଣ୍ଡା ଓ ୱା.କେ. ଜେଠୱାଙ୍କୁ ଡ଼ିଜି ପଦକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଫଳରେ ପରବର୍ତ୍ତୀ ଡିଜି ପଦକୁ ନେଇ ନୂଆ ସମୀକରଣ ସୃଷ୍ଟି ହୋଇଛି। ନିଜ ପସନ୍ଦର ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଡ଼ିଜି ପଦ ଦେବା ଲାଗି ସରକାର ଏପରି କାର୍ଯ୍ୟ କରିଥିବା ଅଭିଯୋଗକାରୀ ଆବେଦନରେ ଉଲ୍ଲେଖ କରିଛନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏହି ପିଆଇଏଲ୍ ପଛରେ ରାଜ୍ୟର ଜଣେ ଡ଼ିଜି ଆଶାୟୀ ବରିଷ୍ଠ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ଚିଦାମ୍ବରମ୍ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଓ ସୁପ୍ରିମକୋର୍ଟରେ ମାମଲା ଲଢ଼ିବା ପାଇଁ ସେ ଗୋଟିଏ ଉପସ୍ଥିତି (ଆପିଅରାନ୍ସ) ର ଫି ବାବଦରେ ଅନ୍ୟୂନ ୫୦ ଲକ୍ଷ ଟଙ୍କା ନେଇଥାଆନ୍ତି। ତେଣୁ ଏତେ ଟଙ୍କା କିଏ ଭରଣା କରିବ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

### ସଂସଦ ପରିସର...

ଧରି ଏକ ମାନବ ଶୃଙ୍ଖଳା ତିଆରି କରି ଦୁଇ ଗୋଷ୍ଠୀଙ୍କୁ ପୃଥକ ରଖିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଗତ ଜୁଲାଇ ୨୦ରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଉତ୍ତର ଦାବି କରିଥିଲେ। ଏହା ସହିତ ଅଯୋଧ୍ୟା ରାମ ମନ୍ଦିର ପାଣ୍ଠିରେ ଦୁର୍ନୀତି ଉପରେ ମଧ୍ୟ ସେମାନେ ଆଲୋଚନା ପାଇଁ ମଧ୍ୟ ଦାବି କରୁଥିଲେ। ଅନ୍ୟପଟେ, ବିଜେପି ସାଂସଦମାନେ ଝାଡ଼ଖଣ୍ଡରେ ଚାକିରି ଆଶାୟୀ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜକୁ ନେଇ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ଝାଡ଼ଖଣ୍ଡରେ ଛାତ୍ରଙ୍କ ଉପରେ ଲାଠିଚାର୍ଜ ପାଇଁ ରାହୁଲ ଗାନ୍ଧୀ ଜବାବ ଦିଅନ୍ତୁ ବୋଲି ସେମାନେ ବ୍ୟାନର ଧରି ସ୍ଲୋଗାନ ଦେଇଥିଲେ।

ବିଜେପି ସାଂସଦ ଅନୁରାଗ ଠାକୁର ଅଭିଯୋଗ କରିଛନ୍ତି ଯେ, ରାହୁଲ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଥିବା ବେଳେ ଝାଡ଼ଖଣ୍ଡରେ ନିଜ ସରକାରର ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ନିରବ ରହି ଦୋମୁହାଁ ନୀତି ପ୍ରଦର୍ଶନ କରୁଛନ୍ତି। ପ୍ରତିବାଦ ସମୟରେ ପ୍ରିୟଙ୍କା ଭଦ୍ରା ଯାଉଥିବା ସମୟରେ ବିଜେପି ସାଂସଦ ମୁକେଶ ଦଲାଲ 'ସରମ୍ କରୋ ରାହୁଲ ଗାନ୍ଧୀ' ବୋଲି କହିଥିଲେ। ଉତ୍ତରରେ ପ୍ରିୟଙ୍କା କହିଥିଲେ ଯେ ରାହୁଲ ଗାନ୍ଧୀ ପୂର୍ବରୁ ହିଁ ଝାଡ଼ଖଣ୍ଡର ଛାତ୍ରଛାତ୍ରୀଙ୍କୁ ଭେଟି ସାରିଛନ୍ତି। ପରେ ପ୍ରିୟଙ୍କା ଗଣମାଧ୍ୟମକୁ କହିଥିଲେ, ବିରୋଧୀଙ୍କ ଚାପ ଯୋଗୁଁ ପ୍ରଥମ ଥର ପାଇଁ ଶାସକ ଦଳର ସାଂସଦମାନେ ନିଜେ ପ୍ରତିବାଦ କରିବାକୁ ବାଧ୍ୟ ହୋଇଛନ୍ତି।

ସଂସଦ ବାହାରେ ଏହି ଉତ୍ତେଜନାପୂର୍ଣ୍ଣ ପରିବେଶ ଥିବା ବେଳେ ଭିତରେ ମଧ୍ୟ ଅଚଳାବସ୍ଥା ଜାରି ରହିଥିଲା। ବାଚସ୍ପତି ଓମ ବିର୍ଲା ବିରୋଧୀଙ୍କୁ ଗୃହ କାର୍ଯ୍ୟ ଚଳାଇବାକୁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁଁ ଲୋକସଭା ବାରମ୍ବାର ମୁଲତବୀ ହୋଇଥିଲା। ସରକାରଙ୍କ ପକ୍ଷରୁ କିରଣ ରିଜିଜୁ କହିଥିଲେ ଯେ ଯଦି ଗୃହ ସ୍ୱାଭାବିକ ଭାବେ ଚାଲେ, ତେବେ ଗୃହମନ୍ତ୍ରୀ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ଅଛନ୍ତି। ତେବେ ରାହୁଲ ଗାନ୍ଧୀକହିଛନ୍ତି ଯେ ଛାତ୍ରଛାତ୍ରଙ୍କ ଉପରେ କିଏ ଓ କାହିଁକି ପେଲେଟ୍ ଗନ୍ ମାଡ଼ ପାଇଁ ନିର୍ଦ୍ଦେଶ ଦେଇଥିଲା, ତାହାର ନିର୍ଦ୍ଦିଷ୍ଟ ଜବାବ ଦରକାର। ତେବେ ଅଚଳାବସ୍ଥା ମଧ୍ୟରେ ରାଜ୍ୟସଭାରେ ଟ୍ରିବୁନାଲ ସଂସ୍କାର ବିଲ୍ ପାସ୍ ହୋଇଥିବା ବେଳେ ଲୋକସଭାରେ କେରଳର ନାମ କେରଳମ କରିବାକୁ ବିଲ୍ ପାସ୍ ହୋଇଥିଲା। ଅନ୍ୟପକ୍ଷରେ ପ୍ରସ୍ତାବିତ ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ଆଇନ ସଂକ୍ରାନ୍ତ ବିଲକୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଏହି ବିଲକୁ ସରକାର ଜେପିସିକୁ ପଠାଇବାକୁ ଚାହୁଁଥିବା ବେଳେ ବିରୋଧୀ ଦଳ ଏହାକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି।

### ୧୫ ପର୍ଯ୍ୟନ୍ତ...

,ଖୋର୍ଦ୍ଧା, ମୟୁରଭଞ୍ଜ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ ଓ ଝାରସୁଗୁଡା ଆଦି ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅବଶିଷ୍ଟ ୧୩ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ କେନ୍ଦ୍ର କହିଛି। ଏହା ସହ ୧୫ ତାରିଖ ଯାଏଁ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମ ମହାନ୍ତି କହିଛନ୍ତି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ୩୫-୪୫ କିମି ବେଗରେ ପବନ ବହିବା ସହ ଏହା ସର୍ବାଧିକ ୫୫ କିମି ପର୍ଯ୍ୟନ୍ତ ପହଞ୍ଚିପାରେ। ପବନର ବେଗ ଅଧିକ ହେତୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

### ଜାପାନରୁ ଫେରିବ...

ଅନୁରୋଧ କରାଯାଇଛି। ୧୯୪୫ ଅଗଷ୍ଟରେ ନେତାଜୀଙ୍କ ନିଖୋଜ ହେବା ଘଟଣାକୁ ନେଇ ଅନେକ ବର୍ଷ ଧରି ବିଭିନ୍ନ ତର୍କ ଓ ମତବାଦ ରହିଆସିଛି। କେତେକ ରିପୋର୍ଟ ଅନୁଯାୟୀ, ନେତାଜୀଙ୍କ ଅବଶେଷ ଜାପାନର ରେଙ୍କୋଜି ମନ୍ଦିରରେ ସଂରକ୍ଷିତ ହୋଇ ରହିଛି। ନେତାଜୀଙ୍କ କନ୍ୟା ଅନିତା ଦୀର୍ଘ ଦିନ ଧରି ଏହି ଚିତାଭସ୍ମକୁ ଭାରତ ଫେରାଇ ଆଣିବା ପାଇଁ ଦାବି କରି ଆସୁଛନ୍ତି।

### ବଜ୍ରପାତରେ ୪ ମହିଳା...

କରାଯାଇଛି। ସମସ୍ତ ଆହତଙ୍କ ଘର ବି ଛତିଶଗଡ଼ର ଯଶପୁର ଜିଲ୍ଲା ଅଧୀନ ତୁମଲା ଗ୍ରାମରେ ବୋଲି ଜଣାପଡ଼ିଛି। ସେହିପରି ଜିଲ୍ଲାର ବଣାଇଁ ଥାନା ଅଧୀନ ଇନ୍ଦ୍ରପୁର ଗ୍ରାମରେ ଚାଷଜମିରେ ଧାନ ରୁଆ ଚାଲିଥିବାବେଳେ ହଠାତ୍ ବଜ୍ରପାତ ଘଟି ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଇନ୍ଦ୍ରପୁର ଗ୍ରାମର ଏକ ଚାଷଜମିରେ ୧୧ ଜଣ ମହିଳା ଧାନ ରୁଆ କାମ କରୁଥିଲେ। ଅପରାହ୍ନରେ ହଠାତ୍ ଆକାଶରେ ଘଡ଼ଘଡ଼ି ସହ ବିଜୁଳି ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସୁନିତା ଓରାମ (୩୩) ଓ ଦ୍ରୌପଦୀ କିଷାନ (୩୫) ଗୁରୁତର ହୋଇ ଚାଷଜମିରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଟିକାୟତପାଲି ଥାନା ଅଧୀନ ଝିରଡାପାଲି ଗ୍ରାମର ସଞ୍ଜୁକ୍ତା ଚାରଦିଆ (୪୦) ମଧ୍ୟ ଚାଷଜମିରେ କାମ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

### ଯୁବକଙ୍କ ମୃତ୍ୟୁ...

ବଜ୍ରପାତରେ ସୁପାଇ ହାଁସଦା (୨୪) ଓ ବିଜୁ ଟୁଡୁ (୨୫) ଆହତ ହୋଇଛନ୍ତି। ଉଭୟଙ୍କୁ କିଷାନତାଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ପୁଲିସ ଶିବଶଙ୍କରଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶିବଶଙ୍କରଙ୍କ ଅକାଳ ମୃତ୍ୟୁରେ ପରିବାରବର୍ଗଙ୍କ ସମେତ କାପୋଇ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଦେଶରେ ଓଡ଼ିଶା...

ଥିଲା। ଆନ୍ଧ୍ର ପ୍ରଦେଶକୁ ୨୩୧୩୪ କୋଟି, ଛତିଶଗଡ଼କୁ ୨୮୧୦୩ କୋଟି, ହରିୟାଣାକୁ ୧୩୩୯୫ କୋଟି, ପଞ୍ଜାବକୁ ୧୪୭୩୨ କୋଟି, ତେଲେଙ୍ଗାନାକୁ ୩୪୫୩୩ କୋଟି ପରି ବୃହତ୍ ସହାୟତା ମିଳିଥିଲା। ଅନ୍ୟ କେତେକ ରାଜ୍ୟଙ୍କୁ ମଧ୍ୟ ହଜାର ହଜାର କୋଟି ଟଙ୍କାର ସହାୟତା ମିଳିଥିବା ବେଳେ ଓଡ଼ିଶାକୁ ମାତ୍ର ୭ କୋଟିର ସହାୟତା ମିଳିଛି। ସମବାୟ ବିଶେଷଜ୍ଞମାନଙ୍କ ଯୁକ୍ତି ଅନୁଯାୟୀ ରାଜ୍ୟର ସମବାୟ ସମିତିଗୁଡ଼ିକ ଯେତେ ଅଧିକ ପ୍ରକଳ୍ପ ପ୍ରସ୍ତାବ ପଠାଇବେ, ସେହି ଅନୁସାରେ ଋଣ ଓ ଅନୁଦାନ ମିଳିଥାଏ। ଓଡ଼ିଶାରୁ ବଡ଼ ଧରଣର ବ୍ୟବସାୟିକ କିମ୍ବା ଶିଳ୍ପଭିତ୍ତିକ ସମବାୟ ପ୍ରସ୍ତାବ କମ୍ ଯାଉଥିବାରୁ ଅନୁଦାନର ପରିମାଣ କମ୍ ରହୁଛି। ମହାରାଷ୍ଟ୍ର, ଗୁଜରାଟ ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଶତାଧିକ ସମବାୟ ଚିନି କଳ, ବଡ଼ ସମବାୟ ସୂତା କଳ ଏବଂ ବିଶାଳ ଦୁଗ୍ଧ ସମବାୟ ସଂଘ ରହିଛି। ଏହି ବଡ଼ ଶିଳ୍ପଗୁଡ଼ିକର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ହଜାର ହଜାର କୋଟି ଟଙ୍କାର ପାଣ୍ଠି ଆବଶ୍ୟକ ହୁଏ, ଯାହା ଏନ୍‌ସିଡିସି ଯୋଗାଇଥାଏ। ଓଡ଼ିଶାରେ ଏଭଳି ବୃହତ୍ ସମବାୟ ଶିଳ୍ପର ସଂଖ୍ୟା ଖୁବ୍ କମ୍, ତେଣୁ ସେହି ସ୍ତରର ବଡ଼ ପାଣ୍ଠି ଓଡ଼ିଶାକୁ ଆସିପାରୁ ନାହିଁ। ରାଜ୍ୟଗୁଡ଼ିକର ସମବାୟ ବ୍ୟାଙ୍କ, ପାକ୍ସ ଗୁଡ଼ିକର ଆର୍ଥିକ ସ୍ଥିତି ସୁଦୃଢ଼ ଥିଲେ ସେମାନେ ଏନସିଡିସିରୁ ମୋଟା ଅଙ୍କର ଋଣ ଉଠାଇଥାନ୍ତି। ଏନ୍‌ସିଡିସିରୁ ଋଣ ପାଇବାକୁ ହେଲେ ସମବାୟ ସମିତିଗୁଡ଼ିକର ଆର୍ଥିକ ସ୍ଥିତି ସ୍ୱଚ୍ଛ ଏବଂ ସେଗୁଡ଼ିକ ଲାଭଜନକ ହେବା ଆବଶ୍ୟକ। ଓଡ଼ିଶାର ଅନେକ ସମବାୟ ସମିତିର ଅଡିଟ୍ ପ୍ରକ୍ରିୟା ବିଳମ୍ବରେ ହେବା ଏବଂ କେତେକ ସମିତି ଆର୍ଥିକ ଦେବାଳିଆ ସ୍ଥିତିରେ ଥିବାରୁ, ସେମାନେ ଏନ୍‌ସିଡିସିର କଠୋର ଆର୍ଥିକ ଯୋଗ୍ୟତା ମାପଦଣ୍ଡ ପୂରଣ କରିପାରନ୍ତି ନାହିଁ। ତେଣୁ ଓଡ଼ିଶାକୁ ଅପେକ୍ଷାକୃତ ନଗଣ୍ୟ ଋଣ ମିଳୁଥିବା ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଡବଲ ଇଞ୍ଜିନ ସରକାର ରାଜ୍ୟରେ ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନେଇ ଅନେକ ଦାବି ତଥା ପ୍ରତିଶ୍ରୁତି ରଖୁଛନ୍ତି। ମାତ୍ର କାର୍ଯ୍ୟକ୍ଷେତ୍ରରେ ଏହା ପ୍ରତିଫଳିତ ହୋଇପାରୁ ନାହିଁ। ଏ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। ଗତ ଆର୍ଥିକ ବର୍ଷରେ ଏନସିଡିସି ମାର୍କେଟିଂ ତଥା ଫିସେରୀ କ୍ଷେତ୍ରରେ ଓଡ଼ିଶାକୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରିନାହିଁ। ତେଣୁ ରାଜ୍ୟର ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ହେଲେ ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାର ଏନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଯାହାଫଳରେ ଏହା ଗ୍ରାମାଞ୍ଚଳରେ କୃଷକ, ମହିଳା ତଥା ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭର ଭାବେ ଗଢ଼ିତୋଳିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପୋଲାଭରମ କ୍ଷତିଗ୍ରସ୍ତଙ୍କ...

କାମ ୯୬.୮୭ ପ୍ରତିଶତ ଶେଷ ହୋଇଛି। କଂକ୍ରିଟ୍ କାମ ୯୮.୮୪ ପ୍ରତିଶତ ଓ ଷ୍ଟିଲ୍ କାମ ୯୨.୯୫ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ସରକାରୀ ତଥ୍ୟ ଅନୁସାରେ ପୋଲାଭରମ ଯୋଗୁଁ ମୋଟ ୯୬,୬୬୦ଟି ପ୍ରକଳ୍ପ ବିସ୍ଥାପିତ ପରିବାର ପ୍ରଭାବିତ ହେବେ। ପ୍ରଥମ ପର୍ଯ୍ୟାୟର +୪୧.୧୫ ମିଟର ଜଳସ୍ତର ପର୍ଯ୍ୟନ୍ତ ପ୍ରଭାବିତ ପରିବାରଙ୍କ ମଧ୍ୟରୁ ୧୭,୮୯୨ ପରିବାରଙ୍କୁ ଏପର୍ଯ୍ୟନ୍ତ ଭୌତିକ ଭାବେ ସ୍ଥାନାନ୍ତର କରାଯାଇଛି। ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ଏପର୍ଯ୍ୟନ୍ତ ୧,୩୭୩.୦୧ କୋଟି ଟଙ୍କା ନଗଦ ସହାୟତା ଓ ବିଭିନ୍ନ ଅଧିକାର-ସୁବିଧା ବାବଦରେ ପ୍ରଦାନ ହୋଇଥିବାବେଳେ ଏ ସଂକ୍ରାନ୍ତ କାମରେ ୧,୫୮୧.୦୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ମାର୍ଚ୍ଚ ୨୦୨୬ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଆବଶ୍ୟକ ହେଲେ ଆଉ ଗୋଟିଏ ବର୍ଷ ସମୟ ବଢ଼ାଇବାର ବ୍ୟବସ୍ଥା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମାତ୍ର ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରକଳ୍ପ ପ୍ରଭାବିତଙ୍କ ମଧ୍ୟରେ କେବଳ ଆନ୍ଧ୍ର ପ୍ରଦେଶର କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ ସୂଚନା ଦେଇଥିବାବେଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି। ଓଡ଼ିଶାର ହଜାର ହଜାର ଆଦିବାସୀ ଏହି ପ୍ରକଳ୍ପ ଯୋଗୁଁ ଭିଟାମାଟି ହରାଇବାର ଆଶଙ୍କା ରହିଛି। ଶହଶହ ଏକର ଚାଷ ଜମି ଓ ଜଙ୍ଗଲ ଜମି ଜଳମଗ୍ନ ହେବ। ମାତ୍ର ସମ୍ପୃକ୍ତ ପରିବାରର ସୁରକ୍ଷା, ପୁନର୍ବାସ ଓ ଜୀବିକାର ଗ୍ୟାରେଣ୍ଟି କିଏ ଦେବ? ଏହି ଆଦିବାସୀମାନଙ୍କର ଜୀଇବାର ହକ୍ ନାହିଁ ନା ସେମାନଙ୍କ ଜୀବନର ମୂଲ୍ୟ ନାହିଁ?


**AFFIDAVIT**

By virtue of an Affidavit sworn before Executive Magistrate, Cuttack, dtd.22/07/2026. I ,Jitendra Choudhury, S/o. Late Ashok Kumar Choudhury of Mangalabag, Gopalsahi, Po-Buxibazar, P.S-Mangalabag, Dist.-Cuttack declare that I have changed the name of my daughter From Havya Hansika Choudhury to Havya Hanshika. Henceforth she shall be known as **Havya Hanshika** for all purposes.

**Jitendra Choudhury**

**AFFIDAVIT**

By virtue of an Affidavit sworn before Executive Magistrate, Nayagarh, dtd.03.08.2026. I, Jayanta Kumar Mohapatra, S/o Jagabandhu Mohapatra, Vill-Baghara, P.O.- Biruda, P.S.-Itamati, Dist.- Nayagarh do hereby declare that I have changed my name from Jayant Kumar Mohapatra To Jayanta Kumar Mohapatra. Henceforth I shall be known as **Jayanta Kumar Mohapatra** for all purposes.

**Jayanta Kumar Mohapatra**

**NOTICE**

By virtue of an affidavit sworn before the Executive Magistrate, Athmallik dated 10th August 2026, I, Mrs. KOIL NAIK address Wife of ANTARYAMI NAIK, Village : TIKARPADA, P.O. : TIKARPADA, P.S.: BOUDH , District: BOUDH, PIN : 762026 , STATE : ODISHA, declare that I have changed the name of my daughter from "PRIYA NAIK" to "TULASI NAIK". Henceforth, she shall be known as **"TULASI NAIK"** for all purposes.

**KOIL NAIK**

**AFFIDAVIT**

I, Chhatram Singh, S/o. Late Siba Singh, resident of L.P-84, Prasanti Vihar, Po.-KIIT, Ps.- Infocity, Bhubaneswar, Dist.- Khordha, Pin: 751024, Odisha declare by this affidavit No. Vol.-II, Sl. No.- 381, Dtd.: 11.08.2025 that, now onwards I shall be known as **CHHOTRAM SINGH** for all future purposes.

**AFFIDAVIT**

By virtue of an affidavit (SL No. A/33, dtd- 10.08.2026) sworn before The Executive Magistrate, Panposh, Uditnagar, Rourkela. I, **Roshni Biswakarma** (new name), resident of AT- Sibshankar Nagar, Rourkela-1, PS-Plantsite, Dist- Sundargarh, Odisha, PIN- 769001 declare that I have changed my name from **Roshani Kumari** (old name) to **Roshni Biswakarma** (new name). Henceforth, I shall be known as **Roshni Biswakarma** (new name) for all purposes.

**Roshni Biswakarma**

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-13/2026-27

34001/613/2627

1. Number of works -(01)
2. Approximate estimated cost: - 13.54 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 13.08.2026 to 19.08.2026
5. Last Date / Time of receipt of bid in the portal :- Dt. 19.08.2026 up to 5.00 PM
6. Date of Opening of bid:- Dt. 20.08.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR-34001/34025/1/26-27/0011

**OFFICE OF THE NOTIFIED AREA COUNCIL, ATHMALLIK.**

NO. 2947 | e-Procurement | DT. 10.08.26

13001/1494/2627 **Bid identification No.Alkn-02/2026-27**

Bid documents consisting of work, estimated cost, cost of tender paper, EMD time of completion, Class of contractors and the set of term and conditions of contract and detals of other necessary documents can be seen in Govt.website i.e. www.tendersorissa.gov.in

| | | | |
|---|---|---|---|
| 1. | Name of the works | : | Electrical works & Civil work |
| 2. | No. of works | : | 02nos. |
| 3. | Estimated cost | : | Rs.5,26,282/- & 13,73,086/- |
| 4. | Date & Time of availability of Bid Documents in the portal | : | From 10.00A.M of dt.11.08.2026 to 17.08.2026 Up to 5.00P.M |
| 5. | Last Date of receive of Bid through Online | : | On or before 17.08.2026 up to 5.00P.M |
| 6. | Submission of original Document (DD/ EMD/ Affidavit) | : | On 18.08.2026 upto 11.00AM |
| 7. | Date of opening of bid on | : | At 11.00A.M on.18.08.2026 |

Executive Officer
N.A.C Athmallik.

OIPR-13001/13161/1/26-27/0004

**IDBI BANK** କ୍ଷେତ୍ରୀୟ କାର୍ଯ୍ୟାଳୟ, ଆଇଡ଼ିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨
CIN-L65190MH2004GOI148838

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ **୧୭.୦୯.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା (କ୍ର. ନଂ. ୧ ନିମନ୍ତେ) ଏବଂ ୨୮.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା (କ୍ର. ନଂ. ୨ ନିମନ୍ତେ)** ମଧ୍ୟରେ ସ୍ଥାବର ସମ୍ପତ୍ତି ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍। ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୬(୨) ଏବଂ ରୁଲ୍ ୮(୬)/୯(୧) ପ୍ରାବଧାନ ସହିତ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା, ବନ୍ଧକଦାତା ଏବଂ ଜାମିନଦାରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ଆଇଡ଼ିବିଆଇ ବ୍ୟାଙ୍କ ଲିଃ.)ଙ୍କ ନିକଟରେ ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତିଗୁଡିକ ବନ୍ଧକ ରହିଛି। ନିମ୍ନରେ ଦର୍ଶିତ ପ୍ରତ୍ୟେକ ଋଣଗ୍ରହୀତାମାନଙ୍କ ଠାରୁ ବକେୟା ଋଣରାଶି ଆଦାୟ କରିବାପାଇଁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀମାନେ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ। ପୁନଶ୍ଚ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ କ୍ଷମତା ପ୍ରୟୋଗ କରି ସମ୍ପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଡିମାଣ୍ଡ ନୋଟିସ୍ ଅନୁଯାୟୀ ଆଇଡ଼ିବିଆଇ ବ୍ୟାଙ୍କ ଲିଃ. ବକେୟା ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ବ୍ୟାଙ୍କ ଦେୟ ବିଯୁକ୍ତ ଆଦାୟ ହୋଇଥିବା ରାଶି ଯଦି ଥାଏ ତାହା ଆଦାୟ କରିବାପାଇଁ ସୁରକ୍ଷିତ ସମ୍ପତ୍ତିକୁ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ଯାଉଛନ୍ତି। ସର୍ବସାଧାରଣ ବ୍ୟକ୍ତିଗତ ଭାବେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତାବ ଦାଖଲ ପାଇଁ ଆମନ୍ତ୍ରଣ କରାଯାଉଅଛି। ଋଣଗ୍ରହୀତା(ମାନ) / ବନ୍ଧକଦାତା(ମାନ) / ଜାମିନ୍‌ଦାର(ମାନ) / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଏବଂ ସମୟ, ଅମାନତ ରାଶି ଏବଂ ବିଡ୍ ବୃଦ୍ଧି ରାଶିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସୁରକ୍ଷିତ ସମ୍ପତ୍ତିଗୁଡିକର ବିକ୍ରୟ ଅନୁସୂଚୀ:**

| କ୍ର. ନଂ. | ଋଣଗ୍ରହୀତା / ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ ଖ) ସାଙ୍କେତିକ ଦଖଲ ତାରିଖ ଗ) ବକେୟା ଦେୟ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ରାଶି |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅଭିଷେକ ମହାନ୍ତି / ସହ-ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ମହାନ୍ତି, ଉଭୟଙ୍କ ଯୋଗାଯୋଗ/ସ୍ଥାୟୀ ଠିକଣା- ପ୍ଲଟ୍ ନଂ.: ୧୮୮୪/୨୦୯୪, ବାଲିଅନ୍ତା ରୋଡ୍, ଆଇଓବି ବ୍ୟାଙ୍କ ନିକଟ, ବାଲିଅନ୍ତା, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୨୧୦୧ | କ) ୧୫.୦୫.୨୦୨୬ ଖ) ୨୪.୦୭.୨୦୨୬ ଗ) ୩୧.୦୭.୨୦୨୬ ସୁଦ୍ଧା ଟ.୩୭,୭୧,୦୫୭.୦୦ ଏବଂ ସେବାବଦ ସୁଧ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୧ (ଟାଇପ୍- ୩ ବିଏଚ୍‌କେ), ସୁପର ବିଲ୍ଟ ଅପ୍ ଏରିଆ: ୧୪୬୯ ବର୍ଗଫୁଟ, ୪ର୍ଥ ମହଲା, ହର୍ଷପ୍ରିୟା ରିଟ୍ରିଟ୍ ଆପାର୍ଟମେଣ୍ଟ ସହିତ ସମୁଦାୟ କ୍ଷେତ୍ର: ଏକର୦.୨୨୦ ଡିସିମିଲିରୁ ଆନୁପାତିକ ଅବିଭକ୍ତ ଜମିର ଅଂଶ ସହିତ ଷ୍ଟିଲ୍ଟ ଫ୍ଲୋର୍‌ରେ ଥିବା ଏକ ପାର୍କିଂ ସ୍ଥାନ, ହାଲ୍ ମ୍ୟୁଟେସନ୍ ଖାତା ନଂ.: ୬୨୩/୧୯୫, ପ୍ଲଟ୍ ନଂ.: ୩୨୮, ସତ୍ତ୍ୱ: ସ୍ଥିତିବାନ, କିସମ: ଘରବାରି/ହୋମଷ୍ଟେଡ୍, ଅନୁରୂପ ଖାତା ନଂ.: ୧୬୩, ମୌଜା: ଅଣ୍ଡିଲୋ, ଥାନା ନଂ.: ୧୪ (ବାଲିଅନ୍ତା), ତହସିଲ/ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ପିନ୍-୭୫୨୧୦୧, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା, ଜମିର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୩୨୯ ଏବଂ ୩୩୧, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୩୨୧ (ସରକାରୀ ଜମି), ଦକ୍ଷିଣ: ପ୍ଲଟ୍ ନଂ. ୩୨୭ (ଶ୍ରୀ ନଳିନୀକାନ୍ତ ଆଚାର୍ଯ୍ୟ), ସହିତ ସେଠାରେ, ଉଭୟ ବର୍ତ୍ତମାନ ଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ | ଟ.୫୭,୯୦,୦୦୦/- / ଟ.୫,୭୯,୦୦୦/- / ଟ.୫୦,୦୦୦/- |
| | ଅମାନତ ରାଶି ଜମାର ଅନ୍ତିମ ତାରିଖ : ୧୬.୦୯.୨୦୨୬ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ | | | |
| | ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା୧୧.୦୯.୨୦୨୬ରିଖ ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ, ପ୍ରାକ୍ ସୂଚନା ସହିତ | | | |
| ୨. | ଋଣଗ୍ରହୀତା: ଶ୍ରୀ ଲଳିତ ନାରାୟଣ ରଥ, ପିତା: ଲକ୍ଷ୍ମୀ ନାରାୟଣ ରଥ / ସହ-ଋଣଗ୍ରହୀତା: ଶ୍ରୀମତୀ ସନ୍ତୋଷିନୀ ରଥ, ସ୍ୱାମୀ: ଲଳିତ ନାରାୟଣ ରଥ, ଉଭୟଙ୍କ ଠିକଣା-୧: ପ୍ଲଟ୍ ନଂ.: ୬୬୫/୩୦୭୧, ଶ୍ରୀ ବିହାର, ଲେନ୍ ନଂ.-୭, ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬, ଠିକଣା-୨: ପଣ୍ଡା ରେସିଡେନ୍ସୀ, ଫ୍ଲାଟ୍ ନଂ.: ପିଆର୍-ଡ଼ି-୧୦୭, ବ୍ଲକ୍-ଡ଼ି, ପ୍ରଥମ ମହଲା, ମୌଜା: ସତ୍ୟଭାମାପୁର, ରଙ୍ଗ ବଜାର, ଥାନା: ବାଲିଅନ୍ତା, ଭୁବନେଶ୍ୱର-୭୫୧୦୩୧ | କ) ୧୨.୧୨.୨୦୨୪ ଖ) ୧୨.୦୩.୨୦୨୫ ଗ) ୩୧.୦୭.୨୦୨୬ ସୁଦ୍ଧା ଟ.୫୬,୮୧,୦୯୮.୩୬ ଏବଂ ସେବାବଦ ସୁଧ | ପଣ୍ଡା ରେସିଡେନ୍ସୀ ନାମକ ଆପାର୍ଟମେଣ୍ଟରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ପିଆର୍-ଡ଼ି-୧୦୭, ପ୍ରଥମ ମହଲା, ଖାତା ନଂ.: ୨୫/୧୧, ପ୍ଲଟ୍ ନଂ.: ୭୦୮ ଏବଂ ଖାତା ନଂ.: ୨୫/୧୩, ପ୍ଲଟ୍ ନଂ.: ୭୦୮/୮୪୨, ମୌଜା: ସତ୍ୟଭାମାପୁର, ଥାନା/ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ (ପଞ୍ଜୀକୃତ ବିକ୍ରୟ ଦଲିଲ ଅନୁଯାୟୀ)- ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୭୦୯, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୬୬୧, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୭୨୩, ସହିତ ସେଠାରେ, ଉଭୟ ବର୍ତ୍ତମାନ ଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର୍ ଓ ନିର୍ମାଣ | ଟ.୩୩,୪୫,୦୦୦/- / ଟ.୩,୩୫,୦୦୦/- / ଟ.୫୦,୦୦୦/- |
| | ଅମାନତ ରାଶି ଜମାର ଅନ୍ତିମ ତାରିଖ : ୨୭.୦୮.୨୦୨୬ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ | | | |
| | ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା୨୬.୦୮.୨୦୨୬ରିଖ ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ, ପ୍ରାକ୍ ସୂଚନା ସହିତ | | | |

RTGS / NEFT ମାଧ୍ୟମରେ ଅମାନତ ରାଶି ଦାଖଲ କରିବାର ଆକାଉଣ୍ଟ ଏବଂ IFSC Codeର ବିବରଣୀ: ଆକାଉଣ୍ଟ ନଂ.: ୦୪୨୩୪୯୧୫୦୧୦୦୨୬, IFSC Code: IBKL0000042

କ୍ଷମତାପ୍ରାପ୍ତ ଅଧିକାରୀ/ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ଶୁକଦେବ ପାଲ- ସହାୟକ ମହାପ୍ରବନ୍ଧକ (୯୦୭୩୩୦୩୧୦୧), ସୁଚିତ କୁମାର ବେହେରା- ପ୍ରବନ୍ଧକ (୯୩୩୭୬୧୫୯୯୦)

ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଏବଂ ସର୍ତ୍ତାବଳୀ: ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। (୧) ଆଇଡ଼ିବିଆଇ ବ୍ୟାଙ୍କ ଲିଃ. ଅର୍ଥାତ ସୁରକ୍ଷିତ ଋଣଦାତାଙ୍କ ଅର୍ଥାତ IDBI Bank Ltd. ପକ୍ଷରୁ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" "ଯାହା ଯେପରି ଅଛି ଭିତ୍ତିରେ", "ସେଠାରେ ଯାହାଅଛି ଭିତ୍ତିରେ" ଏବଂ "ବିନା ଆଇନଗତ ସହାୟତା ଭିତ୍ତିରେ" ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ। (୨) "ବିଡ୍ କାଗଜପତ୍ର" ଏବଂ ଏହି ବିଜ୍ଞାପନରେ ଦିଆଯାଇଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। ବିଡ୍ କାଗଜପତ୍ର ଆମର ଯେ କୌଣସି କାର୍ଯ୍ୟାଳୟରୁ କିମ୍ବା ଆଇଡ଼ିବିଆଇ ୱେବସାଇଟ୍: www.idbibank.in ଏବଂ https://baanknet.com, https://psballiance.com ରୁ ମଧ୍ୟ ଡାଉନ୍‌ଲୋଡ୍ କରିପାରିବେ। (୩) ବିକ୍ରୟ ଇ-ନିଲାମ ପ୍ଲାଟ୍‌ଫର୍ମ ୱେବସାଇଟ୍: https://baanknet.com ରେ ଇ-ନିଲାମ ସେବାପ୍ରଦାନକାରୀ: PSB Alliance Private Limited (BAANKNET Platform) ମାଧ୍ୟମରେ ଅନୁଷ୍ଠିତ ହେବ। ଯୋଗାଯୋଗ: ମିସ୍ ସ୍ୱନୀ, ମୋ.: +୯୧-୯୯୯୦୬୦୫୦୭୫, ଶ୍ରୀ ଧର୍ମେଶ ଅସର, ମୋ.: +୯୧-୯୮୯୨୨୧୯୮୪୮। (୪) କ୍ଷମତାପ୍ରାପ୍ତ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି, ଯଦି ବିଡ୍ ଗ୍ରହଣ ଯୋଗ୍ୟ ନହେଲା ତେବେ କୌଣସି କାରଣ ନଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ସ୍ଥଗିତ / ବାତିଲ କରିପାରନ୍ତି ଏବଂ ଏବିଷୟରେ ତାଙ୍କର ନିଷ୍ପତ୍ତି ଚୂଡାନ୍ତ ଅଟେ। (୫) ସଫଳ ନିଲାମଧାରୀ ବିକ୍ରୟ ଚୂଡ଼ାନ୍ତ ସମୟରେ ବିକ୍ରୟ ମୂଲ୍ୟର ୧୦% (ଅମାନତ ରାଶି ଅନ୍ତର୍ଭୁକ୍ତ କରି) ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ପଡ଼ିବ କିନ୍ତୁ ତାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ବିଫଳ ହେଲେ ଅମାନତରାଶି ସହ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ। (୬) ନିଲାମ ରାଶି ୧୦% ସଙ୍ଗେ ସଙ୍ଗେ ଦାଖଲ କରିବାରେ କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୯୦% ନିଲାମରାଶି ଦାଖଲ କରିବାରେ ବିଫଳ ହୋଇଥିଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯାଇ ସୁରକ୍ଷିତ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ। (୭) କ୍ରେତା ସମସ୍ତ ଆଇନଗତ ଦେୟ/ ଆଟେଣ୍ଡାଣ୍ଟ ଦେୟ/ ରେଜିଷ୍ଟ୍ରେସନ ଦେୟ, ଷ୍ଟାମ୍ପ ଡ୍ୟୁଟି, ଅତିରିକ୍ତ ଟିକସ ଇତ୍ୟାଦି ବହନ କରିବେ। (୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀଙ୍କୁ ବିକ୍ରୟ ଚୂଡାନ୍ତ ଚିଠି ଜାରି ପୂର୍ବରୁ ଯଦି ଋଣଗ୍ରହୀତା ବ୍ୟାଙ୍କକୁ ଚୁକ୍ତି ହାରରେ ବକେୟା ରାଶି ସହିତ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରନ୍ତି ତେବେ ବିକ୍ରୟ ଚୂଡାନ୍ତ ହେବ ନାହିଁ। ଏପରି କ୍ଷେତ୍ରରେ ବ୍ୟାଙ୍କ ବିନା ସୁଧରେ ସମସ୍ତ ଅର୍ଥ ସଫଳ ନିଲାମଧାରୀଙ୍କୁ ଫେରସ୍ତ କରଦେବ। ସବିଶେଷ ବିବରଣୀ ଏବଂ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍: www.idbibank.in ଦେଖନ୍ତୁ ଏବଂ/କିମ୍ବା ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ଉପରଦର୍ଶିତ ଶାଖା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୮.୨୦୨୬ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍

**SBI** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଯାଜପୁର ରୋଡ୍ ଶାଖା, ଯାଜପୁର

**ଇ-ନିଲାମ ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛିକି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହାଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ।

ଇ-ନିଲାମର ତାରିଖ ଏବଂ ସମୟ: ତା୨୦.୦୮.୨୦୨୬ରିଖ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ
ଗାଡ଼ି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୧୯.୦୮.୨୦୨୬ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର. ନଂ | ଋଣଗ୍ରହୀତା/ଗ୍ୟାରେଣ୍ଟି ଦାତାଙ୍କ ନାମ ଠିକଣା | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧ | ଋଣଗ୍ରହୀତା: ଶ୍ରୀ ବିବେକ କୁମାର ତିୱାରୀ, ପିତା- ଜନାର୍ଦ୍ଦନ ତିୱାରୀ, ଦଳା ଛକ, ଘର ନଂ.- 28JR 33, ଶିବ ମନ୍ଦିର ନିକଟ, ଯାଜପୁର ରୋଡ୍, ଯାଜପୁର | Model: Celerio ZXi; Year of Manufacture: 2017; Regd. No.: OD-05Z-6804; Chassis No.: MA3ETDE1S00390336; Engine No.: K10BN 7892424 | ତା.୧୧.୦୮.୨୦୨୬ ସୁଦ୍ଧା ଟ.୫,୨୭,୫୩୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧,୦୮,୦୦୦/- / ୧୦,୮୦୦/- / ୫୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଇଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com ପରିଦର୍ଶନ କରନ୍ତୁ । ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦ ୨୨୦କୁ କଲ୍ କରନ୍ତୁ । ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ । ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ । ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ । ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୭୭୩୫୬୭୩୬୭୦୦ ସହିତ ଯୋଗାଯୋଗ କରନ୍ତୁ ।

https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି । ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ ।

ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com

ଗାଡିର ପାର୍କିଂ ସ୍ଥାନ: ଭାରତୀୟ ଷ୍ଟେଟ ବ୍ୟାଙ୍କ, ଯାଜପୁର ରୋଡ, ଯାଜପୁର

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ୭୭୩୫୬୭୩୬୭୦୦ (କ୍ଷମତାପ୍ରାପ୍ତ ଅଧିକାରୀ), ଯାଜପୁର ରୋଡ୍ ଶାଖା, ଯାଜପୁର

ତାରିଖ: ୧୧.୦୮.୨୦୨୬
ସ୍ଥାନ : ଯାଜପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ବଲାଙ୍ଗିର ଜିଲ୍ଲାସ୍ତରୀୟ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ କର୍ମଶାଳା

# ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଆହ୍ୱାନ

ବଲାଙ୍ଗିର, ୧୧।୮ (ସମିସ)




ସ୍ଥାନୀୟ ପିପ ଏକାଡେମୀ ସମ୍ମିଳନୀ କକ୍ଷରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସଂସ୍ଥା ପକ୍ଷରୁ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ 'ନିରନ୍ତରତା ପାଇଁ ବିଜ୍ଞାନ ଓ ନବସୃଜନ' ବିଷୟ ବସ୍ତୁ ନେଇ ଆୟୋଜିତ ଏହି କର୍ମଶାଳାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ଓ ରୀନା କୁମାରୀ ବେହେରା ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ପଣ୍ଡା ଛାତ୍ରଛାତ୍ରୀଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହ ଓ ଜିଜ୍ଞାସା ସୃଷ୍ଟି କରିବା ଶିକ୍ଷକମାନଙ୍କ ଏକ ପ୍ରମୁଖ ଦାୟିତ୍ୱ ବୋଲି କହିଥିଲେ। ପାଠ୍ୟପୁସ୍ତକ ମଧ୍ୟରେ ବିଜ୍ଞାନକୁ ସୀମିତ ନ ରଖି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଚିହ୍ନଟ କରିବା ସହ ସେଗୁଡିକର କାରଣ ଅନୁଧ୍ୟାନ କରି ବୈଜ୍ଞାନିକ ଓ ନବସୃଜନଶୀଳ ପଦ୍ଧତିରେ ସମାଧାନ ଖୋଜିବା ଦିଗରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଏଡ଼ିଇଓ ସୁଶ୍ରୀ ରୀନା ବେହେରା ନିଜ ବକ୍ତବ୍ୟରେ ଶିଶୁମାନଙ୍କ ମନରେ ଛୋଟ ବେଳୁ ବିଜ୍ଞାନ ପ୍ରତି ଆଗ୍ରହ ଓ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବିଷୟ ବିଶେଷଜ୍ଞ ଭାବେ ଆନନ୍ଦ ବଡ଼ପଣ୍ଡା, ଦିଲୀପ ଧଳ, ରାମଗୋପାଳ ଖମାରୀ ଶର୍ମା ଓ ଶିବ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି, ଜଳ, ଖାଦ୍ୟ, କୃଷି ଓ ସ୍ୱାସ୍ଥ୍ୟ ସମେତ ଭାରତୀୟ ଜ୍ଞାନ କୌଶଳର ପ୍ରୟୋଗକୁ ଆଧାର କରି ଶିଶୁ ବିଜ୍ଞାନୀମାନେ ପ୍ରକଳ୍ପ ପ୍ରସ୍ତୁତ କରିବେ ବୋଲି ସୂଚନା ଦିଆଯାଇଥିଲା। ଶିକ୍ଷାବିତ ସନାତନ ଠାକୁର, ପୂର୍ବତନ ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ, ସରୋଜ ନାୟକ, ନବଘନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ପାଣିଗ୍ରାହୀ ଉଭୟ ଅଧିବେଶନର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଦ୍ୱିତୀ ରଞ୍ଜନ ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ ୧୩୭ ଓ ଦ୍ୱିତୀୟ ଅଧିବେଶନରେ ୧୩୦ ଜଣ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଦୁଇ ଅଧ୍ୟାପକଙ୍କ ମଧ୍ୟରେ ମାରପିଟ ଘଟଣାର ତଦନ୍ତ ଆରମ୍ଭ

ସଇଁତଲା, ୧୧।୮ (ସମିସ): ସଇଁତଲା କଲେଜରେ ଦୁଇ ଅଧ୍ୟାପକ ଏନ୍‌ବି ଅଙ୍ଗନ ଓ ଆଶିଷ ମନ୍ତ୍ର ବର୍ଗାଙ୍କ ମଧ୍ୟରେ ମାରପିଟ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣା ସମ୍ପର୍କରେ ଉଭୟ ପକ୍ଷରୁ ସଇଁତଲା ଥାନାରେ ଅଭିଯୋଗ ହୋଇଛି। କଲେଜ ପରିସରରେ କୌଣସି କାରଣକୁ ନେଇ ଦୁଇ ଅଧ୍ୟାପକଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇ ମାରପିଟରେ ପରିଣତ ହୋଇଥିଲା। ଘଟଣାକୁ ନେଇ କଲେଜରେ କିଛି ସମୟ ପାଇଁ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ପରେ ମାମଲା ସଇଁତଲା ଥାନାରେ ପହଞ୍ଚିଛି। ପୁଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମହିବିଲାରୁ ବିରାମୁଣ୍ଡା ରାସ୍ତା ଶୋଚନୀୟ

କଣ୍ଟାମାଳ, ୧୧।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଧୀନ ମହିବିଲା ରାସ୍ତା ଦୀର୍ଘ ୨୦ ବର୍ଷ ହେବ କାମ ହୋଇ ନାହିଁ। ଏହି ରାସ୍ତାରେ ଏକ ପୋଲ ବର୍ଷାରେ ଧୋଇ ଯାଇଛି। ଗ୍ରାମବାସୀ କହନ୍ତି ବର୍ଷା ଋତୁରେ ଗାଁକୁ ଆମ୍ବୁଲାନ୍ସ ଆସି ପାରେନି। ଏଣୁ ରୋଗୀକୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟ ନେବାକୁ ପଡେ। ରାଜନେତାମାନେ କେବଳ ଭୋଟରେ ଆସନ୍ତି। ଭୋଟରଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇ ଥାଆନ୍ତି। ପରେ କିନ୍ତୁ ଆଉ ସେମାନଙ୍କ ଦେଖା ମିଳେନି ବୋଲି କହିଛନ୍ତି।



## ସାଇବର ଅପରାଧ କର୍ମଶାଳା

ବୀରମହାରାଜପୁର, ୧୧।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନ ସମୟରେ ସାଇବର କ୍ରାଇମ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁଲିସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଦୟାନିଧି ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ଭାରପ୍ରାପ୍ତ ପୁଲିସ ଅଧିକାରୀ ଯଯାତି କେଶରୀ ସାହୁ ଯୋଗଦେଇ ସାଇବର କ୍ରାଇମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବରିଷ୍ଠମାନେ କିଭଳି ଏହାର ଶିକାର ହେଉଛନ୍ତି ସେ ସମ୍ପର୍କରେ ଅବଗତ କରିଥିଲେ। ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଯୁଗଳ କିଶୋର ମିଶ୍ର ସ୍ୱାଗତ କରିଥିଲେ। ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ର ବହୁ ସଦସ୍ୟ ସହିତ ପୁଲିସ କର୍ମଚାରୀମାନେ ଯୋଗ ଦେଇଥିଲେ। ଭଗବାନ ମିଶ୍ର, ରାଧେଶ୍ୟାମ ପୁରୋହିତ, ଚମ୍ପେଶ୍ୱର ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ, ତ୍ରିନାଥ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ଜିଲ୍ଲାସ୍ତରୀୟ ବିଜ୍ଞାନ ଶିକ୍ଷକଙ୍କ ଅଭିମୁଖୀକରଣ କାର୍ଯ୍ୟଶାଳା

ଦେବଗଡ଼, ୧୧।୮ (ସମିସ): ଦେବଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ-୨୦୨୬ ପକ୍ଷରୁ ଜିଲ୍ଲାସ୍ତରୀୟ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅଭିମୁଖୀକରଣ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ନବସୃଜନ ଓ ବୈଜ୍ଞାନିକ ମନୋଭାବ ସୃଷ୍ଟି ପାଇଁ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ନାଉଲିପଡ଼ା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୁବ୍ରତ ଦେହୁରୀ ଚଳିତ ବର୍ଷର ମୁଖ୍ୟ ବିଷୟ ବସ୍ତୁ ସ୍ଥାୟିତ୍ୱ ପାଇଁ ବିଜ୍ଞାନ ଓ ନବସୃଜନ ସମ୍ବନ୍ଧୀୟ ସ୍ଥାନୀୟ ସମସ୍ୟା ଆଧାରିତ ପ୍ରକଳ୍ପ ଚୟନ ଓ ଗବେଷଣା ପ୍ରଣାଳୀ ଉପରେ ଧାରଣା ପ୍ରଦାନ କରିଥିଲେ। ଜିଲ୍ଲା ସଂଯୋଜକ ନକୁଳ ମହନ୍ତ ସ୍ୱାଗତ ଭାଷଣ ସହ ଅନଲାଇନ ପଞ୍ଜିକରଣ ଓ ମୂଲ୍ୟାୟନ ସମ୍ପର୍କରେ ଅବଗତ କରାଇଥିଲେ। ସାହାଜବାହାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୁଦର୍ଶନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୬୦ ଜଣ ବିଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।




## କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମ

ବୀରମହାରାଜପୁର, ୧୧।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଆନୁକୂଲ୍ୟରେ କୁଷ୍ଠ ରୋଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କେନ୍ଦୁପାଲି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧକ୍ଷ ଡାକ୍ତର ସୁବାଷ ଚନ୍ଦ୍ର ପଣ୍ଡା, ବ୍ଲକ ନୋଡାଲ ଲେପ୍ରୋସି ୱର୍କର ଜଗଦୀଶ ମେହେର, ପିଏଚଇଓ ସ୍ୱର୍ଣ୍ଣପ୍ରଭା କୁଏଡ, ସ୍ୱାସ୍ଥ୍ୟ ପରିଦର୍ଶକ ଆଲୋକ ସେଠ୍, ମହିଳା ସ୍ୱାସ୍ଥ୍ୟକର୍ମୀ ପୁଷ୍ପିତା ସ୍ୱାଇଁଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଡାକ୍ତର ପଣ୍ଡା କୁଷ୍ଠ ରୋଗର ବିଭିନ୍ନ ଲକ୍ଷଣ ଓ ଏହାର ପ୍ରତିକାର ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶେଷରେ କୁଷ୍ଠ ରୋଗକୁ ନେଇ ଏକ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁଷ୍ପିତା ସ୍ୱାଇଁ ୧୭ରୁ ୩୧ ପର୍ଯ୍ୟନ୍ତ ହେବାକୁ ଥିବା କୁଷ୍ଠ ସଚେତନତା କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଅବଗତ କରାଇ ଧନ୍ୟବାଦ ଅର୍ପଣ କରିଥିଲେ।



## ଝାରସୁଗୁଡ଼ାରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

ଝାରସୁଗୁଡ଼ା, ୧୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଓ ପୌରପାଳିକା ଟିମ୍ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଚଢ଼ଉ ଓ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ସରବାହାଲ ଅଞ୍ଚଳରେ ଚାଲିଥିବା ଏହି ଯାଞ୍ଚ ଅଭିଯାନରେ ମୋଟ ୨୯ଟି ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିଲା। ଏଥିମଧ୍ୟରେ ଗୁପଚୁପ୍ ଠେଲା, ଫାଷ୍ଟଫୁଡ୍ ଷ୍ଟଲ୍, ସ୍ନାକ୍ସ ସେଣ୍ଟର୍, କୁକୁଡ଼ା ଏବଂ ମାଛ ଦୋକାନ ଆଦି ସାମିଲ ରହିଥିଲା। ଯାଞ୍ଚ ସମୟରେ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ଉଲ୍ଲଂଘନ କରି ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କଠାରୁ ୫, ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହିତ ବିକ୍ରି ପାଇଁ ରଖାଯାଇଥିବା ପ୍ରାୟ ୧୪ କିଲୋଗ୍ରାମ ଅସ୍ୱାସ୍ଥ୍ୟକର ଓ ବାସି ଖାଦ୍ୟ ଜବତ କରାଯାଇ ତୁରନ୍ତ ନଷ୍ଟ କରାଯାଇଛି। ଜଳବାହିତ ରୋଗର ପ୍ରତିରୋଧ ପାଇଁ ବ୍ୟବହୃତ ହେଉଥିବା ପାଣିର ଗୁଣବତ୍ତା ପରୀକ୍ଷା ନିମନ୍ତେ ୭ଟି ସ୍ଥାନରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ସେହିପରି ଦୋକାନଗୁଡ଼ିକରେ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ବୈଧ ଖାଦ୍ୟ ଲାଇସେନ୍ସ ହାସଲ କରିବା ପାଇଁ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ଇଂପ୍ରୁଭମେଣ୍ଟ ନୋଟିସ୍ ଜାରି କରାଯାଇଛି। ଏହି ଯାଞ୍ଚ ଓ ଚଢ଼ାଉ ଅଭିଯାନରେ ଖାଦ୍ୟ ସୁରକ୍ଷା ଅଧିକାରୀ କୁନ୍ଦନ ଲୁହାର, ସହକାରୀ ଯାଦବ ଦେହେରୀ, ପୌରପାଳିକା କର୍ମଚାରୀ ମହମ୍ମଦ ନାସିର ଏବଂ କନଷ୍ଟେବଲ ପ୍ରମିତ ଚାନ୍ଦ ପ୍ରମୁଖ ସାମିଲ ହୋଇଥିଲେ।



## ବଲାଙ୍ଗିରରେ 'ହର୍ ଘର୍ ତିରଙ୍ଗା' ଅଭିଯାନ

ବଲାଙ୍ଗିର, ୧୧।୮ (ସମିସ): ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବଲାଙ୍ଗିର ଜିଲ୍ଲାରେ 'ହର୍ ଘର୍ ତିରଙ୍ଗା' ଓ 'ବନ୍ଦେ ମାତରମ୍' ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ସର୍କିଟ୍ ହାଉସ୍‌ରୁ ଏକ ବିଶାଳ ତ୍ରିରଙ୍ଗା ରାଲି ବାହାରିଥିଲା। ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରାଲିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଶିଷ୍ଟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବଲ୍ଲଭ ଧରୁଆ ଏବଂ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କହିଥିଲେ ଯେ, 'ହର ଘର ତ୍ରିରଙ୍ଗା' କେବଳ ଏକ ଅଭିଯାନ ନୁହେଁ। ଏହା ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ପ୍ରତ୍ୟେକ ପରିବାର ଓ ନାଗରିକଙ୍କ ମନରେ ଦୃଢ଼ କରିବାର ଏକ ଜନଆନ୍ଦୋଳନ। ତ୍ରିରଙ୍ଗା ହିଁ ଆମର ଜାତୀୟ ପରିଚୟ। ଏହି ପରିଚୟକୁ ସମ୍ମାନ ଜଣାଇବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ହରିଓମ ଶମ୍ଭୁ ନାରାୟଣ ଦାଶ, କ୍ରୀଡ଼ାବାସ ଅଧୀକ୍ଷକ ପରାସର ବାଗ, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଦୀପ କଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।



## ଦେଓଗାଁ ବ୍ଲକ୍‌ସ୍ତରୀୟ ଶାରୀରିକ ଶିକ୍ଷକ ସମ୍ମିଳନୀ



ଦେଓଗାଁ, ୧୧।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ସୁରଧନୁ ହାଇସ୍କୁଲରେ ମଙ୍ଗଳବାର ବ୍ଲକସ୍ତରୀୟ ଶାରୀରିକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାଲେଶ୍ୱର ବାଗଙ୍କ ସଂଯୋଜନା ଏବଂ ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷା ଅଧିକାରୀ ନମିତା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଡିପିଇଓ ପ୍ରଦୀପ୍ତ ପାତ୍ର, ସମ୍ମାନୀତ ଅତିଥି ଭାବେ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଦେବଦାସ ମିଶ୍ର, ପ୍ରତାପ ମିଶ୍ର, ସୁମନ୍ତ ପରୁଆ, ନିଳକଣ୍ଠ ଷାଣ୍ଢ, ସରୋଜ ମହାପାତ୍ର, ଗୌତମ ଧରୁଆ, ହେମନ୍ତ ପଧାନ, ପ୍ରଫୁଲ୍ଲ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଉମେଶ ପାଣିଗ୍ରାହୀ ବିବରଣୀ ପଠନ କରିଥଲେ। ଶାରୀରିକ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଶାରୀରିକ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଗୋପାଳ ଚନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ଦିବସ ପାଇଁ ପରେଡ୍ ଅଭ୍ୟାସ

ଝାରସୁଗୁଡ଼ା, ୧୧।୮ (ସମିସ): ଝାରସୁଗୁଡ଼ାରେ ୮୦ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପରେଡ୍ ଅଭ୍ୟାସ ଆରମ୍ଭ ହୋଇଛି। ଚଳିତ ବର୍ଷ ପୁଲିସର ବିଭିନ୍ନ ପ୍ଲାଟୁନ୍ ସମେତ ବିଭିନ୍ନ ବିଦ୍ୟାଳୟର ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ସମୁଦାୟ ୩୦ଟି ପ୍ଲାଟୁନ୍ ଭାଗ ନେଉଛନ୍ତି। ରିଜର୍ଭ ଇନ୍ସପେକ୍ଟର ଅନୀଲ ମୁଖୀ ପରେଡ ପରିଚାଳନା ନେତୃତ୍ୱ ନେଉଥିବା ବେଳେ ସେକେଣ୍ଡ ଇନ୍ କମାଣ୍ଡ ଭାବେ ଅଶ୍ୱିନୀ ମାଝୀ ପରିଚାଳନା କରୁଛନ୍ତି। ବିଭିନ୍ନ ସ୍କୁଲର ପିଇଟି, ଶିକ୍ଷକ, ଏନ୍‌ସିସି ଶିକ୍ଷକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିଆରସିଂହ, ବିଭାଗୀୟ କର୍ମଚାରୀ ନିହାଲ ଭୋଇ, ରବୀନ୍ଦ୍ର ନିଆଲ, ମନବୋଧ ବରଗ୍ତୀ ଓ ଅନ୍ୟାନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ବୁଦବାର ଅପରାହ୍ନ ୩ଟା ଏବଂ ଗୁରୁବାର ସକାଳ ୯ ଟାରେ ଶେଷ ତଥା ଚୂଡ଼ାନ୍ତ ଅଭ୍ୟାସ କରାଯିବ।


## ଋଷିଆ ଯିବେ ଯୁବନେତା ଓମ୍ ପ୍ରକାଶ



ବୌଦ୍ଧ, ୧୧।୮ (ସମିସ): ରୁଷିଆର ୟେକାଟେରିନବର୍ଗରେ ସେପ୍ଟେମ୍ବର ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଯୁବ ମହୋତ୍ସବ-୨୦୨୬ ଅନୁଷ୍ଠିତ ହେବ। ଏଥିରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳର ଯୁବନେତା ଓମ୍ ପ୍ରକାଶ ମିଶ୍ର ଭାରତର ପ୍ରତିନିଧି ଭାବେ ଯୋଗଦେବେ। ପ୍ରତିଯୋଗିତାମୂଳକ ଚୟନ ପ୍ରକ୍ରିୟାରେ ମନୋନୀତ ହେବା ପରେ ଶ୍ରୀ ମିଶ୍ରଙ୍କୁ ମହୋତ୍ସବରେ ଯୋଗଦେବା ପାଇଁ ଆମନ୍ତ୍ରଣ ମିଳିଛି।

## ୮୦ ପ୍ରତିଶତ ଦିବ୍ୟାଙ୍ଗ ସତ୍ତ୍ୱେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ

ମନମୁଣ୍ଡା/କଣ୍ଟାମାଳ, ୧୧।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ କପାସିରା ଗ୍ରାମର ରବୀନ୍ଦ୍ର ମହାନନ୍ଦିଆ ୮୦ ପ୍ରତିଶତ ଦିବ୍ୟାଙ୍ଗ। ଏ ନେଇ ତାଙ୍କ ପାଖେ ପ୍ରମାଣ ପତ୍ର ମଧ୍ୟ ଅଛି; ହେଲେ ସେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସେ ବାରମ୍ବାର ଅଭିଯୋଗ କରୁଛନ୍ତି; ହେଲେ କିଛି ଲାଭ ହେଉନି। ତେବେ ଏନେଇ ମନମୁଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟଦେବ ପ୍ରଧାନଙ୍କୁ ପଚାରିବାରୁ ସେ ମାସିକ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି। ଶତକଡା ୮୦ ଦିବ୍ୟାଙ୍ଗ ହେତୁ ମାସିକ ୨୫୦୦ ଟଙ୍କା ଭତ୍ତା ପାଇବା କଥା; କିନ୍ତୁ ଜିଲ୍ଲାରେ ଟାର୍ଗେଟ ସରିଯାଇଥିବାରୁ ଜିଲ୍ଲା ପ୍ରଶାସନ ତାଙ୍କ ଦରଖାସ୍ତ ରାଜ୍ୟକୁ ପଠାଇଛନ୍ତି। ରାଜ୍ୟ ସରକାରଙ୍କଠାରୁ ଆଦେଶ ଆସିଲେ ସେ ଭତ୍ତା ପାଇ ପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।


UNIQUE DISABILITY ID
Government of India
ନାମ / Name
ରବୀନ୍ଦ୍ର ମହାନନ୍ଦ
Rabindra Mahananda
UD ID
OD3490519750006018
Disability Type
Locomotor Disability
Year of Birth 1975
% of Disability 80 (Eighty)
Date of Issue 18/03/2026
Valid upto Permanent
Issuing Authority Sign
0005895922

## ବୌଦ୍ଧ ଜାଭିୟର୍ସ ସ୍କୁଲର ଅଧ୍ୟକ୍ଷା ସମ୍ମାନିତ



ବୌଦ୍ଧ, ୧୧।୮ (ସମିସ): ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ନେତୃତ୍ୱ ପାଇଁ ବୌଦ୍ଧସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ଅଧ୍ୟକ୍ଷା ସସ୍ମିତା ସେନାପତିଙ୍କୁ ସମ୍ମାନଜନକ 'ପଣ୍ଡିତ ଗୋଦାବରୀଶ ଶିକ୍ଷାଶ୍ରୀ ସମ୍ମାନ' ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଅଲଖ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏସନ ପକ୍ଷରୁ ଆୟୋଜିତ ଏକ ସମାରୋହରେ ଶ୍ରୀମତୀ ସେନାପତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ସକ୍ରିୟ ଭାବେ ଜଡ଼ିତ ରହି ଛାତ୍ରଛାତ୍ରୀଙ୍କ ଶିକ୍ଷା, ଶୃଙ୍ଖଳା ଓ ସର୍ବାଙ୍ଗୀନ ବିକାଶ ସହ ବିଦ୍ୟାଳୟର ଉନ୍ନତି ପାଇଁ ସେ ତାଙ୍କର ପ୍ରଚେଷ୍ଟା ଜାରି ରଖିଛନ୍ତି। ତାଙ୍କର ନିଷ୍ଠା, ଦାୟିତ୍ୱବୋଧ ଓ ଶିକ୍ଷାପ୍ରତି ସମର୍ପଣ ମନୋଭାବ ଯୋଗୁଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁ ଶ୍ରୀମତୀ ସେନାପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କାମରେ ଲାଗୁନି ରୁଗୁଡିପାଲି ନୂଆ ସ୍କୁଲ କୋଠା

କଣ୍ଟାମାଳ, ୧୧।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ଅଧୀନ ରୁଗୁଡ଼ିପାଲି ପ୍ରାଥମିକ ବିଦ୍ୟାଳୟର ନବନିର୍ମିତ କୋଠାଘରଟି ପିଲାଙ୍କ କାମରେ ଆସୁନି। ୫ଟି ଶ୍ରେଣୀ ପାଇଁ ମାତ୍ର ୨ଟି ଜରାଜୀର୍ଣ୍ଣ କୋଠରୀ ଅଛି। ଏଠି ଶିଶୁମାନେ ଖେଳିବା ପାଇଁ ଖେଳ ପଡ଼ିଆ ନାହିଁ। ବିଦ୍ୟାଳୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ତରଫରୁ ଗାଁ ମୁଣ୍ଡରେ ୬ଟି ଶ୍ରେଣୀ କୋଠରୀ, ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଥିବା ଏକ ନୂତନ କୋଠା ନିର୍ମାଣ ସହ ଖେଳପଡ଼ିଆ ରହିଛି। ପରିତାପର ବିଷୟ ବିଦ୍ୟାଳୟଟି ନିର୍ମାଣର ୨ ବର୍ଷରୁ ଅଧିକ ବିତି ଯାଇଥିଲେ ସୁଦ୍ଧା କାମରେ ଲାଗୁନି। ନୂତନ ସ୍କୁଲ କୋଠାରେ ରୋଷେଇ ଘର, ଶୌଚାଳୟ, କଳାପଟା, ଟିଏଲଏମ (ଶିକ୍ଷଣ ସାମଗ୍ରୀ ପାଇଁ ଥାକ) ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆନୁସଙ୍ଗିକ ସୁବିଧା ନାହିଁ। ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେଇ ଘର ନ ଥିବାବେଳେ ଶ୍ରେଣୀ କୋଠରୀଗୁଡିକରେ ପାଠ ପଢ଼ାଇବା ପାଇଁ କଳାପଟା ନାହିଁ। ସେହିପରି ନିର୍ମାଣ ହୋଇଥିବା ଶୌଚାଳୟଟି ଅସମ୍ପୂର୍ଣ୍ଣ ରହିଛି। ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ବିଦ୍ୟାଳୟ ଚତୁର୍ପାଶ୍ୱରେ ସ୍ଥାୟୀ ପାଚେରୀ ଓ ଗେଟ୍ ନ ଥିବାରୁ ଗାଈଗୋରୁ ଓ ଅସାମାଜିକ ଲୋକଙ୍କ ଅବାଧ ପ୍ରବେଶ ଶିଶୁମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ପ୍ରଧାନଶିକ୍ଷକ ଓ ୨ ଜଣ ସହକାରୀ ଶିକ୍ଷକ ଅଛନ୍ତି। ସ୍କୁଲ ପାଇଁ ଆଉ ଜଣେ ଶିକ୍ଷକଙ୍କ ଆବଶ୍ୟକତା ଥିବା ପରିଚାଳନା କମିଟିର ପୂର୍ବତନ ଉପସଭାପତି ଗଙ୍ଗାଧର ପଣ୍ଡା କହିଛନ୍ତି। ତେବେ ନୂତନ କୋଠାର ସମସ୍ତ ଅସୁବିଧା ପୂରଣ ପାଇଁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କାମ ହେଉ ନ ଥିବା ବିଦ୍ୟାଳୟ ସଭାପତି ଗଙ୍ଗାଧର ରଣା କ୍ଷୋଭର ସହ କହିଛନ୍ତି।

## ଧାନକିଣା କଟକଣା ପ୍ରତିବାଦରେ ଚାଷୀଙ୍କ ଧାରଣା

ବୌଦ୍ଧ, ୧୧।୮ (ସମିସ)




ଧାନ କିଣାରେ କଟକଣା ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ବୌଦ୍ଧ ଉନ୍ନୟନ ମଞ୍ଚ ସଭାପତି ବିକାଶ ମହାକୁଡଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧାରଣା ଦେ ଧାନ ପଞ୍ଜିକରଣ ନିୟମରେ ସରଳୀକରଣ ଦାବି କରିଥିଲେ। ସରକାର ଧାନ ପଞ୍ଜିକରଣ ପାଇଁ ଏଗ୍ରୀଷ୍ଟାକ୍ ଆଇଡି ବାଧ୍ୟତାମୂଳକ କରିଛନ୍ତି। ଏଣୁ ଅର୍ଦ୍ଧାଧିକ ଚାଷୀ ଧାନ ପଞ୍ଜିକରଣରୁ ବଞ୍ଚିତ ହେଉଛନ୍ତି। ଏଗ୍ରୀଷ୍ଟାକ ଆଇଡିରେ ନିଜ ନାମରେ ଜମିଥିବା ଲୋକ ହିଁ ପଞ୍ଜିକରଣ କରିପାରିବେ। ତେଣୁ ବାପା ଓ ଜେଜେବାପାଙ୍କ ନାମରେ ଜମି ଥିବା ଚାଷୀମାନେ ଧାନ ପଞ୍ଜିକରଣରୁ ବଞ୍ଚିତ ହେବେ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ବୋନସ ସହ ୩୧୦୦ ଟଙ୍କାରେ ଚାଷୀ ଧାନ କିଭଳି ବିକ୍ରି କରି ନ ପାରି ଅଭାବୀ ବିକ୍ରିର ଶିକାର ହେବେ ସରକାର ନୂଆ ନିୟମ ଆଣି ଚାଷୀଙ୍କୁ ଉପହାସ କରୁଥିବା ଅଭିଯୋଗ କରିଛନ୍ତି। ଧାନ ପଞ୍ଜିକରଣ ନିୟମରେ ସରଳୀକରଣ ପାଇଁ ଦାବି କରି ଚାଷୀମାନେ ବୌଦ୍ଧ ଉନ୍ନୟନ ମଞ୍ଚ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ବରଗଡ଼, ପଦ୍ମପୁରରେ ତ୍ରିରଙ୍ଗା ଶୋଭାଯାତ୍ରା





ବରଗଡ଼, ୧୧।୮ (ସମିସ)

ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ଗର୍ବର ଭାବନାରେ ଆଜି ଉତ୍ସବମୁଖର ହୋଇଉଠିଥିଲା ବରଗଡ଼ ସହର। 'ହର ଘର ତିରଙ୍ଗା' ଅଭିଯାନର ଅଂଶସ୍ୱରୂପ ଆଜି ସକାଳ ପ୍ରାୟ ୮ଟା ସମୟରେ ବୀର ସୁରେନ୍ଦ୍ର ସାଏ ଛକଠାରୁ ଆୟୋଜିତ ଏକ ବିଶାଳ ତିରଙ୍ଗା ରାଲିରେ ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ, ଏନ୍‌ସିସି, ସ୍କାଉଟ, ଗାଇଡ କ୍ୟାଡେଟ୍ ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ଉତ୍ସାହର ସହ ସାମିଲ ହୋଇଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ସମେତ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଜିଲ୍ଲାପାଳ ଆଦିତ୍ୟ ଗୋୟାଲ, ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ନାଥ ଶତପଥୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଡି ମୁରଲୀ କ୍ରିଷ୍ଣା ପ୍ରମୁଖ ସାମିଲ ହୋଇଥିଲେ।

**ପଦ୍ମପୁର:** ୮୦ତମ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି) ପ୍ରଶାସନ ପକ୍ଷରୁ "ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅଧୀନରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସହରରେ ଆନନ୍ଦ-ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଯାଇଛି। 'ସ୍ୱଚ୍ଛତା ସହିତ ସ୍ୱତନ୍ତ୍ରତାର ଉତ୍ସବ' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ୨୦୦ ମିଟର (ପ୍ରାୟ ୬୫୦ ଫୁଟ୍) ଲମ୍ବ ବିଶିଷ୍ଟ ଆକର୍ଷଣୀୟ ଜାତୀୟ ପତାକା ଶୋଭାଯାତ୍ରା ସମଗ୍ର ପଦ୍ମପୁର ସହର ପରିକ୍ରମା କରି ଦେଶପ୍ରେମର ଅପୂର୍ବ ଶିହରଣ ସୃଷ୍ଟି କରିଥିଲା। ଏହି ବିଶାଳ ଶୋଭାଯାତ୍ରାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଆର୍. ବି. ହାଇସ୍କୁଲ ଖେଳ ପଡ଼ିଆରୁ ବାହାରି ଏହି ସମାବେଶ ସହରର ପ୍ରମୁଖ କଚେରୀ ଛକ, ଥାନା ଛକ ରୁ ବଡ଼ବନ୍ଧ ରାସ୍ତା ଦେଇ ପୁନର୍ବାର ଆର୍. ବି. ହାଇସ୍କୁଲ ଖେଳ ପଡ଼ିଆରେ ପହଞ୍ଚି ଶେଷ ହୋଇଥିଲା। ଶୋଭାଯାତ୍ରା ପଥରେ ସହରର ବିଭିନ୍ନ ସ୍ଥାନରେ ପୂଜିତ ସମସ୍ତ ମହାନ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ପୂର୍ବକ ମାଲ୍ୟାର୍ପଣ କରାଯାଇଥିଲା। ଏହି ସ୍ମରଣୀୟ ଶୋଭାଯାତ୍ରାରେ ପଦ୍ମପୁରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ହଜାରେରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ, ଜନସାଧାରଣ ଓ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ୬୫୦ ଫୁଟ୍‌ର ବିଶାଳ ତ୍ରିରଙ୍ଗାକୁ ହାତରେ ଧରି ଭାରତ ମାତା କି ଜୟ ଓ 'ବନ୍ଦେ ମାତରମର ନାରା ଦେଇ ଛାତ୍ରଛାତ୍ରୀ ଓ ନାଗରିକମାନେ ଗଗନପବନ ମୁଖରିତ କରିଥିଲେ। ପଦ୍ମପୁର ଏନ୍‌ଏସି ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ, ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କ ସହ ପଦ୍ମପୁର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ସାଇବର କ୍ରାଇମ୍ ଉପରେ ଆଲୋଚନା

ବରଗଡ଼ ୧୧।୮ (ସମିସ): ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରିଦିବସୀୟ ଜୁନିଅର ରେଡକ୍ରସ ଶିବିରର ଦ୍ୱିତୀୟ ଦିବସରେ ଜିଲ୍ଲା ସାଇବର ସେଲ୍‌ଫ ପକ୍ଷରୁ ଅଧିକାରୀ ମଙ୍ଗଳ କିସ୍କୋ ଉପସ୍ଥିତ କାଉନସେଲରମାନଙ୍କୁ ସାଇବର କ୍ରାଇମ୍ ଓ ସୁରକ୍ଷା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ଅଧିକାରୀ ସୁରେଶ ବାରିକ୍, ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ନିଆଁକୁ କିପରି ଆୟତ୍ତ କରାଯାଇ ପାରିବ ତାହା କୌଶଳ ପ୍ରଦର୍ଶନ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିଷ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଦ୍ୱିତୀୟ ଦିବସରେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଯୋଗ ଦେଇ ରେଡକ୍ରସର ଲକ୍ଷ୍ୟ ଓ କାଉନସେଲରମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଜାତୀୟ ମୁଖ୍ୟ ପ୍ରଶିକ୍ଷକ ଡ ସତ୍ୟନାରାୟଣ ହୋତା ଓ ତାଙ୍କ ଟିମ୍ ଉପସ୍ଥିତ ରହି କିପରି ବିପର୍ଯ୍ୟୟ ପରିଚାଳନା କରାଯାଇ ପାରିବ ତାହା ପ୍ରଦର୍ଶନ କରିଥିଲେ। ଜିଲ୍ଲା ରେଡକ୍ରସ ଅଧିକାରୀ ହେମନ୍ତ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ସାହୁ, କିରଣ ବିଶ୍ୱାଳ, ମନୋହର ଦାଶ ପ୍ରମୁଖ ସାଧନ କର୍ମୀ ଉପସ୍ଥିତ ରହି ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୨୫ ତାରିଖ ସୁଦ୍ଧା ସୁପ୍ରିୟା ସ୍ମାରକୀ ଜିଲ୍ଲା ଅନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ପାଇଁ ଆବେଦନ

ବରଗଡ଼, ୧୧।୮ (ସମିସ): ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁପ୍ରିୟା ସ୍ମାରକୀ ଜିଲ୍ଲା ଅନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଖୁବ୍ ଶୀଘ୍ର ଆରମ୍ଭ ହେବ। ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା କ୍ଲବ୍, କ୍ରୀଡା ସଙ୍ଘ, ମହାବିଦ୍ୟାଳୟ ଗୁଡ଼ିକ ନିଜ ନିଜ ଦଳର ନାମ ନିର୍ଦ୍ଧାରିତ ପଞ୍ଜୀକରଣ ରାଶି ପ୍ରଦାନ କରି ୨୫ ତାରିଖ ମଧ୍ୟରେ ପଞ୍ଜୀକୃତ କରିନେବାକୁ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। ଖେଳାଳିମାନେ ବରଗଡ଼ ଜିଲ୍ଲାର ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଦେଇ ନିଜ ଦଳ ସହ ପଞ୍ଜୀକରଣ କରାଇ ନେବାକୁ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର ମିଶ୍ର ଓ ଫୁଟବଲ୍ ସମ୍ପାଦକ ସେକ ସବଦର୍ ଜଣାଇଛନ୍ତି। ଆବେଦନ ଶେଷ ତାରିଖ ଅଗଷ୍ଟ ୨୫ ରହିଛି।

## ଗୁଡ଼ିଆ ସମାଜର ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି

ବରଗଡ଼, ୧୧।୮ (ସମିସ): ଗଣେଶ ମନ୍ଦିର ସମ୍ମିଳନୀ କକ୍ଷରେ ଓଡ଼ିଶା ଗୁଡିଆ ସମାଜର କର୍ମକର୍ତ୍ତାଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷର ନୂଆଖାଇ ଭେଟଘାଟ ବିଷୟରେ ଆଲୋଚନା କରାଯାଇଛି। ସମ୍ପାଦକ ରଞ୍ଜିତ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସମସ୍ତ ସଦସ୍ୟଙ୍କ ମତ ଅନୁସାରେ ଏ ବର୍ଷ କାର୍ତ୍ତିକ ମାସରେ ପୁରୀରେ ନୂଆଖାଇ ଭେଟଘାଟ ପାଳନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ପୁରୀସ୍ଥିତ ସିଂହସ୍ଥାନ ମଧୁବୈଶ୍ୟ ସମାଜ ନୂଆଖାଇ ଭେଟଘାଟ ଆୟୋଜନ କରିବ। ବୈଠକରେ ସମ୍ପାଦକ ରଞ୍ଜିତ ସାହୁ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ସାହୁ, ମୁଖ୍ୟ ଉପଦେଷ୍ଟା ପ୍ରଭାତ ସାହୁ, ଯୁବ ସଙ୍ଗଠନ ସଭାପତି ସଞ୍ଜୀବ ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ସାହୁ, ଶାଳେଗ୍ରାମ ସାହୁ, ପିତବାସ ଟଣ୍ଡକାର, ଅର୍ଜୁନ ସାହୁ, ଦେବ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସଂସ୍କାର ସ୍କୁଲରେ ପ୍ରେରଣାଦାୟୀ ବକ୍ତୃତା କାର୍ଯ୍ୟକ୍ରମ



ବରଗଡ଼, ୧୧।୮ (ସମିସ): ସଂସ୍କାର ଇଣ୍ଟରନାସନାଲ ସ୍କୁଲରେ ଏକାଦଶ ଶ୍ରେଣୀରେ ନାଁ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣାଦାୟୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କାର ସ୍କୁଲର ଅଧ୍ୟକ୍ଷ କରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟ ପ୍ରକାଶ ଶତପଥୀ ଯୋଗ ଦେଇଥିଲେ। ପରୀକ୍ଷା ସମୟରେ ପିଲାମାନେ କିପରି ମାନସିକ ଚାପରେ ନ ରହିବେ ସେ ବିଷୟରେ ବର୍ଣ୍ଣନା କରିଥିଲେ। ବର୍ଷ ଆରମ୍ଭରୁ ପ୍ରସ୍ତୁତି ଓ ଶୃଙ୍ଖଳାଗତ ଢଙ୍ଗରେ ପାଠ ପଢ଼ିଲେ ଶେଷ ମୁହୂର୍ତ୍ତରେ ପରୀକ୍ଷା ପାଇଁ କୌଣସି ମାନସିକ ଚାପ ରହିବ ନାହିଁ ବୋଲି ସେ କହିଥିଲେ। ଏହାସହ ମାନସିକ ଚାପ ପାଇଁ ନିଜର ଦୈନନ୍ଦିନ ଜୀବନଶୈଳି, ଖାଦ୍ୟ ଓ ବ୍ୟାୟାମ କିପରି ଗୁରୁତ୍ୱପୂର୍ଣ୍ଣ ତାହା ମଧ୍ୟ ସେ ସୂଚନା ଦେଇଥିଲେ। ସଂସ୍କାର ଇଣ୍ଟରନାସନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାଓଡିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପରାୟଣଙ୍କ ବିୟୋଗ



ବରଗଡ଼, ୧୧।୮ (ସମିସ): ବରଗଡ଼ ବ୍ଲକ ଚକରେକେନ୍ଦ୍ର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ଭୋଇଙ୍କ ମାତା ଧର୍ମପରାୟଣ ମହିଳା ଚିତ୍ରା ଭୋଇ (୯୦)ଙ୍କ ପରଲୋକ ଘଟିଛି। ବଡ଼ ପୁଅ ସରୋଜ ମୁଖାଗ୍ନି ଦେଇଥିଲେ।

## ନିଜ ଉଦ୍ୟମରେ ପୋଲ ମରାମତି କଲେ ଗାଁ ଯୁବକ



ପାଇକମାଳ, ୧୧।୮ (ସମିସ): ଲଗାଣ ବର୍ଷା ଯୋଗୁଁ ମାଣ୍ଡୋସିଲ ପଞ୍ଚାୟତ ଭୁତମୁଣ୍ଡା-ଡୁମ୍ବେରବାହାଲ ରାସ୍ତାରେ ଥିବା ପୋଲ ଅତ୍ୟଧିକ ବର୍ଷାଜଳ ପ୍ରବାହରେ ଖାଲଖମା ହୋଇ ଯାତାୟାତ ପାଇଁ ବିପଦସଙ୍କୁଳ ହୋଇପଡ଼ିଥିଲା। ଏହା ଫଳରେ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ରୋଗୀ ଓ ସାଧାରଣ ଲୋକେ ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ସମୟ ଧରି ଏହି ସମସ୍ୟା ରହିଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ଏଥିପ୍ରତି ପଡ଼ି ନ ଥିଲା। ସ୍ଥାନୀୟ ଲୋକଙ୍କ ଏହି ଅସୁବିଧାକୁ ହୃଦୟଙ୍ଗମ କରି ଭୂତମୁଣ୍ଡା ଗାଁର ଯୁବକ ମନ୍ମଥ କୁମାର ମହାନ୍ତିଙ୍କ ନେତୃତ୍ୱରେ କେତେକ ଯୁବକ ଆଗେଇ ଆସିଥିଲେ। ଯୁବକ ଯଦୁମଣୀ ମାଝୀ, ପିଣ୍ଟୁ ପଟେଲ, ରାହୁଲ ନାଗ, ଚନ୍ଦ୍ର ମାଝୀ, ତୁଳାରାମ ଧରୁଆ ପ୍ରମୁଖ ସମସ୍ତେ ନିଜସ୍ୱ ଖର୍ଚ୍ଚରେ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରି ଶ୍ରମଦାନ ମାଧ୍ୟମରେ ପୋଲ ଓ ରାସ୍ତାର ଖାଲଖମା ମରାମତି କରିଥିଲେ। ଏହି କାର୍ଯ୍ୟରେ ସମିତି ସଭ୍ୟ ଗୁଲାମ୍ ରସୁଲ ରଙ୍ଗରେଜ ଓ ମେହବୁବ ସରବେୟା ମଧ୍ୟ ସହଯୋଗ କରିଥିଲେ।

## ଉପ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ କୃଷକ ସଂଗଠନର ନିନ୍ଦା

ପଦ୍ମପୁର, ୧୧।୮ (ସମିସ): ଓଡ଼ିଶାରେ ସାରର ଘୋର ସଙ୍କଟ ଓ ବ୍ୟାପକ କଳାବଜାର ଚାଲିଥିବା ରାଜବୋରାସମ୍ବର କୃଷକ ସଂଗଠନ ଅଭିଯୋଗ କରିଛି। ଏଭଳି ସମୟରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀଙ୍କ ମନ୍ତବ୍ୟ ଚାଷୀଙ୍କ ପାଇଁ କଟା ଘାରେ ଚୂନ ସଦୃଶ ବୋଲି ସଂଗଠନ କହିଛି। ସଂଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ କହିଛନ୍ତି ଯେ, ସରକାର ଚାଷୀଙ୍କୁ ଆବଶ୍ୟକ ସମୟରେ ଆବଶ୍ୟକ ମାତ୍ରାରେ ସାର ଯୋଗାଇବାରେ ବିଫଳ ହୋଇଛନ୍ତି। ଏହାସତ୍ତ୍ୱେ ସାର ସଙ୍କଟର ବାସ୍ତବତାକୁ ଲୁଚାଇବା ପାଇଁ ଚାଷୀ ସାର ନେଇ ଗଞ୍ଜେଇ ଚାଷରେ ବ୍ୟବହାର କରୁଛନ୍ତି ବୋଲି କହିବା ଦୁର୍ଭାଗ୍ୟଜନକ ବୋଲି ସେ ମତ ଦେଇଛନ୍ତି। ଚାଷୀଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ସାରର ସୁବ୍ୟବସ୍ଥିତ ଯୋଗାଣ ସହ କଳାବଜାର ରୋକିବାକୁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସଂଗଠନ ଦାବି କରିଛି। ମନ୍ତ୍ରୀଙ୍କ ମନ୍ତବ୍ୟକୁ ରାଜବୋରାସମ୍ବର କୃଷକ ସଂଗଠନ ପକ୍ଷରୁ ଘୋର ନିନ୍ଦା କରାଯାଇଛି।

## କ୍ରୀଷ୍ଣା ବିକାଶ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ ଓ ଏଆଇପିଏଚ୍ ୟୁନିଭର୍ସିଟି ମଧ୍ୟରେ ଚୁକ୍ତି



ବରଗଡ଼, ୧୧।୮ (ସମିସ): ବରଗଡ଼ସ୍ଥିତ କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ଏବଂ ଭୁବନେଶ୍ୱରସ୍ଥିତ ଏଆଇପିଏଚ ୟୁନିଭର୍ସିଟି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗତ ଓ କ୍ଲିନିକାଲ୍ ସହଭାଗିତା ସ୍ଥାପିତ ହୋଇଛି। ବରଗଡ଼ସ୍ଥିତ କ୍ରୀଷ୍ଣା ବିକାଶ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ ଅଡିଟୋରିୟମ୍‌ରେ ଉଭୟ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ଏମଓୟୁ ମାଧ୍ୟମରେ ସ୍ୱାସ୍ଥ୍ୟ ଶିକ୍ଷା, କ୍ଲିନିକାଲ୍ ଟ୍ରେନିଂ, ଗବେଷଣା, ନବସୃଜନ, ଫାକଲ୍ଟି ବିକାଶ ଏବଂ ସମୁଦାୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପାରସ୍ପରିକ ସହଯୋଗର ଏକ ଢାଞ୍ଚା ପ୍ରସ୍ତୁତ ହୋଇଛି। ଏହା ମାଧ୍ୟମରେ ଶିକ୍ଷାଗତ ଉତ୍କର୍ଷତା ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଏକାଠି କରିବାର ପ୍ରୟାସ କରାଯାଇଛି। ଭୁବନେଶ୍ୱରସ୍ଥିତ ଏଆଇପିଏଚ ୟୁନିଭର୍ସିଟି ସ୍ୱାସ୍ଥ୍ୟ ବିଜ୍ଞାନ, ପବ୍ଲିକ୍ ହେଲଥ୍ ଏବଂ ସମ୍ପର୍କିତ ବିଭିନ୍ନ ବିଷୟରେ ଶିକ୍ଷା, ଗବେଷଣା ଓ ବୃତ୍ତିଗତ ବିକାଶକୁ କେନ୍ଦ୍ର କରିଥିବା ଏକ ବହୁବିଷୟୀ ଶିକ୍ଷାନୁଷ୍ଠାନ। ଶିକ୍ଷାଗତ ଜ୍ଞାନ, ବ୍ୟବହାରିକ ଅଭିଜ୍ଞତା, ଗବେଷଣା ଏବଂ ଶିଳ୍ପଭିତ୍ତିକ ଶିକ୍ଷାର ସମନ୍ୱୟ ମାଧ୍ୟମରେ ଦକ୍ଷ ସ୍ୱାସ୍ଥ୍ୟସେବା ସୃଷ୍ଟି କରିବା ଏହାର ଲକ୍ଷ୍ୟ ଓ କ୍ରୀଷ୍ଣା ବିକାଶ ମଲ୍ଟିସେସିଆଲିଟି ହସ୍ପିଟାଲ ସହ ଏହି ସହଭାଗିତା ଛାତ୍ରଛାତ୍ରୀଙ୍କୁ ବାସ୍ତବ କ୍ଲିନିକାଲ୍ ପରିବେଶ ଓ ସ୍ୱାସ୍ଥ୍ୟସେବା ପ୍ରଚଳନ ସମ୍ପର୍କରେ ମୂଲ୍ୟବାନ ଅଭିଜ୍ଞତା ପ୍ରଦାନ କରିବ। ଏହି ସହଭାଗିତା ଅଧୀନରେ ଏଆଇପିଏଚ ୟୁନିଭର୍ସିଟିର ଯୋଗ୍ୟ ଛାତ୍ରଛାତ୍ରୀ ନର୍ସି, ଫିଜିଓଥେରାପି, ଫାର୍ମାସି, ଆଲାଇଡ୍ ହେଲଥ୍ ସାଇନ୍ସେସ୍, ପବ୍ଲିକ୍ ହେଲଥ୍, ହସ୍ପିଟାଲ ମ୍ୟାନେଜମେଣ୍ଟ ଏବଂ ବାୟୋଲଜିକାଲ୍ ସାଇନ୍ସେସ୍ ସମେତ ବିଭିନ୍ନ ବିଷୟରେ କ୍ଲିନିକାଲ୍ ଟ୍ରେନିଂ, ଇଣ୍ଟର୍ନଶିପ୍, ଅବଜରଭେସନ୍ ଏବଂ ବ୍ୟବହାରିକ ଅଭିଜ୍ଞତା ପାଇବାର ସୁଯୋଗ ପାଇବେ। ଏହି ସହଯୋଗ ମାଧ୍ୟମରେ ଅତିଥି ଅଧ୍ୟାପନା, ସ୍କିଲ୍ ଡେଭଲପମେଣ୍ଟ ପ୍ରୋଗ୍ରାମ, ସିମୁଲେସନ୍ ଭିତ୍ତିକ ଶିକ୍ଷା, ପାଠ୍ୟକ୍ରମର ଉନ୍ନତି, କ୍ଲିନିକାଲ୍ ଲର୍ଣ୍ଣିଂ ମଡ୍ୟୁଲ୍ ଏବଂ ହସ୍ପିଟାଲ ପରିଦର୍ଶନ ଭଳି କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ଏହା ଛାତ୍ରଛାତ୍ରୀଙ୍କୁ ବାସ୍ତବ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ଅଧିକ ଅଭିଜ୍ଞତା ପ୍ରଦାନ କରିବ। ଏହି ସହଭାଗିତାର ଏକ ପ୍ରମୁଖ ଦିଗ ହେଉଛି କ୍ଲିନିକାଲ୍ ଓ ପବ୍ଲିକ୍ ହେଲଥ୍ କ୍ଷେତ୍ରରେ ମିଳିତ ଗବେଷଣା। ଏଥିରେ ବହୁବିଷୟୀ ଗବେଷଣା ପ୍ରକଳ୍ପ, ଛାତ୍ରଛାତ୍ରୀ ଓ ଫାକଲ୍ଟି ଗବେଷଣା, ପ୍ରମାଣଭିତ୍ତିକ ସ୍ୱାସ୍ଥ୍ୟସେବା ଅଧ୍ୟୟନ, ଗବେଷଣା ପ୍ରକାଶନ ଏବଂ ନବସୃଜନ ସାମିଲ ରହିବ। ଏମଓୟୁ ମାଧ୍ୟମରେ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ, କଣ୍ଟିନ୍ୟୁଇଂ ମେଡିକାଲ୍ ଏଜୁକେସନ୍, କଣ୍ଟିନ୍ୟୁଇଂ ନର୍ସିଂ ଏଜୁକେସନ୍, ହ୍ୟାଣ୍ଡସ୍-ଅନ୍ ଟ୍ରେନିଂ, କ୍ଲିନିକାଲ୍ ସ୍କିଲ୍ ଉନ୍ନତି ଏବଂ ରିସର୍ଚ୍ଚ ମେଥଡୋଲୋଜି ଭଳି କାର୍ଯ୍ୟକ୍ରମ ସହିତ ଫ୍ୟାକଲ୍ଟି ଓ ବିଶେଷଜ୍ଞଙ୍କ ଆଦାନପ୍ରଦାନର ସୁଯୋଗ ମଧ୍ୟ ସୃଷ୍ଟି ହେବ। ଏହି ସହଭାଗିତା ସ୍ୱାସ୍ଥ୍ୟ ଶିବିର, ସମୁଦାୟ ସଚେତନତା କାର୍ଯ୍ୟକ୍ରମ, ସ୍କ୍ରିନିଂ ପ୍ରୋଗ୍ରାମ, ସଚେତନତା ଅଭିଯାନ, ବୈଜ୍ଞାନିକ ସମ୍ମିଳନୀ ଏବଂ କ୍ୟାରିୟର ଗାଇଡେନ୍ସ ପ୍ରୋଗ୍ରାମ ଆୟୋଜନକୁ ମଧ୍ୟ ସମର୍ଥନ କରିବ। ଏହା ମାଧ୍ୟମରେ ସମୁଦାୟ ସ୍ୱାସ୍ଥ୍ୟ ଓ ବୃତ୍ତିଗତ ବିକାଶ ପ୍ରତି ଉଭୟ ପ୍ରତିଷ୍ଠାନର ସମାନ ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି। ସମାରୋହର ମୁଖ୍ୟ ଆକର୍ଷଣ ସମାରୋହର ଆରମ୍ଭରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ନିର୍ଦ୍ଦେଶକ ଡା. ସମରେନ୍ଦ୍ର ନାଥ ପଣ୍ଡା ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରି ଶିକ୍ଷାଗତ ଜ୍ଞାନ ଓ କ୍ଲିନିକାଲ୍ ଅଭ୍ୟାସ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଆଇପିଏଚ ୟୁନିଭର୍ସିଟିର ଉପକୁଳପତି ଡା. ଉଷା ଅଗ୍ରୱାଲ, କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡି. ମୁରଲୀ କ୍ରୀଷ୍ଣା ଏହି ସହଭାଗିତା ସମ୍ପର୍କରେ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ଶିକ୍ଷାଗତ ଜ୍ଞାନକୁ କ୍ଲିନିକାଲ୍ ଅଭିଜ୍ଞତା ସହ ଏକୀଭୂତ କରି ଦକ୍ଷ ସ୍ୱାସ୍ଥ୍ୟସେବା କର୍ମଶକ୍ତି ଗଠନ କରିବାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସା ପ୍ରଶାସନିକ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ କ୍ରୀଷ୍ଣା ବିକାଶ ହସ୍ପିଟାଲ୍ସର ସିଇଓ ଡା. ସିଏଚ୍. ରବି କୁମାର, କ୍ରୀଷ୍ଣା ବିକାଶ ମଲ୍ଟିସ୍ପେସିଆଲିଟି ହସ୍ପିଟାଲର ମେଡିକାଲ୍ ଡାଇରେକ୍ଟର ଡା. ହିମାଂଶୁ ମିଶ୍ର, କର୍କଟ ରୋଗ ବିଶେଷଜ୍ଞ ଡା. ଭାରତ ଚନ୍ଦ୍ର ମିଶ୍ର, କନସଲଟାଣ୍ଟ ଜେନେରାଲ୍ ଏବଂ ଲାପାରୋସ୍କୋପିକ୍ ସର୍ଜନ୍ ଡା. ସୁଶାନ୍ତ ମେହେର, ମାଇକ୍ରୋବାୟୋଲୋଜି ବିଭାଗର ଡା. ଗୀତାରାଣୀ ପୁରୋହିତ ଏବଂ ପାଥୋଲୋଜି ବିଭାଗର ଡା. ୱାଜିଦ୍ ମିସବାହୁଦ୍ଦିନ୍ ଉପସ୍ଥିତ ଥିଲେ। କ୍ରୀଷ୍ଣା ବିକାଶ ହସ୍ପିଟାଲ୍‌ସର ଜିଏମ ଦେବଜାନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓକିଲ ସଂଘ ସଭାପତିଙ୍କ ଉପରେ ଆକ୍ରମଣର ପ୍ରତିବାଦ

# ଏସ୍‌ପିଙ୍କୁ ଭେଟିଲେ ଆଇନଜୀବୀ


ବରଗଡ଼, ୧୧।୮ (ସମିସ)



ବରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ ଓ ଜଣେ ବରିଷ୍ଠ ଆଇନଜୀବୀଙ୍କ ଉପରେ ଗତ ୬ ତାରିଖରେ ହୋଇଥିବା ମରଣାଥକ ଆକ୍ରମଣକୁ ନେଇ ଜିଲ୍ଲା ଓକିଲ ସଂଘ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ସଂଘ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଛି। ବରଗଡ଼ ସହରରେ ବେଆଇନ ଡ୍ରଗ୍ସ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର କାରବାରକୁ ଦୃଢ଼ ହସ୍ତରେ ଦମନ କରିବା, ନିଶା ବିକ୍ରି କରୁଥିବା ଦୋକାନ ଓ ସ୍ଥାନଗୁଡ଼ିକରେ ଚଢ଼ଉ କରି ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ବରଗଡ଼ କୋର୍ଟ ପରିସରରେ ଏକ ପୋଲିସ ଫାଣ୍ଡି ସ୍ଥାପନ କରିବା ସହ ଏହା ସ୍ଥାପିତ ହେବା ପର୍ଯ୍ୟନ୍ତ ସିଭିଲ କୋର୍ଟ ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ନିୟମିତ ସୁରକ୍ଷାକର୍ମୀ ମୁତୟନ କରିବାକୁ ଦାବି ହୋଇଛି। କଚେରୀ ପ୍ରାଙ୍ଗଣ ସମେତ ସମସ୍ତ ସମ୍ବେଦନଶୀଳ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ସକ୍ରିୟ କରିବାକୁ ମଧ୍ୟ ସଂଘ ଦାବି କରିଛି। ଦେଶର ବିଭିନ୍ନ ସ୍ଥାନରେ ଆଇନଜୀବୀଙ୍କ ଉପରେ ଆକ୍ରମଣ ଘଟୁଥିବାରୁ ଓକିଲମାନଙ୍କ ସୁରକ୍ଷା ପାଇଁ ଓକିଲ ସୁରକ୍ଷା ଆଇନ ବିଲ୍ ଶୀଘ୍ର ବିଧାନସଭାରେ ଉପସ୍ଥାପନ କରିବାକୁ ଦାବି ହୋଇଛି। ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସାଧା ପୋଷାକରେ ଦକ୍ଷ ପୁଲିସ କର୍ମଚାରୀ ମୁତୟନ କରିବା ସହ ଦିନ ଓ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରାଯାଇଛି। ଗାନ୍ଧୀ ଛକ, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ, ଏସ୍‌ପି ଅଫିସ ଛକ, ଭଟଲି ଛକ, ଥାନା ଛକ, କଚେରୀ ଛକ, କାଳୀମନ୍ଦିର ଛକ ଓ ଲେଙ୍ଗୁମିଶ୍ର ଛକ ଆଦି ସ୍ଥାନରେ ରାତି ୯ଟା ପର୍ଯ୍ୟନ୍ତ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରିବା ସହ ସହର ଭିତରେ ଦୁଇଚକିଆ ଓ ତିନିଚକିଆ ଯାନର ଗତି ନିୟନ୍ତ୍ରଣ କରିବାକୁ ଦାବି ହୋଇଛି। ବିଭିନ୍ନ ଥାନା ଓ ଫାଣ୍ଡିରେ କାର୍ଯ୍ୟରତ କେତେକ ପୁଲିସ କର୍ମଚାରୀଙ୍କ ବିରୋଧରେ ମାଦକଦ୍ରବ୍ୟ ସେବନ ସମ୍ପର୍କିତ ଅଭିଯୋଗ ଥିବା ଦାବି କରି ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ବିଭାଗୀୟ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ଏଥିସହ ବେଆଇନ ଡ୍ରଗ୍ସ କାରବାରରେ ଯେକୌଣସି ବ୍ୟକ୍ତି କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିଲେ ନିରପେକ୍ଷ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନଡିପିଏସ ଆଇନ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାରେ ଜାରି ହୋଇଥିବା ଗିରଫଦାରୀ ପରୱାନାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରିଛି। ଏଥିସହ ବରଗଡ଼ ଓକିଲ ସଂଘ ସଭାପତି ଓ ବରିଷ୍ଠ ଆଇନଜୀବୀଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ପୋଲିସ ତଦନ୍ତ ତ୍ୱରାନ୍ୱିତ କରି ୧୫ ଦିନ ମଧ୍ୟରେ ଚାର୍ଜସିଟ୍ ସମେତ ଆବଶ୍ୟକ ପୋଲିସ କାଗଜପତ୍ର କୋର୍ଟରେ ଦାଖଲ କରିବାକୁ ଦାବି ହୋଇଛି। ଆଣ୍ଟି-ଡ୍ରଗ୍ସ ଅଭିଯାନ ସମ୍ପର୍କିତ ସରକାରୀ ଟୋଲ୍-ଫ୍ରି ନମ୍ବର ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହ ଡ୍ରଗ୍ସ କାରବାର ଓ ଅପରାଧ ସମ୍ପର୍କିତ ଅଭିଯୋଗ ମିଳିବା ମାତ୍ରେ ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି। ସହରର ବିଭିନ୍ନ ତଳି ଅଞ୍ଚଳ ଓ ବସ୍ତିରେ ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବା ଅଭିଯୋଗ ଥିବାରୁ ଆଇନ ଅନୁଯାୟୀ ଯାଞ୍ଚ ଓ ତଲାସି କରି ଅପରାଧୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ଜିଲ୍ଲା ଓକିଲ ସଂଘ ପକ୍ଷରୁ ଉପସ୍ଥାପିତ ଏହି ସବୁ ଦାବିକୁ ଆଗାମୀ ୧୫ ଦିନ ମଧ୍ୟରେ କାର୍ଯ୍ୟକାରୀ କରି ଆଇନଜୀବୀ ଓ ସାଧାରଣ ଜନତାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ଅନୁରୋଧ କରାଯାଇଛି। ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ସମୟରେ ବରଗଡ଼ ଓକିଲ ସଂଘ ସଭାପତି ଭିଷ୍ମଦେବ ସରାଫ, ଉପସଭାପତି ଉତ୍ତର ସାହୁ, ସମ୍ପାଦକ ହରିହର ସାହୁ, ସହ ସମ୍ପାଦକ ବୈକୁଣ୍ଠ ନାଥ, ସହ ସମ୍ପାଦକ ଟି ପ୍ରସାଦ ଷଡଙ୍ଗୀ, କାର୍ଯ୍ୟକାରୀ ସଭ୍ୟ କିଶୋର ଚନ୍ଦ୍ର ଦାଶ, ସନ୍ତୋଷ ଦାଶ, ଲିପସିତ ମିଶ୍ର, ସନକ ଦାଶ, ଅଧିକାରୀ ପ୍ରଧାନ, ଅମିତ ନାଏକ, ପରେଶ ନାଏକ, ଶଙ୍କରଶଣ ମିଶ୍ର, ପ୍ରଦୀପ ମହାପାତ୍ର, ଶରତ ଚନ୍ଦ୍ର ମେହେର, ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ଓକିଲ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଭାଙ୍ଗମୁଣ୍ଡାରେ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି

ଗାଇସିଲେଟ, ୧୧।୮ (ସମିସ): ଜଗଲପାଟ ପଞ୍ଚାୟତର ଭାଙ୍ଗମୁଣ୍ଡା ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଦାବି ଜୋର୍ ଧରିଛି। ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ ଓ ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଗ୍ରାମର ସଭାପତି ବିପିନ ସାହୁ, ୱାର୍ଡ ସଭ୍ୟ ସୁଦାମ ଧରୁଆ, ଭାଗୀରଥି ଦୀପ, ରଜନୀକାନ୍ତ ସାହୁ, କୃଷ୍ଣଚନ୍ଦ୍ର ସାହୁ, ପଦ୍ମନ ସାହୁ, ସାଧୁଚରଣ ସାହୁ, ଯୋଗେଶ୍ୱର ସାହୁ, ସୁଦାମ ଚରଣ ସାହୁ, ଯୁଧିଷ୍ଠିର ସାହୁ, ସୁବଳୟା ବେହେରା, ଭୀମ ସାହୁ, ଗଜପତି ସାହୁ ପ୍ରମୁଖ ବ୍ଲକ ଶିକ୍ଷା ଅଧିକାରୀ ଓ ତହସିଲଦାରଙ୍କୁ ଭେଟି ଦାବି ଜଣାଇଥିଲେ।



## ୩୦ ୟୁନିଟ୍ ରକ୍ତ ସଂଗ୍ରହ

ଅମ୍ବାଭୋନା, ୧୧।୮ (ସମିସ): ଲଖନପୁରର ରିତା ବେହେରା (୩୬)ଙ୍କ ଗଙ୍ଗାଶ୍ରାଦ୍ଧରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ଆୟୋଜନ କରିଥଲା। ଜଣେ ମହିଳା ଓ ୨୯ ଜଣ ପୁରୁଷ ରକ୍ତଦାନ କରିଥିଲେ। ଅଜିତ ପତି, ଆଲୋକ ପାଧନ୍, ରବୀନ୍ଦ୍ର ପାଧନ୍, ଯୋଗେଶ ପାଣ୍ଡେ, ଯତୀନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



# ଭଙ୍ଗାମାଟି ଘରେ ବିତୁଛି ଜୀବନ

ଥୁଆମୂଳ ରାମପୁର,୧୧।୮ (ସମିସ)

ସରକାରୀ ଯୋଜନା ଗରିବ, ଅସହାୟ ଓ ନିରାଶ୍ରୟଙ୍କ ପାଇଁ ଉଦ୍ଦିଷ୍ଟ। ହେଲେ ବାସ୍ତବଚିତ୍ର ଅନେକ ସମୟରେ ଏହାର ବିପରୀତ। ଏହାର ଏକ ଦୁଃଖଦ ଚିତ୍ର କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକର କୁମୁଡାବାହାଲ ଗ୍ରାମରୁ ସାମ୍ନାକୁ ଆସିଛି। ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତ ଅଧୀନ କୁମୁଡାବାହାଲ ଗ୍ରାମର ବିଧବା ବୃଦ୍ଧା ମୁଳା ନାଏକ, ସ୍ୱାମୀ ସ୍ୱର୍ଗତ ବୀର ନାଏକଙ୍କ ପରିବାର ଏବେ ଭଙ୍ଗାଦଦରା ଚାଳମାଟି ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଗୋଟିଏ ଘରେ ଦୁଇ ପୁଅଙ୍କ ପରିବାର ସହ ବୃଦ୍ଧା ମୁଳାଙ୍କ ଜୀବନ ନିର୍ଭରଶୀଳ ହୋଇରହିଛି। ଏହି ଘରେ ବଡ଼ପୁଅ ତୁଳସୀରାମ ନାଏକ, ବୋହୂ ସୂର୍ଯ୍ୟ ନାଏକ ଓ ସେମାନଙ୍କର ଚାରି ଛୁଆ ବସବାସ



କରୁଛନ୍ତି। ସେହିପରି ସାନପୁଅ ଭୁପେନ୍ଦ୍ର ନାଏକ, ବୋହୂ ଲତା ଓ ସେମାନଙ୍କର ଚାରି ଛୁଆ ମଧ୍ୟ ଏହି ଘରେ ରହୁଛନ୍ତି। ଘରର ଅବସ୍ଥା ଏତେ ଜରାଜୀର୍ଣ୍ଣ ଯେ, ପରିବାର ପାଇଁ ଏହା ସୁରକ୍ଷିତ ଆଶ୍ରୟସ୍ଥଳ ହୋଇ ରହିନାହିଁ। ସୂଚନା ଅନୁସାରେ, ବଡ଼ପୁଅ ତୁଳସୀରାମ ନାଏକ ଗାଁ ଲୋକଙ୍କ ଗାଈଗୋରୁ ଚରାଇ ଯେତିକି ରୋଜଗାର କରୁଛନ୍ତି, ସେଥିରେ ନିଜ ପରିବାରର ଭରଣପୋଷଣ କରୁଛନ୍ତି। ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଭଙ୍ଗା ଘରର ମରାମତି କରିବା ମଧ୍ୟ ତାଙ୍କ ପାଇଁ ସମ୍ଭବ ହେଉନାହିଁ। ଅନ୍ୟପଟେ ସାନପୁଅ ଭୁପେନ୍ଦ୍ର ନାଏକ ପରିବାରର ଭରଣପୋଷଣ ପାଇଁ କେରଳ ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ନିଜ ଗାଁରେ ରୋଜଗାରର ସୁଯୋଗ ନଥିବାରୁ ଦୂର ରାଜ୍ୟକୁ ଯାଇ ଶ୍ରମ କରିବାକୁ ପଡୁଥିବା କୁହାଯାଇଛି। ସେମାନେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଭଙ୍ଗା ଚାଳମାଟି ଘର ହିଁ ସେମାନଙ୍କର ଏକମାତ୍ର ଆଶ୍ରୟ। ବର୍ଷା ଓ ଅନ୍ୟ ପ୍ରାକୃତିକ ପରିସ୍ଥିତି ସମୟରେ ଏହି ଘରେ ପରିବାରର ସୁରକ୍ଷା ନେଇ ମଧ୍ୟ ଚିନ୍ତା ରହିଛି।

ସାନପୁଅଙ୍କ ପରିବାର କେବଳ ଘର ନୁହେଁ, ଖାଦ୍ୟସୁରକ୍ଷା ଯୋଜନାର ସୁବିଧା ପାଉନଥିବା ପରିବାର ପକ୍ଷରୁ ଅଭିଯୋଗ ଆସିଛି। ସବୁଠାରୁ ଅଧିକ ଦୁଃଖଦ ଦିଗ ହେଉଛି ବୃଦ୍ଧା ମୁଳା ନାଏକଙ୍କ ସ୍ଥିତି। ସ୍ୱାମୀ ସ୍ୱର୍ଗତ ବୀର ନାଏକଙ୍କୁ ହରାଇବାର ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ମୁଳାଙ୍କୁ ନା ବାର୍ଦ୍ଧକ୍ୟ ଭତ୍ତା ନା ବିଧବା ଭତ୍ତା କୌଣସି ସୁବିଧା ମିଳୁ ନ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ବୟସର ଅପରାହ୍ଣରେ ସ୍ୱାମୀଙ୍କୁ ହରାଇଥିବା ମୁଳା ଏବେ ନିଜ ଦୁଇ ପୁଅଙ୍କ ପରିବାର ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ଯଦି ସରକାରୀ ସାମାଜିକ ସୁରକ୍ଷା ଯୋଜନାର ସହାୟତା ମଧ୍ୟ ନମିଳେ, ତେବେ ଏହି ବୃଦ୍ଧାଙ୍କ ଜୀବନ ଆହୁରି ଦୁର୍ବିଷହ ହୋଇପଡୁଥିବା ଦେଖାଯାଉଛି। ତେଣୁ କୁମୁଡାବାହାଲ ଗ୍ରାମର ମୁଳା ନାଏକଙ୍କ ପରିବାରର ବାସ୍ତବ ସ୍ଥିତିର ତୁରନ୍ତ ତଦନ୍ତ କରି ଯୋଗ୍ୟତା ଅନୁସାରେ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ଏବଂ ବୃଦ୍ଧାଙ୍କୁ ବିଧବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବାରପୁଡୁଗିଆ ଶିବ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ



ବଲାଙ୍ଗିର,୧୧।୮ (ସମିସ): ବଲାଙ୍ଗିର ସଦର ବ୍ଲକ୍ ଅଧୀନ ବାରପୁଡୁଗିଆସ୍ଥିତ ଶିବ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଲାଗି ଶିଳାନ୍ୟାସ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ କଳିକେଶ ସିଂହଦେଓ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଗୋଲାପ ବାଗ, ସଂସ୍କୃତ ଗବେଷକ ଡ. ସୁରେଶ ଚନ୍ଦ୍ର ଷଡଙ୍ଗୀ, ନିମାଇଁ ଚରଣ ପାଣିଗ୍ରାହୀ, ଜୟକୃଷ୍ଣ ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ସମିତି ସଭ୍ୟ ଶକୁନ୍ତଳା କାଲସାଏ, ପ୍ରଦ୍ୟୁମ୍ନ ହୋତା, ସମିତି ସଭ୍ୟ, କୈଳାସ ମହାନ୍ତି ଓ ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ସଦାନନ୍ଦ ମହଲା, ପରମେଶ୍ୱର ନାଏକ, ସନ୍ତୋଷ ନାରାୟଣ ମିଶ୍ର, ଲବ ବାଗ, ସଞ୍ଜୟ ନାଏକ, ବିଶ୍ୱରାଜ ସାଏ, ଚୈତନ୍ୟ ସା, ଘାସିରାମ ଭୋଇ, ଗିରିଧାରୀ କାଲସାଏ, ଗଦନ ସାହୁ, ରମେଶ ମହଲା, ଅନିଲ ସେଠ୍, ରିଙ୍କୁ ନାଏକ, ବଳରାମ ନାହାକ, ଭରତ ବରିହା, ରାଜୀବ ସାହୁ, କୃଷ୍ଣଚନ୍ଦ୍ର ମାହାର ଓ ଶଙ୍କର ଜାଲଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କ ପକ୍ଷରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏକ ମିନି ଷ୍ଟାଡିୟମ, ଲାଇବ୍ରେରୀ ହଲ୍, କମ୍ପ୍ୟୁଟର ଶିକ୍ଷା ଏବଂ ବେଞ୍ଚଡେସ୍କ ବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ନେବାକୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ହରଭଙ୍ଗା ବ୍ଲକ୍‌ରେ ୧୧୬ ଅଭିଯୋଗ ଶୁଣାଣି

ହରଭଙ୍ଗା,୧୧।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ସ୍ୱାସ୍ଥ୍ୟ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମହେନ୍ଦ୍ର ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ମୋଟ ୧୧୬ଟି ଅଭିଯୋଗ ମଧ୍ୟରୁ ୧୧୨ଟି ବ୍ୟକ୍ତିଗତ ଏବଂ ୪ଟି ଗୋଷ୍ଠୀଗତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୬ଟି ଅଭିଯୋଗ ସମାଧାନ କରାଯାଇଥଲା। ଅନ୍ୟାନ୍ୟ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବର୍ଷା ଋତୁକୁ ଦୃଷ୍ଟିରେ ରଖି ଭଙ୍ଗା ଘର, ରାସ୍ତା ମରାମତି, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ୬ ଜଣ ଅସହାୟ ବ୍ୟକ୍ତିଙ୍କୁ ମୋଟ ୨୭ ହଜାର ଟଙ୍କା ତତ୍କାଳୀନ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ହରଭଙ୍ଗା ବିଡିଓ ତଥା ତହସିଲଦାର କର୍ଣ୍ଣ ସୁନା, ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ, ବ୍ଲକ୍‌ର ସମସ୍ତ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ବ୍ଲକ୍‌ସ୍ତରୀୟ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ।

## ଦ୍ୱିତୀୟ ସୋମବାରରେ ଜଳଲାଗି ପାଇଁ କାଉଡିଆଙ୍କ ଭିଡ

ବୌଦ୍ଧ,୧୧।୮ (ସମିସ): ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ବୌଦ୍ଧସହରର ବାବା ଚନ୍ଦ୍ରଚୁଡ, ବାବା ମାତଙ୍ଗେଶ୍ୱର ଏବଂ ବାବା ରାମେଶ୍ୱରଙ୍କ ପୀଠରେ ଜଳଲାଗି ପାଇଁ କାଉଡିଆଙ୍କ ଭିଡ ଲାଗିଥିଲା। ପ୍ରାତଃ ୪ଟାରୁ କାଉଡିଆମାନେ ବାବାଙ୍କ ନାମ ସ୍ମରଣ କରି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଥିଲା। କାଉଡିଆମାନେ ବହୁ ଦୂର ସ୍ଥାନରୁ ଆସି ବାବାଙ୍କଠାରେ ଜଳଲାଗି କରି ପୂଜାର୍ଚ୍ଚନା କରିଥିଲେ।

## ବୌଦ୍ଧ ଜିଲ୍ଲା ନାଗରିକ କମିଟିର ବୈଠକ

ବୌଦ୍ଧ,୧୧।୮ (ସମିସ): ସନ୍ଧ୍ୟାରେ ସ୍ଥାନୀୟ ମାଉସୀମା ମନ୍ଦିର ପରିସରରେ ବୌଦ୍ଧ ଜିଲ୍ଲା ନାଗରିକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ବିଶ୍ୱେଶ୍ୱର ପୃଷ୍ଟି ଅକ୍ଷତା କରିଥିଲେ। ବୌଦ୍ଧ ଜିଲ୍ଲାର ବିକାଶ କ୍ଷେତ୍ରରେ ଅଗ୍ରଗତି ହୋଇପାରୁ ନ ଥିବାରୁ ନାଗରିକ କମିଟି ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା।। ଜୁଲାଇ ୧୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ କମିଟି ତରଫରୁ ବୌଦ୍ଧ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ଗଣଧାରଣା ଦିଆଯାଇଥିଲା। ଇତିମଧ୍ୟରେ ଏକ ମାସ ବିତିଯାଇଥିଲେ ବି ଦାବି ପୂରଣ ହୋଇପାରିଲାନି। ଜୁଲାଇ ୧୪ ତାରିଖରେ ଜିଲ୍ଲାପାଳଙ୍କ ସହ ଏକ ନାଗରିକ କମିଟିର ଏକ ପ୍ରତିନିଧି ଦଳ ୩ଟି ପ୍ରମୁଖ ଦାବି ଯଥା ଜିଲ୍ଲାସଂଗ୍ରହାଳୟର ସୁରକ୍ଷା ଓ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନୂତନ କୋଠାକୁ ସ୍ଥାନାନ୍ତର ଓ ପାତାଳିଶ୍ରୀକ୍ଷେତ୍ର ନାୟକପଡାର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ। ଏସବୁ ସମସ୍ୟା ସମାଧାନ ନେଇ ପ୍ରଶାସନ ପକ୍ଷରୁ ସହମତି ପ୍ରକାଶ ପାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସଂପାଦକ ଶ୍ରୀ ପୃଷ୍ଟି କହିବାନୁଯାୟୀ ଜିଲ୍ଲାର ଦୁଇ ବିଧାୟକଙ୍କ ସହ ବହୁବାର ପ୍ରତ୍ୟକ୍ଷ ତଥା ଫୋନ ଯୋଗେ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗଣଧାରଣା ଦିଆଯାଇଥିଲା। ନିର୍ବାଚିତ ଜନପ୍ରତିନିଧିଙ୍କ ଉଦାସୀନତା ସହିତ ଜିଲ୍ଲାର ମୁଖ୍ୟ ପ୍ରଶାସକଙ୍କ କଥା କେହି ଶୁଣୁ ନ ଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ପୁଣିଥରେ ନିର୍ବାଚିତ ପ୍ରତିନିଧିଙ୍କୁ ଜଣାଇ ଦିଆଯିବା ସହ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରି ଆଲୋଚନା କରାଯିବ। କୌଣସି ସଫଳ ନ ମିଳିଲେ ନାଗରିକ କମିଟି ତରଫରୁ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ତେରେସିଂହା ହାଟରେ ଜମୁଛି ବର୍ଷାପାଣି

ଭବାନୀପାଟଣା,୧୧।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଧୀନ ତେରେସିଂହା ଗ୍ରାମର ସାପ୍ତାହିକ ମଙ୍ଗଳବାର ବଜାରରେ ପାଣି ଜମୁଥିବା ଦେଖିବାକୁ ମିଳିଛି। ବଜାର ପାଇଁ ପିଣ୍ଡିର ବ୍ୟବସ୍ଥା ହୋଇ ଥିଲେ ହେଁ ସମସ୍ତ ବ୍ୟବସାୟୀଙ୍କ ପାଇଁ ହୋଇନାହିଁ। ଯାହାଦ୍ୱାରା ବ୍ୟବସାୟୀମାନେ ତଳେ ବସିବାକୁ ବାଧ ହୋଇଥାନ୍ତି। କିନ୍ତୁ, ଦୁଃଖର ବିଷୟ ସାମାନ୍ୟ ବର୍ଷାହେଲେ ଏଠାରେ ଆଣ୍ଠୁଏ ପାଣି ଜମୁଥିବାରୁ ଅନେକ ସମୟରେ ବ୍ୟବସାୟୀ ଓ ଗ୍ରାହକ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଗତ କିଛିଦିନ ତଳେ ପାଣି ଜମୁଥିବା ସ୍ଥାନରେ କଂକ୍ରିଟ କାମ ହୋଇଥିଲେ ହେଁ ପୂର୍ବପରି ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ସମସ୍ୟା ର ସମାଧାନ କରିବାକୁ ଜନସାଧାରଣରେ ଦାବି ହେଉଛି।



## ସହାୟତା ପାଇଲେ ସବିତା



ଖଡ଼ିଆଳ,୧୧।୮ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଏନ୍‌ଏସିର ୨ ନମ୍ବର ୱାର୍ଡରେ ଦୟନୀୟ ଅବସ୍ଥାରେ ପଲିଥିନ ଢଙ୍କାଘରେ ଦୁଇ ଛୁଆଙ୍କ ସହ ରହୁଥିବା ସବିତା ବଞ୍ଜାରିଙ୍କୁ ମିଳିଛି ସହାୟତା। ସବିତାଙ୍କ ସ୍ୱାମୀ ବିଶାଲ ତାଣ୍ଡି ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଏବଂ ପରିବାରର ଦୟନୀୟ ସ୍ଥିତି ସମ୍ପର୍କରେ ଗତ କିଛିଦିନ ତଳେ ଖବର ପ୍ରସାରଣ ହୋଇଥିଲା। ଏହି ଖବର ପ୍ରସାରଣ ପରେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା ଓ ଏନଏସିଇଓ ସ୍ୱାଧୀନ କେତନ ମହାରଣା ସୋମବାର ସବିତାଙ୍କ ଘରେ ପହଞ୍ଚି ତାଙ୍କୁ ରାସନକାର୍ଡ ପ୍ରଦାନ କରିବା ସହ ରାସନସାମଗ୍ରୀ ଯୋଗାଇ ଦେଇଥିଲେ। ସେହିପରି ନଗରପାଳ ଶ୍ରୀ ଗୁପ୍ତା ବ୍ୟକ୍ତିଗତ ଭାବେ ସବିତାଙ୍କ ସ୍ୱାମୀ ବିଶାଲ ତାଣ୍ଡିଙ୍କ ଚିକିତ୍ସା ପାଇଁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ଆଗାମୀ ଗୋଟିଏ ମାସ ମଧ୍ୟରେ ସବିତାଙ୍କୁ ଏକ ଘର ଯୋଗାଇ ଦିଆଯିବ ବୋଲି ନଗରପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ବୈଠକ



ବୌଦ୍ଧ,୧୧।୮ (ସମିସ): ସ୍ଥାନୀୟ କର୍ମଚାରୀ ଭବନରେ ଓଡ଼ିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ସାମ୍ବିଧାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜିତେନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକ ଆରମ୍ଭରେ ଓଷ୍ଟାର ସଦସ୍ୟ ନବକିଶୋର ଦୀପ ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦକ ତାପସ ମିଶ୍ର, ଉପଦେଷ୍ଟା ସାଧୁ ଚରଣ ଦେହୁରୀ, କାର୍ଯକାରୀ ସଭାପତି ଶମ୍ଭୁ ଗିରି, ଉପସଭାପତି ସଞ୍ଜୀବ ପଣ୍ଡା, ଅନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କୃମିନାଶକ ଦିବସ ପାଳିତ



ବୌଦ୍ଧ,୧୧।୮ (ସମିସ): ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ତ୍ରିପାଠୀଙ୍କ ସମେତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଅମିତାଭ ଦାଶ, ଡାକ୍ତର ଶାନ୍ତା ନିବେଦିତା, ଗାୟତ୍ରୀ ସାହୁ, ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଗୋଲାମୁଣ୍ଡା:** ଜାତୀୟ କୃମି ଦିବସ ଅବସରରେ ସୋମବାର ବ୍ଲକର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ କୃମିନାଶକ ଔଷଧ ଖୁଆଇବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ଓ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧ ରୁ ୫ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ଆଲବେଣ୍ଡାଜୋଲ ଔଷଧ ସେବନ କରାଯାଇଥିଲା। ଯେଉଁ ଶିଶୁମାନେ ସେଦିନ ଅନୁପସ୍ଥିତ ଥିଲେ ସେମାନଙ୍କୁ ଆସନ୍ତା ମପ-ଅପ୍ ଦିବସ ଅର୍ଥାତ୍ ଆସନ୍ତା ୧୭ ତାରିଖରେ ଔଷଧ ଖୁଆଇବାର ବ୍ୟବସ୍ଥା କରାଯାଇଛି। ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀମାନେ ଘର ଘର ବୁଲି ଅଭିଭାବକଙ୍କୁ ସଚେତନ କରିଥିଲେ। କୃମି ସଂକ୍ରମଣ ଯୋଗୁଁ ଶିଶୁମାନଙ୍କର ରକ୍ତହୀନତା, ଅପୁଷ୍ଟି ଓ ପାଠପଢ଼ାରେ ଅସୁବିଧା ହୋଇଥାଏ ବୋଲି ସେମାନଙ୍କୁ ବୁଝାଯାଇଥିଲା। ପ୍ରତି ୬ ମାସରେ ଥରେ କୃମି ନାଶକ ବଟିକା ଖାଇବା ଦ୍ୱାରା ଶିଶୁମାନେ ସୁସ୍ଥ ରହିବେ ଏବଂ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ଭଲ ହେବ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।



## ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ କଲେଜରେ ତ୍ରିରଙ୍ଗା ରାଲି



ଭବାନୀପାଟଣା,୧୧।୮ (ସମିସ): ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଏକ ବିଶାଳ ତ୍ରିରଙ୍ଗା ରାଲି ମହାବିଦ୍ୟାଳୟ ପରିସରରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ଜେଲଛକ ଓ ଘୋଡାଘାଟ ଛକ ହୋଇ ସହର ପରିକ୍ରମା କରିଥିଲା। ଏଥିରେ ସମୁଦାୟ ୩୧୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବାବେଳେ ଟାଉନ ପୁଲିସ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିଲା। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଦେଶ ଉଦ୍ଦେଶ୍ୟରେ ଏହି ବିଶାଳ ତ୍ରିରଙ୍ଗା ରାଲିକୁ ଉତ୍ସର୍ଗ କରିଥିବା ବେଳେ ବନ୍ଦେ ମାତରମ୍‌ର ୫୦ବର୍ଷ ପୂର୍ତ୍ତିଅବସର ଏବଂ ଆଗାମୀ ସ୍ୱାଧୀନତା ଦିବସର ୮୦ ବର୍ଷ ପୂର୍ତ୍ତି ଅବସରରେ ଏହା ଏକ ପର୍ବ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ମାଈଁ ଭାରତ ଜିଲ୍ଲା ଯୁବ ଅଧିକାରୀ କଳାହାଣ୍ଡି ବଂଶ ଶର୍ମା ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ଏନ୍‌ସିସି ଅଫିସର ସୁଶାନ୍ତ କୁମାର ଦାଶ, ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ରେଡ୍‌କ୍ରସ ଅଧିକାରୀ ପୁରୀତ ରଣା, ଫାଲଗୁନୀ ପ୍ରଧାନୀ, ମନ୍ଦାକିନୀ ପ୍ରଧାନ, ମହିମା ଖାତୁନ, କେସନୀ ପାୟଲ ମହାନନ୍ଦ, ଅନୁକୁଳ ସାହାଣି, ଦୀନବନ୍ଧୁ ନାଗ, ସୁନିଲ କୁମାର ଗହିର ପ୍ରମୁଖ ସହଯୋଗ କରିଥିଲେ।

## ବୌଦ୍ଧରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ



ବୌଦ୍ଧ, ୧୧।୮ (ସମିସ): ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଏବଂ 'ବନ୍ଦେ ମାତରଂ' ର ଅମର ଭାବନାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ବାହାରିଥିଲା। ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବିଶାଳ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରି ବାଘଗୁଡ଼ା ଛକ, ବ୍ରିଜ୍ ଛକ ଓ ହାତୀଶାଳ ଛକ ଦେଇ ଜିଲ୍ଲା ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ଷ୍ଟାଡିୟମ୍‌ରେ ପହଞ୍ଚିବା ପରେ ଦେଶପ୍ରେମ ବାର୍ତ୍ତା ନେଇ ଏକ ସାମୂହିକ 'ବନ୍ଦେ ମାତରଂ' ଗାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ଭୂଏ, ଅଙ୍କିତା ସାହୁ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ, ଯୁଗଳ କିଶୋର ସାମଲ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା

ଖଡ଼ିଆଳ, ୧୧।୮ (ସମିସ): ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ନୂଆପଡା ଜିଲ୍ଲା ଖଡ଼ିଆଳ ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ପିଏମ୍ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଓ ପ୍ରକୃତି ପ୍ରତି ଛାତ୍ରଛାତ୍ରୀଙ୍କ ମନରେ ସଚେତନତା ସୃଷ୍ଟି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



ପ୍ରତିଯୋଗିତାରେ କନିଷ୍ଠ ବିଭାଗ ପାଇଁ "ପ୍ରକୃତି ପାଇଁ ମଣିଷ' ଏବଂ ବରିଷ୍ଠ ବିଭାଗ ପାଇଁ "ପ୍ରକୃତି ଭିତରେ ମଣିଷ' ଶୀର୍ଷକ ରଖାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରି ପରିବେଶ ଓ ପ୍ରକୃତି ସୁରକ୍ଷାର ବାର୍ତ୍ତାକୁ ନିଜ ଚିତ୍ର ମାଧ୍ୟମରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ବନପାଳ ସୁଦାମ କୁମାର ବାଗ, ବନରକ୍ଷୀ ପରମାନନ୍ଦ ତାଣ୍ଡି, ତପସ୍ୱିନୀ ସାଗର, ସଂଯୁକ୍ତା ନେତାମ ଓ ଜୟନ୍ତୀ ମାଝୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ବନ୍ୟପ୍ରାଣୀ ଓ ପ୍ରକୃତିର ସୁରକ୍ଷା ପାଇଁ ଛୋଟବେଳୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଓ ଦାୟିତ୍ୱବୋଧ ସୃଷ୍ଟି କରିବାରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ।

## କୋକସରାରେ ତେଜିଲା ଏଗ୍ରୀଷ୍ଟାକ୍ ହଟାଇବା ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାରଙ୍କୁ ଦାବିପତ୍ର

କୋକସରା,୧୧।୮ (ସମିସ): ଧାନ ପଞ୍ଜୀକରଣ ପାଇଁ ସରକାର ନୂତନ ଗାଇଡ୍‌ଲାଇନ୍ ଆଣିବାପରେ ଚାଷୀଙ୍କ ଚିନ୍ତା ବଢ଼ିଛି। ଚଳିତବର୍ଷ "ଏଗ୍ରୀଷ୍ଟାକ' ଆଇଡି ଲାଗୁ କରାଯାଇଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଜଟିଳ ବ୍ୟବସ୍ଥାକୁ ହଟାଇବା ସହ ସରଳ ପ୍ରକ୍ରିୟାରେ ଧାନ ପଞ୍ଜୀକରଣ କରିବା ଦାବିରେ ମଙ୍ଗଳବାର କୋକସରା ଅଞ୍ଚଳର ଶତାଧିକ ଚାଷୀ ଏକତ୍ରିତ ହୋଇଥିଲେ। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଚାଷୀ ସମୂହ ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ



ଏଗ୍ରୀଷ୍ଟାକ୍ ହଟାଓ ଚାଷୀ ବଞ୍ଚାଓ ଭଳି ବିଭିନ୍ନ ନାରାଦେଇ ପ୍ରତିବାଦ କରିଥିଲେ। ପରେ ତହସିଲଦାର ଚୌଡ଼ଗଙ୍ଗ ପ୍ରଧାନଙ୍କ ଜରିଆରେ ୪ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ଚାଷୀ ପଞ୍ଜୀକରଣ ସକାଶେ ଏଗ୍ରୀଷ୍ଟାକ ଆଇଡି ପ୍ରଚଳନକୁ ବନ୍ଦ କରାଯାଉ ଓ ମୃତ ରୟତ ମାନଙ୍କର ଉତ୍ତରାଧୀକାରୀଙ୍କୁ ପଞ୍ଜୀକରଣରେ ସାମିଲ କରିବା ସହିତ ତୁରନ୍ତ ଖାତିଆନ ଦୁଇ ଖାନା ପରିବର୍ତ୍ତନ କରାଯାଉ, ପି-ପାସ୍ ପୋର୍ଟାଲରେ ପଞ୍ଜିକରଣ ସମୟରେ ଲିଫ୍ଟ ଇର୍ରିଗସନ ପ୍ରଦର୍ଶନ ହେଉ, ରାସାୟନିକ ସାର ମାନଙ୍କର ମନ ଯାଞ୍ଚ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ସମବାୟ ସେବା ସମିତି ଗୁଡିକରେ ଅନେକ କମ୍ପ୍ୟୁଟର ଓ ଉପକରଣ ତଥା ଡାଟା ଏଣ୍ଟ୍ରି ଅପ୍ରେଟର ନିଯୁକ୍ତ କରାଯାଉ ଫଳରେ ପଞ୍ଜୀକରଣ ସୁଚାରୁରୂପେ ହୋଇ ପାରିବା ଭଳି ଦାବି ରହିଥିଲା। ଆଜି ଏହି ଦାବିପତ୍ର ପ୍ରଦାନ ସମୟରେ ବ୍ଲକ୍ ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲଙ୍କ ସମେତ ପୁରୁଷୋତ୍ତମ ଦାସ ଗୁପ୍ତା, ଜୟଲାଲ ନାଏକ, ରବିନାରାୟଣ ଦାସ, ପଙ୍କଜ ମୁଖ ଚୌଧୁରୀ, ମଙ୍ଗଳୁ ଚରଣ ଭାଟି, ତ୍ରିଭୁବନ ନାଏକ, କମଳାକାନ୍ତ ସାହୁ, ସୁଶାନ୍ତ ବେହେରା, ଭକ୍ତିରାମ ପୋଡ଼, ବିଶ୍ୱନାଥ ପଟ୍ଟନାୟକ, ମହେନ୍ଦ୍ର ନେଗୀ, ବାବୁ ସାହୁ, କୁରୁକ୍ଷେତ୍ର ପାଣିଗ୍ରାହୀ, ଡମ୍ବରୁଧର ମାଝୀ, ଗୁଲସନ ବାଗ, ଦୁର୍ଗା ନାଏକ, ପ୍ରମୋଦ ପଣ୍ଡା, ବସନ୍ତ ପଟ୍ଟନାୟକ, ଦୀପକ ପଣ୍ଡା, ପିତାମ୍ବର ପଟ୍ଟନାୟକ, ଜତିନ୍ ମାଝୀଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଧନ ଲାଭର ଯୋଗ ରହିଛି। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଖର୍ଚ୍ଚ ବଢ଼ିପାରେ।

**ସିଂହ:** ଦିନଟି ହସଖୁସିରେ କଟିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦାନ ଧର୍ମ କରିବେ।

**ତୁଳା:** ବ୍ୟବସାୟରେ କ୍ଷତି ସହି ପାରନ୍ତି। ଚିନ୍ତାଗ୍ରସ୍ତ ରହିବେ। ପାରିବାରିକ ବିବାଦ ଦେଖା ଦେଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିପାରନ୍ତି। ବନ୍ଧୁମିଳନ ଯୋଗ ଅଛି। ଆଶା ପୂରଣ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେଇପାରେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚକ୍ଷୁ ସମସ୍ୟା ଦେଖା ଦେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୩୩- ଆମେରିକାର ସିକାଗୋ ସହରର ସ୍ଥାପନା।
- ୧୯୦୯- ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଦିବସ।
- ୧୯୧୯: ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପ୍ରତିଷ୍ଠାତା ବିକ୍ରମ ସାରାଭାଇଙ୍କ ଜନ୍ମ।
- ୧୯୭୧- ସାଲେପୁର ମିଠାର ଜନକ ବିକଳାନନ୍ଦ କରଙ୍କ ଦେହାନ୍ତ।
- ୨୦୧୨- ଓଡ଼ିଆ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଭଗବାନ ସାହୁଙ୍କ ବିୟୋଗ।

# ଅନ୍ତର୍ଜାତୀୟ ଯୁବ ଦିବସ



ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ। ଯୁବପିଢ଼ିଙ୍କ ସମସ୍ୟା, ସେମାନଙ୍କର ଆବଶ୍ୟକତା ଉପରେ ଧ୍ୟାନ ଆକର୍ଷଣ କରିବା ଏବଂ ସମାଜର ବିକାଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ଜଣାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ମିଳିତ ଜାତିସଂଘ ଦ୍ୱାରା ଏହି ଦିବସଟି ଆନୁଷ୍ଠାନିକ ଭାବେ ପାଳନ କରାଯାଇ ଆସୁଛି। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ରେଖାଙ୍କିତ କରିବା ଏହି ଦିବସର ଲକ୍ଷ୍ୟ। 'ଅନ୍ତର୍ଜାତୀୟ ଯୁବ ଦିବସ' ପ୍ରଥମେ ୧୨ ଅଗଷ୍ଟ, ୨୦୦୦ରେ ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସାଧାରଣ ସଭା ୧୭ ଡିସେମ୍ବର, ୧୯୯୯ରେ ଏହି ଦିନ ପାଳନ କରିବାକୁ ଏକ ସଂକଳ୍ପ ପାରିତ କରିଥିଲା। ଏହାପରେ ୨୦୦୦ରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ଯୁବ ଦିବସ' ପାଳନ କରାଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୧୨ ଅଗଷ୍ଟରେ ପାଳନ କରାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସମାଜକୁ ଶିକ୍ଷିତ କରିବା, ଯୁବକମାନଙ୍କୁ ରାଜନୈତିକ କ୍ଷେତ୍ରରେ ଏକତ୍ରିତ କରିବା ଏବଂ ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା ପାଇଁ ଏହି ଦିନ ପାଳନ କରାଯାଏ। ସମସ୍ତ ଦେଶ ଯୁବ ଜନସଂଖ୍ୟା ଉପରେ ଧ୍ୟାନ ଦେବା ଉଚିତ। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର, ଶିକ୍ଷା, ସଶକ୍ତିକରଣ ଲୋଡ଼ା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସ୍ମରଣ କରିଦିଏ। ଯୁବ ଦିବସ ପାଳନ ଅବସରରେ ବିଦ୍ୟାଳୟ, କଲେଜ ଏବଂ ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ୨୦୨୬ ମସିହା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଏହି ଦିବସର ବିଷୟବସ୍ତୁ "ଭିନ୍ନ ପରିବେଶ, ସମାନ ଆକାଂକ୍ଷା" ରଖାଯାଇଛି। ଏହାର ଅର୍ଥ ହେଉଛି, ପୃଥିବୀର ବିଭିନ୍ନ ପ୍ରାନ୍ତରେ ଥିବା ଯୁବପିଢ଼ିଙ୍କର ସାମାଜିକ ଓ ଆର୍ଥିକ ପରିସ୍ଥିତି ଭିନ୍ନ ହୋଇପାରେ, କିନ୍ତୁ ଏକ ସୁରକ୍ଷିତ, ସମୃଦ୍ଧ ଏବଂ ସମାନତାର ଭବିଷ୍ୟତ ଗଢ଼ିବା ପାଇଁ ସମସ୍ତଙ୍କର ଆଶା ଓ ଆକାଂକ୍ଷା ସମାନ।

# 'ବଟୱାରା ୧୯୪୭'

## ସନ୍ନିଙ୍କୁ ୬୦, ପ୍ରୀତିଙ୍କୁ ୧୦



ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଭାରତ-ପାକିସ୍ତାନ ବିଭାଜନ ଉପରେ ଆଧାରିତ ଚଳଚ୍ଚିତ୍ର 'ବଟୱାରା ୧୯୪୭' ଆଉ ଅଳ୍ପ କେତୋଟି ଦିନ ପରେ ରିଲିଜ୍ ହେବ। ଏହି ସମୟରେ ଫିଲ୍ମର କଳାକାରମାନଙ୍କ ପାରିଶ୍ରମିକ ଖବର ସାମ୍ନାକୁ ଆସିଛି। ଫିଲ୍ମରେ ଲିଡ୍ ରୋଲରେ ନଜର ଆସିଥିବା ଅଭିନେତା ସନ୍ନି ଦେଓଲଙ୍କୁ ଏଥିପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ମିଳିଛି। ଅନ୍ୟପଟେ ଦୀର୍ଘ ସମୟ ପରେ ମୁଖ୍ୟ ଚରିତ୍ରରେ କମବ୍ୟାକ୍ କରୁଥିବା ପ୍ରୀତି ଜିଣ୍ଟା ଏବଂ ସ୍ପେଶାଲ ରୋଲ୍ କରୁଥିବା ଅଲି ଫଜଲ୍ ମଧ୍ୟ ଏହି ଚଳଚ୍ଚିତ୍ର ପାଇଁ ଭଲ ପାରିଶ୍ରମିକ ନେଇଛନ୍ତି। ଫିଲ୍ମର ବଜେଟ୍ ୧୫୦ କୋଟି ହୋଇଥିବାବେଳେ କେବଳ ସନ୍ନି ନେଇଛନ୍ତି ୬୦ କୋଟି। ଅନ୍ୟପଟେ, ପ୍ରୀତିଙ୍କୁ ଏହି ଚଳଚ୍ଚିତ୍ର ପାଇଁ ୧୦ କୋଟି ଟଙ୍କା ମିଳିଛି। 'ବଟୱାରା ୧୯୪୭' ପୂର୍ବରୁ ସନ୍ନି ଓ ପ୍ରୀତି 'ଦି ହିରୋ: ଲଭ୍ ଷ୍ଟୋରୀ ଅଫ୍ ଏ ସ୍ପାଏ', 'ଫର୍ଜ' ଏବଂ 'ଭୈୟାଜୀ ସୁପରହିଟ୍' ଭଳି ଫିଲ୍ମରେ ଏକାଠି କାମ କରିଥିଲେ। ଶବାନା ଆଜମୀ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ହେଲେ ତାଙ୍କ ଫିସ୍‌କୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ସାମ୍ନାକୁ ଆସିନାହିଁ। ଅନ୍ୟପଟେ, ଅଲି ଫଜଲ୍ ଫିଲ୍ମରେ ଅତିଥି କଳାକାର ଭାବେ ଦେଖାଯିବେ। ଏଥିପାଇଁ ସେ ପାରିଶ୍ରମିକ ବାବଦକୁ ୭ କୋଟି ଟଙ୍କା ଚାର୍ଜ କରିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ଏବଂ ସନ୍ନି ଦେଓଲଙ୍କ ଆଇକନିକ୍ ଯୋଡ଼ି ଅନେକ ବର୍ଷ ପରେ ଏକାଠି ଫେରୁଛନ୍ତି। ଫିଲ୍ମରେ ସଙ୍ଗୀତ ଏ.ଆର୍. ରେହମାନ ଦେଇଥିବା ବେଳେ ଏହାର ଗୀତଗୁଡ଼ିକୁ ଜାଭେଦ ଅଖତର ଲେଖିଛନ୍ତି। 'ବଟୱାରା ୧୯୪୭' ଅଗଷ୍ଟ ୧୪ରେ ସିନେମାହଲ୍‌ରେ ରିଲିଜ୍ ହେବ। ବକ୍ସ ଅଫିସ୍‌ରେ ଏହାର ମୁକାବିଲା ଇମ୍ରାନ୍ ହାସ୍‌ମୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ ୨' ସହିତ ହେବାକୁ ଯାଉଛି।

# ହାତୀ ପାଇଁ ଦିନଟିଏ




ହାତୀମାନଙ୍କ ସୁରକ୍ଷା, ସେମାନଙ୍କ ବାସସ୍ଥାନର ସଂରକ୍ଷଣ ଏବଂ ହାତୀ ଓ ମନୁଷ୍ୟ ମଧ୍ୟରେ ବିବାଦ ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ 'ବିଶ୍ୱ ହସ୍ତୀ ଦିବସ' ଭାବେ ପାଳନ କରାଯାଉଛି। ଏହିଦିନ ହାତୀଙ୍କ ସୁରକ୍ଷା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରଥମ ବିଶ୍ୱ ହସ୍ତୀ ଦିବସ ୨୦୧୨ ମସିହା ଅଗଷ୍ଟ୧୨ରେ ପାଳନ କରାଯାଇଥିଲା। ଜଙ୍ଗଲର ସନ୍ତୁଳନ ରକ୍ଷା କରିବାରେ ଏବଂ ଗଛର ବୀଜ ବିସ୍ତାର କରିବାରେ ହାତୀମାନଙ୍କର ପ୍ରମୁଖ ଭୂମିକା ରହିଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗଜ ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜ ରାଜୁଡ଼ା ଅମଳରେ ପରିବହନ ଏବଂ ପଟିଆରା ପାଇଁ ରାଜା ମହାରାଜାମାନେ ହାତୀକୁ ନିଜ ଦରବାରରେ ରଖୁଥିଲେ। ଯେଉଁ ରାଜାଙ୍କର ଯେତେ ହାତୀ ଅଛି, ସେ ସେତେ ବଳଶାଳୀ ବୋଲି ଗଣନା କରାଯାଉଥିଲା। ଏବେ ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ, ପାହାଡ଼ଗୁଡ଼ିକରେ ବ୍ଲାଷ୍ଟିଂ ଯୋଗୁଁ ବନ୍ୟଜନ୍ତୁଗୁଡ଼ିକ ଜନବସତି ମୁହାଁ ହେଉଛନ୍ତି। ବିଶେଷକରି ଖାଦ୍ୟ ଅନ୍ୱେଷଣରେ ହାତୀ ଜନବସତି ମୁହାଁ ହେଉଛନ୍ତି। ଫଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଆ ସଂସ୍କୃତି ପରମ୍ପରାରେ ହାତୀର ସ୍ଥାନ ସ୍ୱତନ୍ତ୍ର। ହାତୀକୁ ଓଡ଼ିଆରେ "ଗଜ" ଏବଂ "ଗଜରାଜ" ବୋଲି କୁହନ୍ତି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ହାତୀ ବା ଗଜ ବେଶ ହୋଇଥାନ୍ତି। ଓଡ଼ିଶାର ପ୍ରମୁଖ ପର୍ବ ରଜରେ ଗାଁରୁ ସହର ସବୁଠି ଝିଅମାନେ ଦୋଳିରେ ଝୁଲି ଗୀତ ଗାଇଥାନ୍ତି "ବନସ୍ତେ ଡାକିଲା ଗଜ"। ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେବେଳେ ଟ୍ରେନ୍ ଚକ ତଳେ ତ କେତେବେଳେ ବିଦ୍ୟୁତ୍ ତାର ତଳେ ତ ଆଉ କେତେବେଳେ ଦାନ୍ତ ପାଇଁ ଏମାନଙ୍କ ଜୀବନ ଅକାଳରେ ଚାଲିଯାଉଛି। ତେବେ ଆଗକୁ ହାତୀ ବଂଶ କିପରି ବୃଦ୍ଧି ପାଇବ, ସେଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଅନେକ ପ୍ରାଣୀ ଗବେଷକ ମତ ଦିଅନ୍ତି। ହାତୀ ଦାନ୍ତର ବେଆଇନ ବ୍ୟବସାୟ ପାଇଁ ଆଜି ବି ଅନେକ ସ୍ଥାନରେ ଦନ୍ତା ହାତୀମାନଙ୍କୁ ହତ୍ୟା କରାଯାଉଛି। ଏହାବାଦ୍ ଜଙ୍ଗଲ ନଷ୍ଟ ହେବା ଏବଂ ସେମାନଙ୍କ ଚଳପ୍ରଚଳ ରାସ୍ତା ବା କରିଡର ମଧ୍ୟରେ ମନୁଷ୍ୟର ହସ୍ତକ୍ଷେପ ଯୋଗୁଁ ସେମାନଙ୍କ ସୁରକ୍ଷା ବିପନ୍ନ ହେଉଛି। ବିଶ୍ୱ ହସ୍ତୀ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ହାତୀମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଭଲ ଭଲ ସ୍ୱାଦିଷ୍ଟ ଖାଦ୍ୟ ଦିଆଯିବା ସହ ହାତୀ ସୁରକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଏ।

# ସମ୍ଭାବନା



## ଅଫିସ୍ ଅଭ୍ୟାସ



**ଅଫିସ୍‌ରେ ଯୋଗ୍ୟତା ସହିତ ବ୍ୟବହାର, ପୋଷାକ ପରିପାଟୀ ଏବଂ ନିତିଦିନର ଅଭ୍ୟାସ ମଧ୍ୟ ଏହା ସ୍ଥିର କରେ ଯେ, ସହକର୍ମୀ ତଥା ବରିଷ୍ଠ ଅଧିକାରୀ ଜଣକୁ କେଉଁ ଦୃଷ୍ଟିକୋଣରେ ଦେଖନ୍ତି। ଅନେକ ସମୟରେ ଲୋକେ ନିଜ ଅଜାଣତରେ କିଛି ଏଭଳି ଅଭ୍ୟାସକୁ ଆପଣାଇଥାନ୍ତି, ଯାହାକି ସେମାନଙ୍କ ବୃତ୍ତିଗତ ଛବି ଉପରେ ନକାରାତ୍ମକ ପ୍ରଭାବ ପକାଏ।**

- ପୋଷ୍ଟର, ଷ୍ଟିକର୍ ତଥା ଟି-ସାର୍ଟରେ ରାଜନୈତିକ, ଧାର୍ମିକ, ଆପତ୍ତିଜନକ ବାର୍ତ୍ତା ଥିଲେ ସେସବୁ ବ୍ୟବହାର କରିବା ଅନୁଚିତ। ଏହା କାର୍ଯ୍ୟାଳୟର ପରିବେଶକୁ ପ୍ରଭାବିତ କରେ।
- ଅଫିସ୍‌ରେ ସ୍ପିକରରେ ଗୀତ ବଜାଇବା, ମୋବାଇଲରେ ରିଙ୍ଗ ଟୋନ୍ ଜୋର୍‌ରେ ବାଜିବା ତଥା ଭିଡିଓ ସାଉଣ୍ଡ ଅନ୍ୟମାନଙ୍କ କାମକୁ ବାଧାପ୍ରାପ୍ତ କରିପାରେ।
- ନେଲ୍ ପଲିସ୍, ହେୟାର୍ ସ୍ପ୍ରେ, ଡିୟୋଡ୍ରାଣ୍ଟ ଅନ୍ୟ ଉଚ୍ଚଗନ୍ଧ ଯୁକ୍ତ ଉତ୍ପାଦ ଅଫିସ୍‌ରେ ବ୍ୟବହାର କରିବାରୁ ଦୂରେଇ ରହିବା ଉଚିତ।
- ଅଫିସ୍‌ରେ ବ୍ୟକ୍ତିଗତ ଦସ୍ତାବିଜ୍‌କୁ ଖୋଲି ରଖନ୍ତୁ ନାହିଁ।
- କମ୍ପାନିର ଗୋପନୀୟ ଦସ୍ତାବିଜ୍ ଆବଶ୍ୟକତା ନ ଥିଲେ ଅନ୍ୟ କୁଆଡ଼େ ନିଅନ୍ତୁ ନାହିଁ।

## ବ୍ଲଗିଂରେ କ୍ୟାରିୟର

**ବ୍ଲଗିଂ କେବଳ ସଉକ ନୁହେଁ, ବରଂ ଏବେ ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିଛି। ଏଥିଲାଗି ମହଙ୍ଗା କ୍ୟାମେରା କିମ୍ବା ଅଧିକ ପାଠପଢ଼ାର ଆବଶ୍ୟକତା ନାହିଁ।**



ଭିଡିଓ ଡାଏରୀକୁ ବ୍ଲଗ୍ କୁହାଯାଏ। ଏହା ମାଧ୍ୟମରେ ଜଣେ ନିଜର ନିତିଦିନର ଜୀବନ, ଟ୍ରାଭେଲିଂ, ଖାଦ୍ୟପାନୀୟ ସ୍ଥାନ, ନଚେତ୍ ନିଜର ରୋଷେଇ କଳା, ଗେମ୍ ଆଦି ବିଷୟରେ କ୍ୟାମେରା ସାମ୍ନାରେ ରେକର୍ଡ କରି ଲୋକଙ୍କୁ ଦେଖାନ୍ତି। ସେହିପରି ଆଜିର ସମୟରେ ଲୋକେ ଟିଭି ଦେଖିବା ପରିବର୍ତ୍ତେ ମୋବାଇଲରେ ବ୍ଲଗ୍ ଦେଖିବାକୁ ବେଶି ପସନ୍ଦ କରୁଛନ୍ତି। ଏହି କାରଣ ଯୋଗୁଁ ବଡ଼ ବଡ଼ କମ୍ପାନି ବିଜ୍ଞାପନ ଦେବା ଲାଗି ଟିଭି ପରିବର୍ତ୍ତେ ବ୍ଲଗର୍‌ଙ୍କୁ ଲକ୍ଷାଧିକ ଟଙ୍କା ଦେଉଛନ୍ତି।

ଯେଉଁ ଜିନିଷରେ ରୁଚି ରହିଛି, ତାହା ଉପରେ ବ୍ଲଗ୍ କରିବା ଭଲ। ନିତିଦିନ ଜୀବନରେ ନିଜ ରୁଟିନ ଓ ପାରିବାରିକ ଜୀବନ ଦେଖାନ୍ତୁ। ଟ୍ରାଭେଲ ବ୍ଲଗିଂରେ ନୂଆ ନୂଆ ସ୍ଥାନ ବୁଲିବା ଏବଂ ସେଠାକାର ତଥ୍ୟ ଦେଇପାରିବେ। ଫୁଡ୍ ବ୍ଲଗିଂରେ ଅଲଗା ଅଲଗା ଷ୍ଟ୍ରିଟ୍ ଫୁଡ୍, ରେସ୍ତୋରାଁ ଖାଦ୍ୟର ସମୀକ୍ଷା କରିବାକୁ ହୋଇଥାଏ। ଏହାବାଦ୍ ଟେକ୍, ଗେମିଂ, ଫେଶନ୍ ବ୍ଲଗ୍‌ରେ ନିଜ ପସନ୍ଦ ବିଷୟରେ ଭିଡିଓ ତିଆରି କରିବାକୁ ହୋଇଥାଏ।

ପ୍ରଥମେ ଏନେଇ ଲକ୍ଷାଧିକ ଟଙ୍କାର କ୍ୟାମେରା କିଣିବା ଦରକାର ନାହିଁ। କୌଣସି ସ୍ମାର୍ଟଫୋନରୁ ଏହାକୁ ଆରମ୍ଭ କରିପାରିବେ। ଏଥିପାଇଁ କେବଳ ଦୁଇଟି ଜିନିଷ ଦରକାର। ତାହା ହେଉଛି ଭଲ ମାଇକ ଓ ଟ୍ରାଇପଡ୍। ଆଜିକାଲି ଅନେକ ଅନଲାଇନ ପ୍ଲାଟ୍‌ଫର୍ମ, ୟୁଟ୍ୟୁବ୍ ଚ୍ୟାନେଲ, ଡିଜିଟାଲ ମିଡିଆ ଇନଷ୍ଟିଚ୍ୟୁଟ୍‌ରେ ୭ଦିନରୁ ଆରମ୍ଭ କରି ମାସେ ପର୍ଯ୍ୟନ୍ତ ସର୍ଟ ଟର୍ମ ବ୍ଲଗିଂ ଏବଂ ଭିଡିଓ ଏଡିଟିଂ କୋର୍ସ ଉପଲବ୍ଧ ଅଛି। ଏହି କୋର୍ସ ମାଧ୍ୟମରେ କ୍ୟାମେରା ସାମ୍ନାରେ କହିବାର ଆତ୍ମବିଶ୍ୱାସ, ଭିଡିଓ ଏଡିଟିଂ, ୟୁଟ୍ୟୁବ୍ ଓ ଇନଷ୍ଟାଗ୍ରାମ ପାଇଁ ଥମ୍ବନେଲ ଆଦି ତିଆରି କରିବା ଶିଖାଯାଏ। ସେହିପରି ସ୍ପନରସିପ୍‌ରୁ କିଭଳି ଟଙ୍କା କମାଇ ହେବ, ସେ ଉପାୟ ଶିଖାଯାଏ। ଅନ୍ୟପଟେ ଏଥିପାଇଁ ୧୦-୧୫ଦିନର ବେସିକ୍ ଏଡିଟିଂ ଓ କଣ୍ଟେଣ୍ଟ କ୍ରିଏସନ କୋର୍ସ କରି ହେବ।

## ଚାକିରିରୁ ଇସ୍ତଫା ଦେଉ ଥିଲେ...



**ଭଲ ଦରମା, କ୍ୟାରିୟରରେ ଉନ୍ନତି, କାମ ଚାପ, ବ୍ୟକ୍ତିଗତ କାରଣ ଯୋଗୁଁ ଲୋକେ ଚାକିରି ବଦଳାନ୍ତି। ବେଳେ ବେଳେ ତରବରିଆ ଭାବେ ଗ୍ରହଣ କରାଯାଉଥିବା ନିଷ୍ପତ୍ତି ଭବିଷ୍ୟତରେ ସମସ୍ୟାର କାରଣ ହୋଇପାରେ। ଚାକିରି ଛାଡ଼ିବା ବେଳେ କିଛି ଭୁଲ୍ ଏମିତି ହୋଇଯାଏ, ଯାହାକି ପ୍ରଫେସନାଲ ଇମେଜ୍ ଓ କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।**

- ନୂଆ ଚାକିରି ନ ଖୋଜି ଇସ୍ତଫା ଦିଅନ୍ତୁ ନାହିଁ। ଏହା କ୍ୟାରିୟର ପାଇଁ ବଡ଼ ଭୁଲ ହୋଇପାରେ। ସେହିପରି ନୂଆ ଚାକିରି ସହଜରେ ମିଳି ନ ଥାଏ। ଏହା ଦ୍ୱାରା ଆର୍ଥିକ ଚାପ ବଢ଼ିପାରେ।
- ଅନେକ ଲୋକ ନୂଆ ଚାକିରିରେ ଯୋଗ ଦେବା ପାଇଁ ନୋଟିସ୍ ପିରିୟଡ୍ ପୂରା କରନ୍ତି ନାହିଁ। ଏହାଦ୍ୱାରା କମ୍ପାନି ଅଭିଜ୍ଞତା ପ୍ରମାଣପତ୍ର ଏବଂ ସେଟଲମେଣ୍ଟରେ ବିଳମ୍ବ କରିଥାନ୍ତି।
- ଅଫିସ୍‌ରେ କୌଣସି ବିବାଦ, ଚାପ ଯୋଗୁଁ ତୁରନ୍ତ ଚାକିରି ଛାଡ଼ିବା ଭୁଲ୍ କରନ୍ତୁ ନାହିଁ। ପ୍ରଥମେ ଶାନ୍ତ ମନରେ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ।
- ଚାକିରି ଛାଡ଼ିବା ବେଳେ କମ୍ପାନିର ଡାଟା, କ୍ଲାଏଣ୍ଟ ତଥ୍ୟ, ଗୋପନୀୟ ଦସ୍ତାବିଜ ନିଜ ପାଖରେ ରଖିବା କିମ୍ବା ଅନ୍ୟ କାହା ସହିତ ସେୟାର୍ କରିବା ଆଇନଗତ ସମସ୍ୟା ସୃଷ୍ଟି କରିପାରେ।
- ଚାକିରି ଛାଡ଼ିବା ବେଳେ ମ୍ୟାନେଜର, ସହକର୍ମୀ, ଟିମ୍ ସହିତ ଭଲ ସମ୍ବନ୍ଧ ବଜାୟ ରଖନ୍ତୁ। ଭବିଷ୍ୟତରେ ସେମାନେ ନୂଆ ଅବସରର ମାଧ୍ୟମ ହୋଇପାରନ୍ତି।

## ୟୁଟ୍ୟୁବ୍ ଲାଗି ଏଆଇ ଫିଚର୍

**ୟୁଟ୍ୟୁବ୍ କଣ୍ଟେଣ୍ଟ କ୍ରିଏଟରଙ୍କ ପାଇଁ ନୂଆ ଏଆଇ ଫିଚର୍‌କୁ ପରିଚିତ କରାଇଛି। ଏହା ସାହାଯ୍ୟରେ ଭିଡିଓ ପାଇଁ ଆକର୍ଷଣୀୟ ଥମ୍ବନେଲ୍ ତିଆରି କରିବା ପୂର୍ବ ତୁଳନାରେ ବହୁତ ସହଜ ହୋଇଯିବ। ଏହି ନୂଆ ଫିଚର୍‌ର ଉଦ୍ଦେଶ୍ୟ ହେଉଛି କ୍ରିଏଟରଙ୍କ ସମୟ ସଂଚୟ କରିବା ଏବଂ ଉନ୍ନତ ଭିଜୁଆଲ ପ୍ରସ୍ତୁତ କରିବା।**

ୟୁଟ୍ୟୁବ୍ ତା'ର ୟୁଟ୍ୟୁବ୍ ଷ୍ଟୁଡିଓରେ ଏଆଇ ଆଧାରିତ ଫିଚର୍ ଯୋଡ଼ିବା ଆରମ୍ଭ କରିଛି। ଏଠାରେ କ୍ରିଏଟର କଥାବାର୍ତ୍ତା ମାଧ୍ୟମରେ ଥମ୍ବନେଲ୍ ପ୍ରସ୍ତୁତ କରିପାରିବେ। ଏହି ଫିଚର୍ 'ଆସ୍କ ଷ୍ଟୁଡିଓ'ର ଅଂଶ। କ୍ରିଏଟର ନିଜ ଭିଡିଓ ବାବଦରେ ତଥ୍ୟ ତଥା ନିର୍ଦ୍ଦେଶ ପ୍ରଦାନ କରିବେ ଏବଂ ଏଆଇ ସେହି ଆଧାରରେ ଥମ୍ବନେଲ ତିଆରି କରିବ। ଏହାଦ୍ୱାରା ଡିଜାଇନିଂରେ ଲାଗୁଥିବା ସମୟ କମ୍ ହୋଇପାରିବ।

ସେହିପରି ୟୁଟ୍ୟୁବ୍ ଷ୍ଟର୍ଟସ ଲାଗି କଷ୍ଟମ ଥମ୍ବନେଲ ଅପଲୋଡ୍ କରିପାରିବେ। ଏହି ଫିଚର୍ ଦ୍ୱାରା ଡିଜାଇନିଂର ଅନୁଭବ ରଖୁଥିବା କ୍ରିଏଟରଙ୍କ ପାଇଁ ଉପଯୋଗୀ ହେବ। ଭିଡିଓ ପାଇଁ ଅଲଗା ଅଲଗା ଥମ୍ବନେଲ ପରିକଳ୍ପନା ସହଜରେ ମିଳିଯିବ। ସେହିପରି ଉନ୍ନତ ଥମ୍ବନେଲ ମାଧ୍ୟମରେ ଭିଡିଓର କ୍ଲିକ୍ ଥ୍ରୁ ରେଟ୍ ବଢ଼ିବାରେ ସାହାଯ୍ୟ ମିଳିବ।

ୟୁଟ୍ୟୁବ୍ ଷ୍ଟୁଡିଓ ଭିତରେ ହିଁ କାମ ପୂରା ହୋଇଯିବ। ଅଲଗା ସଫ୍ଟୱେରର ଆବଶ୍ୟକତା କମ୍ ହେବ। ୟୁଟ୍ୟୁବ୍ ଅନୁସାରେ, ଏଆଇର ଉଦ୍ଦେଶ୍ୟ କ୍ରିଏଟରଙ୍କ ସୃଜନଶୀଳତାକୁ ଶେଷ କରିବା ନୁହେଁ, ବରଂ ସେମାନଙ୍କୁ ସାହାଯ୍ୟ କରିବା। ଅନ୍ତିମ ନିର୍ଣ୍ଣୟ ଓ ଥମ୍ବନେଲ ଚୟନ କ୍ରିଏଟରଙ୍କ ହାତରେ ହିଁ ରହିବ। ଏଆଇ କେବଳ ପରାମର୍ଶ ଅନୁସାରେ, ପ୍ରାରମ୍ଭିକ ଡିଜାଇନ ପ୍ରସ୍ତୁତ କରିବ। ଯାହାକୁ ଆବଶ୍ୟକତା ହିସାବରେ ପରିବର୍ତ୍ତନ କରାଯାଇପାରିବ।



## ବେଲ୍‌ଜିୟମ-ନେଦରଲ୍ୟାଣ୍ଡସରେ ଏଫଆଇଏଚ୍ ହକି ବିଶ୍ୱକପ୍ ୧୫ରୁ

# ଷୋଡ଼ଶ ସଂସ୍କରଣରେ ୧୬ଟି ଦଳ, ୧୬ ଦିନର ଖେଳ

FIH
HOCKEY WORLD CUP
BELGIUM & NETHERLANDS
2026

ଆମଷ୍ଟଲଭିନ୍,୧୧।୮ (ଏଜେନ୍ସି)

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକକ କ୍ରୀଡ଼ା ପ୍ରତିଯୋଗିତା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକିର ୧୬ତମ ସଂସ୍କରଣ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ୧୬ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ପ୍ରଥମଥର ଲାଗି ଏହି ପ୍ରତିଯୋଗିତା ଦୁଇଟି ଦେଶ ଯଥା ୟୁରୋପର ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ଖେଳାଯିବ। ଉଭୟ ବିଭାଗରେ ୫୦ଟି ଲେଖାଏଁ ବା ମୋଟରେ ୧୦୦ଟି ମ୍ୟାଚ୍ ମାତ୍ର ୨ଟି ଭେନ୍ୟୁରେ ଖେଳାଯିବ। ଚତୁର୍ଥଥର ବିଶ୍ୱକପ୍ ଆୟୋଜନ କରୁଥିବା ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ ଓ ପ୍ରଥମଥର ଆୟୋଜନ କରୁଥିବା ବେଲ୍‌ଜିୟମ୍‌ର ୱାଭରେ ସହରରେ ସମସ୍ତ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୁରୁଷ ବିଭାଗର ଫାଇନାଲ ବେଲଜିୟମର ୱାଭ୍‌ରେଠାରେ ଅଗଷ୍ଟ ୩୦ରେ ଓ ମହିଳା ବିଭାଗର ଫାଇନାଲ ନେଦରଲାଣ୍ଡସର ଆମଷ୍ଟଲଭିନ୍‌ରେ ଅଗଷ୍ଟ ୨୯ରେ ଖେଳାଯିବ।

### ଟିମ୍ ଓ ଫର୍ମାଟ

ବିଶ୍ୱକପ୍ ହକିରେ ଭାଗ ନେଇଥିବା ୧୬ଟି ଦଳକୁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ଲେଖାଏଁ ପୁଲ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ପୁଲ୍‌ରେ ୪ଟି ଲେଖାଏଁ ଦଳ ରହିଥିଲାବେଳେ ସେମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷରେ ଦ୍ୱିତୀୟ ପର୍ଯ୍ୟାୟ ବା କ୍ରସ୍ ଓଭର (କ୍ୱାର୍ଟର ଫାଇନାଲ ଲିଗ୍ କହିଲେ ଅତ୍ୟୁକ୍ତି ହେବ ନାହିଁ) ଖେଳାଯିବ। ଏହା ମଧ୍ୟରୁ ପୁଲ୍‌ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ଟାଇଟଲ ଦୌଡ଼ରେ ସାମିଲ ହେବେ। ଏହି ୮ଟି ଦଳକୁ ମଧ୍ୟ ୨ଟି ପୁଲରେ ଭାଗ କରାଯିବ। ପ୍ରତ୍ୟେକ ପୁଲ୍‌ରେ ୪ଟି ଲେଖାଏଁ ଟିମ୍ ରହିବେ। ପୁଲ-ଇ'ରେ ପୁଲ୍-ଏ ଓ ପୁଲ-ଡି'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ସ୍ଥାନ ପାଇବେ। ସେହିପରି ପୁଲ-ଏଫ୍'ରେ ପୁଲ-ବି ଓ ପୁଲ-ସି'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ରହିବେ। ଏମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ପୁଲ ବା ପୁଲ୍-ଇ ଓ ଏଫ୍'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ୨ଟି, ତୃତୀୟ ସ୍ଥାନ ଓ ଫାଇନାଲ ଲାଗି ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ।

ସେହିପରି ପୁଲ୍‌ରେ ଶେଷ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକୁ ନେଇ ମଧ୍ୟ ଉପରୋକ୍ତ ଫର୍ମାଟ ପରି ମ୍ୟାଚ୍ ହେବ। ଏହା ପରେ ପ୍ରଥମରୁ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ଗୁଡ଼ିକ ମଧ୍ୟରେ ୫ମରୁ ୧୬ତମ ସ୍ଥାନ ଯାଏ କ୍ଲାସିଫିକେସନ ମ୍ୟାଚ୍ ଖେଳାଯିବ। ଏହି ବିଶ୍ୱକପ୍‌ରେ ପ୍ରଥମ ପର୍ଯ୍ୟାୟରେ ୨୪ଟି, କ୍ରସ୍ ଓଭରରେ ୧୬ଟି, କ୍ଲାସିଫିକେସନରେ ୬ଟି ଓ ସେମିଫାଇନାଲପରଠାରୁ ୪ଟି ବା ମୋଟରେ ୫୦ଟି ମ୍ୟାଚ୍ ଖେଳାଯିବ। ଫଳରେ ଉଭୟ ବିଭାଗରେ ମୋଟ ୧୦୦ଟି ମ୍ୟାଚ୍ ଅନୁଷ୍ଠିତ ହେବ।

ଏହି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଓ ମହିଳା ଦଳ ପୁଲ୍-ଡି'ରେ ସ୍ଥାନ ପାଇଛନ୍ତି। ଅଗଷ୍ଟ ୧୫ରେ ୱେଲ୍ସ ସହ ଖେଳି ଭାରତୀୟ ପୁରୁଷ ଦଳ ଅଭିଯାନ ଆରମ୍ଭ କରିବ। ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ହାଇଭୋଲ୍ଟେଜ ମୁକାବିଲା ହେବ। ସେହିପରି ମହିଳା ଦଳ ଅଗଷ୍ଟ ୧୬ରେ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହା ପରେ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ଅଗଷ୍ଟ ୨୦ରେ ଇଂଲଣ୍ଡ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ। ହରମନପ୍ରୀତ୍ ପୁରୁଷ ଓ ସଲିମା ଟେଟେ ମହିଳା ଦଳର ନେତୃତ୍ୱ ନେଉଛନ୍ତି।

| ପୁରୁଷ ବିଭାଗ | |
|---|---|
| ପୁଲ-ଏ | ଆର୍ଜେଣ୍ଟିନା, ଜାପାନ, ନେଦରଲାଣ୍ଡସ, ଜାପାନ |
| ପୁଲ-ବି | ଜର୍ମାନୀ, ବେଲଜିୟମ, ଫ୍ରାନ୍ସ ଓ ମାଲେସିଆ |
| ପୁଲ୍-ସି | ଅଷ୍ଟ୍ରେଲିଆ, ସ୍ପେନ୍, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା |
| ପୁଲ୍-ଡି | ଇଂଲଣ୍ଡ, ଭାରତ, ପାକିସ୍ତାନ ଓ ୱେଲ୍ସ |
| **ମହିଳା ବିଭାଗ** | |
| ପୁଲ-ଏ | ନେଦରଲକ୍ରାଣ୍ଡସ, ଅଷ୍ଟ୍ରେଲିଆ, ଚିଲି ଓ ଜାପାନ |
| ପୁଲ-ବି | ଜର୍ମାନୀ, ଆର୍ଜେଣ୍ଟିନା, ସ୍କଟଲାଣ୍ଡ ଓ ଆମେରିକା |
| ପୁଲ୍-ସି | ବେଲ୍‌ଜିୟମ, ସ୍ପେନ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ |
| ପୁଲ-ଡି | ଚୀନ୍, ଇଂଲଣ୍ଡ, ଭାରତ ଓ ଦକ୍ଷିଣ ଆଫ୍ରିକା |

## କ୍ରିକେଟର ଅଭିଷେକ ପୋରେଲ ଗିରଫ



କୋଲକାତା,୧୧।୮ (ଏଜେନ୍ସି): କର୍ଣ୍ଣାଟକର ଜଣେ ମେଡିକାଲ ଛାତ୍ରୀଙ୍କ ଅଭିଯୋଗକୁ ଆଧାର କରି ବେଙ୍ଗଲ ତଥା ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କ୍ରିକେଟ ଖେଳୁଥିବା ଯୁବ ୱିକେଟରକ୍ଷକ ଅଭିଷେକ ପୋରେଲଙ୍କୁ ହୁଗୁଳି ପୁଲିସ୍ ଗିରଫ୍ କରିଛି। ହୁଗୁଳି ପୁଲିସ୍ ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ମହିଳା ଜଣଙ୍କ କୋର୍ଟରେ ଅଭିଯୋଗ କରିବା ପରେ କୋଲକାତା ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଅଭିଷେକଙ୍କୁ ପୁଲିସ୍ ଆନୁଷ୍ଠାନିକ ଭାବେ ଗିରଫ କରି ପଚରାଉଚୁରା କରୁଛି। କର୍ଣ୍ଣାଟକର ଜଣେ ମେଡିକାଲ ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଅଭିଷେକ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ସାଢ଼େ ୩ ବର୍ଷ ହେଲା ସମ୍ପର୍କରେ ରହିଛନ୍ତି। ଶାରିରୀକ ସମ୍ପର୍କ ରଖିବା ସତ୍ତ୍ୱେ ଅଭିଷେକ ଏହାକୁ ଅସ୍ୱୀକାର କରିବା ସହ ବାହା ହେବାକୁ ମନାକରିଦେଇଥିଲେ। ଏପରିକି ଚଳିତବର୍ଷ ଏପ୍ରିଲ ୨ରେ ଉଭୟ ଦିଲ୍ଲୀରେ ରହୁଥିଲେ। ଦୁଇ ପରିବାର ମଧ୍ୟରେ ମଧ୍ୟ ବିବାହ ଲାଗି ଆଲୋଚନା ହୋଇଥିଲା। କିନ୍ତୁ ଏପ୍ରିଲ ୨ରେ ଅଭିଷେକ ହିଂସାତ୍ମକ ଆଚରଣ କରିବା ସହ ଆକ୍ରମଣ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପ୍ରଥମେ ଦୁଷ୍କର୍ମ, ପରେ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ଫଳରେ ଅଭିଷେକଙ୍କ କ୍ୟାରିୟର ଏବେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି। ଉଭୟ ବେଙ୍ଗଲ ଓ ଆଇପିଏଲ୍ ଦିଲ୍ଲୀ କ୍ୟାପିଟାଲ୍ସରେ ସେ ଜଣେ ପ୍ରମୁଖ ଓ ନିୟମିତ ଖେଳାଳି। ଗତବର୍ଷ ମଧ୍ୟ ଉତ୍ତରପ୍ରଦେଶ ଓ ଆଇପିଏଲ୍ ଟିମ୍ ରାୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜଣେ ଖେଳାଳି ଯଶ ଦୟାଲଙ୍କ ନାମରେ ସମାନ ଅଭିଯୋଗ ହୋଇଥିଲା। ଏବେ ଯଶ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଅଭିଷେକଙ୍କୁ ଧାରା ୬୯ ଅନୁଯାୟୀ ଗିରଫ କରାଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

## ସୁଶିଲଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ,୧୧।୮ (ଏଜେନ୍ସି): ହତ୍ୟା ଅଭିଯୋଗରେ ଗତ ୫ବର୍ଷ ହେଲା ଜେଲ୍‌ରେ ଥିବା ଦୁଇଥର ଅଲିମ୍ପିକ୍ ପଦକ ବିଜେତା କୁସ୍ତିଯୋଦ୍ଧା ସୁଶିଲ କୁମାରଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସାକ୍ଷୀଙ୍କୁ ପ୍ରବର୍ତ୍ତାଇବା ଓ ଏହି ମକଦ୍ଦମାର ବିଚାରକୁ ବିଳମ୍ବିତ କରିବାର ଦକ୍ଷତା ଥିବାରୁ ଜଣେ ଅପରାଧିଙ୍କୁ ଜାମିନ ଦିଆଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ତାଙ୍କ ଆଦେଶରେ କହିଛନ୍ତି। ପୂର୍ବରୁ ତାଙ୍କୁ ଦୁଇଥର ଜାମିନ ମିଳିଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟରେ ଜାମିନ ଆଦେଶକୁ ରଦ୍ଦ କରିଦିଆଯାଇଥିଲା। ଏବେ ପରିସ୍ଥିତି ବଦଳି ଯାଇଛି। ସୁଶିଲ କୁମାରଙ୍କ ମାଡରେ ମୃତ୍ୟୁବରଣ କରିଥିବା କନିଷ୍ଠ କୁସ୍ତିଯୋଦ୍ଧା ସାଗର ଧନକଡ଼ଙ୍କ ପିତା ଅଶୋକ ଧନକଡ଼ ଏଥିରେ ଆଉ ଅଂଶଗ୍ରହଣ କରୁନାହାନ୍ତି। ପରିସ୍ଥିତି ବଦଳିଯାଇଥିବାରୁ ସୁଶିଲଙ୍କୁ ଜାମିନ ଦେବାକୁ ତାଙ୍କ ଆଡଭୋକେଟ ସାନି ଆବେଦନ କରିଥିଲେ। ଏହାକୁ ଉଭୟ ଦିଲ୍ଲୀ ପୁଲିସ୍ ଓ ମୁଦେଇ ଅଶୋକ ଧନକଡ଼ ବିରୋଧ କରିବା ପରେ ଜାମିନ ଆବେଦନ ବାତିଲ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା ବୋଲି କୁହାଯାଉଛି।

## ଚର୍ଚ୍ଚାରେ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ

# ଜନ୍‌ସନ୍‌ଙ୍କ ଜାଆଁଳା ଭାଇ, ହର୍ମନ ଭ୍ରାତାଙ୍କୁ ସୁଯୋଗ







କେପଟାଉନ, ୧୧।୮ (ଏଜେନ୍ସି): ଆଗାମୀ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ ଓ ନାମିବ୍ୟା ବିପକ୍ଷ ଦିନିକିଆ ସିରିଜ ଲାଗି ମଙ୍ଗଳବାର ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବାମହାତୀ ସ୍ପିନର ବର୍ଜୋନ ଫର୍ଚୁଇନଙ୍କ ଘୋଷିତ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ତେବେ ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ଅଭିଜ୍ଞ ଅଲ୍‌ରାଉଣ୍ଡର ମାର୍କୋ ଜନସେନଙ୍କ ଜାଆଁଳା ଭାଇ ଡୁଆନ ଜନସନଙ୍କୁ ମଧ୍ୟ ନାମିବ୍ୟା ଗସ୍ତ ଲାଗି ସୁଯୋଗ ମିଳିଛି। ଫଳରେ ୨୬ ଡୁଆନ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ପଦାର୍ପଣ କରିବେ। ମାର୍କୋ ୨୦୨୧ରୁ ଦକ୍ଷିଣ ଆଫ୍ରିକା ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି। ଇତିମଧ୍ୟରେ ସେ ଦକ୍ଷିଣ ଆଫ୍ରିକା ପାଇଁ ୮୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ତାଙ୍କ ଭାଇ ଡୁଆନ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ପାଇଛନ୍ତି। ମାର୍କୋଙ୍କ ଭଳି ଡୁଆନ ମଧ୍ୟ ସମାନ ବାମହାତୀ ଦ୍ରୁତ ବୋଲିଂ କରୁଥିବାବେଳେ ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର୍ ରହିଛନ୍ତି। ଅପରପକ୍ଷରେ ଘୋଷିତ ଦଳରେ କୋର୍ବିନ ବୋଶ୍‌ଙ୍କ ଭାଇ ଇଥାନଙ୍କୁ ମଧ୍ୟ ନିଆଯାଇଛି। ଅବଶ୍ୟ ଇଥାନ ପୂର୍ବରୁ ୨୦୨୫ରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଗୋଟିଏ ଦିନିକିଆ ମ୍ୟାଚ ଖେଳିସାରିଛନ୍ତି। ସେହିଭଳି ଆଉ ଏକ କୌତୁହଳ କଥା ହେଉଛି ଉଭୟ ଜୋର୍ଡାନ ଓ ରୁବିନ ହର୍ମନ ଭ୍ରାତାଙ୍କୁ ମଧ୍ୟ ଏହି ଦଳରେ ସ୍ଥାନ ମିଳିଛି। ଉଲ୍ଲେଖଯୋଗ୍ୟ ଅଗଷ୍ଟ ୨୮ରୁ ଆୟୋଜକ ଜିମ୍ବାୱେ, ନାମିବ୍ୟା ଓ ଦକ୍ଷିଣ ଆଫ୍ରିକାକୁ ନେଇ ତ୍ରି-ରାଷ୍ଟ୍ରୀୟ ସିରିଜ ଆରମ୍ଭ ହେବ।

## ଅଷ୍ଟ୍ରେଲୀୟ କ୍ରିକେଟର ହେନରିଚଙ୍କୁ ପର୍ତ୍ତୁଗାଲ ଦଳର ନେତୃତ୍ୱ



ଲିସବନ୍, ୧୧।୮ (ଏଜେନ୍ସି): ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର୍ ମୋଇସେସ ହେନରିଚଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଆଗାମୀ ଆଇସିସି ଟି-୨୦ ବିଶ୍ୱକପ୍‌ର ୟୁରୋପୀୟ ଯୋଗ୍ୟତା ପର୍ଯ୍ୟାୟ ଲାଗି ମଙ୍ଗଳବାର ପର୍ତ୍ତୁଗାଲ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ପର୍ତ୍ତୁଗାଲ କ୍ରିକେଟ୍ ମହାସଂଘ ପକ୍ଷରୁ ଘୋଷିତ ୧୪ ଜଣିଆ ଦଳର ନେତୃତ୍ୱ ଭାର ହେନରିଚଙ୍କୁ ଦିଆଯାଇଛି। ୩୯ ବର୍ଷୀୟ ହେନରିଚ ଗତ ମାସରେ ଅଷ୍ଟ୍ରେଲିଆର ଘରୋଇ କ୍ରିକେଟ୍‌ରୁ ଅବସର ନେଇଥିଲେ। ଏହି ଡାହାଣହାତୀ ଅଲ୍‌ରାଉଣ୍ଡର ଅଷ୍ଟ୍ରେଲିଆ ପାଇଁ ୨୦୦୯ରୁ ୨୦୨୧ ପର୍ଯ୍ୟନ୍ତ ୪ଟି ଟେଷ୍ଟ, ୧୬ ଦିନିକିଆ ଓ ୨୪ ଟି-୨୦ ମ୍ୟାଚ୍ ଖେଳିଥିଲେ। ଏବେ ସେ ପର୍ତ୍ତୁଗାଲ ଦଳକୁ ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରାଇବାର ଦାୟିତ୍ୱ ନେଇଛନ୍ତି। ରିପୋର୍ଟ ଅନୁଯାୟୀ ହେନରିଚଙ୍କ ଜନ୍ମ ୧ ଫେବୃଆରୀ ୧୯୮୭ରେ ପର୍ତ୍ତୁଗାଲର ଫଞ୍ଚଲ ସହରରେ ହୋଇଥିଲା। ତେବେ ସେ ଛୋଟ ଥିବାବେଳେ ହେନରିଚଙ୍କ ପରିବାର ଅଷ୍ଟ୍ରେଲିଆ ଚାଲିଯାଇଥିଲେ। ଯେଉଁଠାରେ ହେନରିଚଙ୍କ କ୍ରିକେଟ୍ କ୍ୟାରିୟର ଆଗକୁ ବଢ଼ିଥିଲା।

# ୨୦୨୭ ଦିନିକିଆ ବିଶ୍ୱକପ୍: ଆଫଗାନିସ୍ତାନକୁ ଯୋଗ୍ୟତା



ଡବ୍ଲିନ୍,୧୧।୮ (ଏଜେନ୍ସି): ଏଠାରେ ସୋମବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରି ଆଫଗାନିସ୍ତାନ ୧୦ମ ଦଳ ଭାବେ ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ୱେଷ୍ଟଇଣ୍ଡିଜ୍ ଓ ଆୟର୍ଲାଣ୍ଡକୁ ଏବେ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପଡ଼ିବ। ୨୦୨୭ ବିଶ୍ୱକପ୍ ୩ଟି ଦେଶରେ ଆୟୋଜିତ ହେଉଥିଲେ ମଧ୍ୟ ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହାପରେ ଆଇସିସି ମାନ୍ୟତାରେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ପ୍ରଥମ ୧୦ଟି ସ୍ଥାନରେ ଥିବା ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଆଫଗାନିସ୍ତାନ ଏହି ମ୍ୟାଚ୍ ଜିତିବା ପରେ ଆଇସିସି ମାନ୍ୟତାରେ ୮ମ ସ୍ଥାନରେ ରହିବ। ଦୁଇ ଆୟୋଜକ ଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ପରେ ଆଉ ୮ଟି ଦଳ ଏଥିରେ ସାମିଲ ହେବେ। ସେଗୁଡ଼ିକ ହେଲେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନ। ନୂଆ ଫର୍ମାଟ ଅନୁଯାୟୀ ଏହି ୧୦ଟି ଦଳ ସୁପର-୧୨ଟି ଦଳ ମଧ୍ୟରେ ସ୍ଥାନ ପାଇଲେ। ଏଥିରେ ସ୍ଥାନ ପାଇବାକୁ ଥିବା ଅନ୍ୟ ଦୁଇଟି ଦଳକୁ କ୍ୱାଲିଫାୟର ଖେଳିବାକୁ ହେବ।

କ୍ୱାଲିଫାୟରରେ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ମଧ୍ୟରୁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ୨ଟି ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଟିମ୍, ୱାର୍ଲ୍ଡ କ୍ରିକେଟ ଲିଗ୍ ଓ ୱାର୍ଲ୍ଡକପ୍ କ୍ୱାଲିଫାୟର ପ୍ଲେ ଅଫ୍‌ର ୪ଟି ଲେଖାଏଁ ବା ମୋଟରେ ୧୦ଟି ଦଳକୁ ନେଇ କ୍ୱାଲିଫାୟର୍ସ ଖେଳାଯିବ। ଏହାର ବିଜେତା ସିଧାସଳଖ ସୁପର-୧୨'କୁ ଏକାଦଶ ଦଳ ଭାବେ ଯୋଗ୍ୟତା ଅର୍ଜନ କରିବ। ଏହା ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥସ୍ଥାନରେ ଥିବା ଦଳ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ନୂଆ ଫର୍ମାଟ ସୁପର ସିରିଜ୍ ଖେଳାଯିବ। ଏହାର ବିଜେତା ଶେଷ ଦଳ ଭାବେ ସୁପର-୧୨'ରେ ସ୍ଥାନ ପାଇବ। ଶେଷ ୨ଟି ସ୍ଥାନ ଲାଗି ୱେଷ୍ଟଇଣ୍ଡିଜ୍, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ନେଦରଲ୍ୟାଣ୍ଡସ, ଆମେରିକା ଓ ଯୁଗ୍ମ ଆୟୋଜକ ନାମ୍ବିଆ ତୀବ୍ର ମୁକାବିଲାର ସମ୍ମୁଖୀନ ହେବେ।

# ଶ୍ରୀଲଙ୍କାରେ ପ୍ରଥମଥର ଟେଷ୍ଟ ଖେଳିବେ ୧୨ ଭାରତୀୟ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍ ଷ୍ଟାଡିୟମରେ ଆରମ୍ଭ ହେବାକୁଯାଉଛି। ଏଥିଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳ କଲମ୍ବୋରେ ଜୋରଦାର ଅଭ୍ୟାସ ଚଳାଇଛି। ଏଠାରେ ଘରୋଇ ଦଳ ବିପକ୍ଷରେ ଖେଳାଯାଇଥିବା ୩ ଦିନିଆ ଅଭ୍ୟାସ ମ୍ୟାଚକୁ ଜିତି ଭାରତ ମଧ୍ୟ ଭଲ ପ୍ରସ୍ତୁତି କରିନେଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଦୃଷ୍ଟିରୁ ଏହି ସିରିଜ୍ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି। ଯେଉଁ ଦଳ କ୍ଲିନ୍ ସୁଇପ୍ କରିବ ସେହିଦଳ ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାର ଶ୍ରେଷ୍ଠ ଚାରିରେ ସ୍ଥାନ ପାଇପାରିବ। ଭାରତୀୟ ଦଳ ଉପରେ ନଜର ପକାଇଲେ ମାତ୍ର ୩ଜଣ ଖେଳାଳି ଶ୍ରୀଲଙ୍କା ମାଟିରେ ପୂର୍ବରୁ ଟେଷ୍ଟ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏହି ୩ଜଣ ହେଲେ ଲୋକେଶ ରାହୁଲ, ରବିନ୍ଦ୍ର ଜାଡେଜା ଏବଂ କୁଳଦୀପ ଯାଦବ। ଅନ୍ୟ କୌଣସି ଖେଳାଳି ପୂର୍ବରୁ ଶ୍ରୀଲଙ୍କାରେ ଟେଷ୍ଟ ଖେଳି ନାହାଁନ୍ତି। ଫଳରେ ଚଳିତ ଗସ୍ତରେ ୧୨ଜଣ ଭାରତୀୟ କ୍ରିକେଟର୍ ଶ୍ରୀଲଙ୍କା ମାଟିରେ ପ୍ରଥମଥର ଟେଷ୍ଟ ଖେଳିବାର ସମ୍ଭାବନା ରହିଛି। ୫୦ ଟେଷ୍ଟ ଖେଳିଥିବା ଋଷଭ ପନ୍ତ ଶ୍ରୀଲଙ୍କାରେ କେବେ ବି ଟେଷ୍ଟ ଖେଳିନାହାଁନ୍ତି।

ରାହୁଲ ଶ୍ରୀଲଙ୍କାରେ ପାଞ୍ଚଟି ଟେଷ୍ଟ ଖେଳିଛନ୍ତି। ଆଠ ଇନିଂସରେ ସେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ସହ ମୋଟ୍ ୨୬୮ ରନ କରିଛନ୍ତି। ସେହିଭଳି ଜାଡେଜା ଶ୍ରୀଲଙ୍କାରେ ଦୁଇଟି ଟେଷ୍ଟ ଖେଳି ମୋଟ୍ ୮୫ ରନ ଓ ୧୩ ୱିକେଟ ନେଇଛନ୍ତି। କୁଳଦୀପ କେବଳ ଗୋଟିଏ ଟେଷ୍ଟ ଖେଳି ମୋଟ ପାଞ୍ଚ ୱିକେଟ୍ ଅକ୍ତିଆର କରିଛନ୍ତି।

## ଟରୋଣ୍ଟୋ ମାଷ୍ଟର୍ସ: ସେମିରେ ସ୍ୱିଆଟେକ, ସ୍ୱିତୋଲିନା

ଟରୋଣ୍ଟୋ, ୧୧।୮ (ଏଜେନ୍ସି): ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସ ତଥା କାନାଡିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଗା ସ୍ୱିଆଟେକ ଓ ଏଲିନା ସ୍ୱିତୋଲିନା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୋଲାଣ୍ଡ ତାରକା ସ୍ୱିଆଟେକ ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ୬-୨, ୬-୧ ସିଧାସଳଖ ସେଟରେ ରୁଷିଆର ଡାଏନା ଶାନାଇଦରଙ୍କୁ ପରାସ୍ତ କରିଥିଲେ। ଛଅଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସ୍ୱିଆଟେକ ସେମିଫାଇନାଲରେ ୟୁକ୍ରେନ ତାରକା ଏଲିନା ସ୍ୱିତୋଲିନାଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ସ୍ୱିତୋଲିନା ୩-୬, ୬-୦, ୬-୩ ସେଟରେ ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସ୍ୱିତୋଲିନା ଏଥିସହ ଦ୍ୱିତୀୟ ମହିଳା ଖେଳାଳି ଭାବରେ ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ୧୦ଟି ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି।

## ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ

# ବାଳକ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଭୁବନେଶ୍ୱର,୧୧।୮ (ସମିସ): କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଆରମ୍ଭ ହୋଇଥିବା ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳକ ବିଭାଗ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଖୋର୍ଦ୍ଧା ଜିଲ୍ଲା ସଂଘର ଜିଜ୍ଞାସୁ ସାଇକିରଣ ପ୍ରଧାନଙ୍କ ସହ ଭୁବନେଶ୍ୱର ଟିଟି ସଂଘର ଆତ୍ମନ ଦାସଙ୍କର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ସଂଘର ଦୁଇ ଖେଳାଳି ହିତେଶ ଅଗରୱାଲ ଓ ଅଭିଷେକ ଦାସ ପରସ୍ପର ସହ ଲଢ଼େଇ କରିବେ। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ଲିଗ୍‌ରେ ଜିଜ୍ଞାସୁ ନିଜ ଟିମ୍‌ର ରୀତେଶ ମହାପାତ୍ରଙ୍କୁ ୩-୦ରେ, ଆତ୍ମନ ୩-୦ରେ ଖୋର୍ଦ୍ଧାର ଆୟୁଷ୍ମାନ ପତିଙ୍କୁ, ଭୁବନେଶ୍ୱରର ହିତେଶ ଅଗରୱାଲ ୩-୨ରେ କଟକର ତମିମ ଉବୈଦଙ୍କୁ ଓ ଅଭିଷେକ ୩-୨ରେ କଟକର ସୟଦ ଅର୍ଶ ଅଲିଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ଅଗଷ୍ଟ ୨୨ରେ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ଲେଭଲ୍ ମିଟ୍

# କଳିଙ୍ଗରେ ୧୮ ଇଭେଣ୍ଟରେ ହେବ ଲଢ଼େଇ

ଭୁବନେଶ୍ୱର, ୧୧।୮ (ସମିସ)




ଫାଇଲ୍ ଫଟୋ

ଚଳିତ ମାସ ୨୨ ତାରିଖରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ ପ୍ରତିଯୋଗିତା ହେବ। ଏହି ଦିନିକିଆ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଲାଗି ବିଶ୍ୱ ଆଥଲେଟିକ୍ସ ପକ୍ଷରୁ ମଙ୍ଗଳବାର ଇଭେଣ୍ଟ ତାଲିକା ଘୋଷଣା କରାଯାଇଛି। ମୋଟ୍ ଉପରେ କଳିଙ୍ଗରେ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ପ୍ରତିଯୋଗିତା ସାମିଲ ରହିଛି। ବିଶ୍ୱ ଆଥଲେଟିକ୍ସ ନିୟମ ଅନୁଯାୟୀ ସିଲଭର୍ ମିଟ୍ ପାଇଁ ଅତି କମରେ ୭୫,୦୦୦ ଆମେରିକୀୟ ଡଲାର (୭୧ ଲକ୍ଷ ୫୧ ହଜାର ଟଙ୍କା)ର ମୋଟ ପୁରସ୍କାର ପ୍ରଦାନ କରାଯିବ। ଗତବର୍ଷ ଏହି ସମାନ ଭେନ୍ୟୁରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିଲାଗି ନିୟମ ଅନୁଯାୟୀ ୨୫ ହଜାର ଡଲାରର ପୁରସ୍କାର ରହିଥିଲା। ସେହିଭଳି ସିଲଭର ଲେଭଲ୍‌ରେ ବିଜୟୀ ପ୍ରତିଯୋଗୀଙ୍କୁ କାଟାଗୋରୀ-ବି ପଏଣ୍ଟ ମିଳିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୯ରୁ ଜାପାନର ଆଇଚି-ନାଗୋୟାରେ ଗୁରୁତ୍ୱପୂର୍ଣ୍ଣ ଏସୀୟ କ୍ରୀଡ଼ା ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ କଳିଙ୍ଗ ପ୍ରତିଯୋଗିତାକୁ ଭାରତୀୟ କ୍ରୀଡ଼ାବିତ୍ ଅନ୍ତିମ ପ୍ରସ୍ତୁତି ଶିବିର ହେବ। ଭାରତର ପ୍ରାୟ ୬୦ ଜଣ ଖେଳାଳି, ପ୍ରଶିକ୍ଷକ ଏହି ଦିନିକିଆ ପ୍ରତିଯୋଗିତାରେ ସାମିଲ ହେବାର ଆଶା କରାଯାଉଛି। ପୋଲାଣ୍ଡର ସ୍ପାଟାରେ ବର୍ତ୍ତମାନ ତାଲିମ ନେଉଥିବା ଅଧିକାଂଶ ଭାରତୀୟ ଆଥଲେଟ୍ ଭୁବନେଶ୍ୱର ଫେରି ଶିବିରରେ ସେମାନଙ୍କର ପ୍ରସ୍ତୁତି ଜାରି ରଖିବେ ବୋଲି ଆଶା କରାଯାଉଛି। ଗ୍ଲାସଗୋରେ ଜାଭେଲିନ ଥ୍ରୋରେ କାଂସ୍ୟ ଜିତିଥିବା ଯଶବୀର ସିଂହ, ମୁରଲୀ ଶ୍ରୀଶଙ୍କର, ସର୍ବେଶ କୁମାର ପ୍ରମୁଖ କଳିଙ୍ଗରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏଠାରେ ନୀରଜ ଚୋପ୍ରା ଅଂଶଗ୍ରହଣ କରିବେ ନାହିଁ। ଅଗଷ୍ଟ ୨୧ରେ ଲୌସାନେ ଡାଇମଣ୍ଡ ଲିଗରେ ଅର୍ଶଦ ନଦୀମ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ ରୁମେଶ ଥରଙ୍ଗା ପାଥିରାଗେଙ୍କ ବିପକ୍ଷରେ ନୀରଜ ପ୍ରତିଦ୍ୱନ୍ଦ୍ୱିତା କରିବା ନିଶ୍ଚିତ ହୋଇଛି।

### କଳିଙ୍ଗରେ ହେବାକୁ ଥିବା ଇଭେଣ୍ଟ

**ପୁରୁଷ:** ୧୦୦ ମିଟର, ୪୦୦ ମିଟର, ୮୦୦ ମିଟର, ୫୦୦୦ ମିଟର, ୧୧୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ୍ ଓ ଜାଭେଲିନ ଥ୍ରୋ।

**ମହିଳା:** ୧୦୦ ମିଟର, ୪୦୦ ମିଟର, ୧୫୦୦ ମିଟର, ୫୦୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ୍ ଥ୍ରୋ ଓ ଜାଭେଲିନ ଥ୍ରୋ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS